ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, June 19/2025 Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 204 | ମୂଲ୍ୟ ₹୭/-



# RANKERS CREATED & AVERAGE TRANSFORMED TO AWESOME NEET 2025

**Decade-long consistency in Superb Success Rate delivered this year too**

**OVERWHELMING RESULTS IN ALL THE FRONTS: NEET, JEE (M&A), BOARD EXAMS, FRESHERS & REPEATERS**

**BHUBANESWAR CAMPUS**
JAYADEV VIHAR, BIJU PATTNAIK COLLEGE ROAD
7381064208 / 8249889460 / 7381013202

## YUVODAYA MEDICAL/IIT-JEE

**BALANGIR CAMPUS**
Campus: SAKMA / Admission Office: HATISAL PADA
9777884488 / 9938086842 / 9437367867

602 AIR - 1247 / CRL - 384 CHUMKI JENA

598 AIR - 1515/ CRL - 877 RUPA DASH

547 JEE-ADV: AIR - 03 (PWD) NEET: CRL - 12 (PWD) TARAKANTA ROUT

592 ANWESH ARPAN ACHARYA · 583 OMM ABINASH SAHOO · 571 PRATYUSH RANJAN NAIK · 570 OM PRAKASH SAMANTARA (EWS) · 565 SOMYA SAHIL SETH (EWS)

563 SOUMYA RANJAN SWAIN · 559 JAGABANDHU MISHRA · 557 SHUBHAM BARIK · 556 BARSHARANI PADHAN · 555 POLOSTYA MEHER · 553 SHIBASISH MEHER

550 OMPRATIK MAHANA · 549 SUSHREE SMRUTI SAMAL · 549 AYUSHMAN BHOI · 548 ANWESHA ANANYA MEHER · 547 SUNIL KARNA · 547 SARTHAK PATTANAIK

544 PRITI PARINITA PATEL · 543 AMAN KUMAR NAIK · 543 SWAYAMBHU S. PANIGRAHI · 542 ARNAB PATEL · 538 KIRAN PRABHA AGRAWAL · 538 GOURI SHANKAR MEHER

537 SUBHRANSHU S. SATPATHY · 536 ROSHAN SENAPATI · 536 KRISHNA CH. BARIK · 535 SHEETAL CHOUDHURY · 535 HRUSHIKESH SAHU · 534 AMISH SAHU

534 MAHESWAR BALA · 533 SASMITA JENA · 533 DEEPAK SAHU · 530 BISWA PRASAD MEHER · 525 ASHISH ANSHUMAN NAYAK · 525 SUSIL SAHU (GOVT. CAT.)

523 RAJIB LOCHAN MOHARANA · 522 PRATIKSHYA TRIPATHY · 522 AMIT KUMAR DAS · 521 LIPAN GADTIA · 521 CHINMAY PATRA · 518 KRISHNA KALYANI SAHOO · 516 HARUNM BISWAL

516 SATYAM KUMAR SAHOO · 516 DIPTEERANJAN BEHERA · 511 PARTHASARATHI TARAI · 501 CHANDRAKANTI KARMI · 493 PRAMOD KUMAR BAG · 488 ADITYA KUMAR NAIK · 482 BIRAJ SAHU

480 TAPASWINI SUNA · 472 AYESHA NANDA · 470 ARATI SETH · 447 TOFAN KUMAR CHALAN · 395 CHHAYAKANTA BEHERA · 360 BHANUPRIYA SINGH · 345 ROCKY MEHER

592 SNITI DANTA · 588 PRAJNA PARIMITA PADHAN · 587 DEBASHISH JOSHI · 584 SWAPNIL KUMAR SAHU · 570 NIKITA SWAIN

570 PRATYUSH DASH (FRESHER) · 568 DHIRAJ PADHAN · 565 PRATIKSHA P. PATRA (FRESHER) · 565 SIMPAL PATTNAIK (FRESHER) · 564 KRISHNA SAGAR MISHRA · 563 SRUSHTI AYESHA PRADHAN

558 CHINMAYA SAHU · 558 TILAK HOTA (FRESHER) · 551 LENA LINALI PATEL · 551 PRITIDEV SAHU · 550 SUBHANKAR NANDA · 549 BHARATI RATH

545 SAGARIKA NAIK · 544 SACHI SANIDDHYA SAHU · 543 JYOTIPRANGYA SAHU · 542 SMARAK SANGAM BARIK · 542 DEBESH SAHU (FRESHER) · 540 AYUSH MEHER

540 SANGITA BHOI · 537 SOUJANYA S. SARANGI (EWS) · 537 DEEPIKA RANI BHOI (FRESHER (CAT.)) · 534 SAPTAJIT NANDA · 529 NIKHIL BEHERA · 528 SWETAPUSPITA SAHU

524 SIBANI SATAPATHY (EWS) · 524 AMAN KUMAR YADAV (FRESHER) · 524 PRAGNYA PANDA · 522 GIRIJA P. DASH · 521 ROHAN BEHERA · 517 MIRAJ KUMAR BHOI (FRESHER)

517 KRUTIKA SAHU (EWS / FRESHER) · 516 RAJU MEHER (FRESHER) · 494 BISWAJIT JAL (CAT.) · 469 ANUBHAB KUANR (FRESHER (CAT.)) · 396 MADHUSMITA HANSDA (FRESHER (CAT.)) · 367 JASMIN ORAM (CAT.) · 357 L. PRATIGYAN RANI (CAT.)

- 120+ Govt. MBBS probables in 2025
- 30 students scored above 550
- 100 students scored above 515
- 40 students expected in AIIMS / SCB

**ADMISSIONS IN FULL SWING**
Next batch will start from 24th June, 2025

**BORDERLINE SELECTIONS**
514 OM PRAKASH SAHA · 513 JEEBAN SAHU · 512 RANKESH SAHU · 512 SHRABANEE MAHAKUR · 511 SHAMAN GADATIA · 509 JYOTIRANJAN NAYAK · 507 SUBRAT PATEL · 507 AYUSH BARPANDA · 506 HELLIN SWAIN · 506 SWAROOP MOHAPATRA · 505 PRAGYA PARIMITA MAHAR · 505 SARTHAK SAHU · 504 ASHIS ROUT · 504 SUBHASISH SAHU · 503 KRITI SAMANTARAY (FRESHER) · 501 AMAR KUMAR MAHAPATRA · 501 ADARSH PASAYAT · 500 OM PRAKASH PADHAN (FRESHER) · 500 PRIYABRATA PARIDA

**IIT - 2025 1st Round Selections**
IIT Bombay – SWAYAM SUNDAR MEHER · IIT Bombay – KRISHNAS MISHRA · IIT Kanpur – PURUSHOTTAM BHOINA · IIT Kharagpur – KAMLESH SAHU · IIT Kharagpur – RUCHISMITA PRADHAN

**JOSSA (FIRST ROUND)**
NIT Rourkela – AYUSH PATEL · NIT Rourkela – NISHANT K. SAHU · NIT Rourkela – SUBHAM K. SAHU · NIT Rourkela – KEDAR K. CHHURA · NIT Rourkela – SONAKSHI MAHARANA · NIT Rourkela – ANAND KUMAR SAHU · NIT Rourkela – ANWESH PATEL

NIT Rourkela (QUALIFIER) – PRITISH CHANDAN SAHU · NIT Raipur – DISHA AGRAWAL · NIT Raipur – BIJAYLAXMI MISHRA · NIT Guwhati – SIDDHARTH S. DHAR · NIT Calicut – PRIYARANJAN SUNANI · IIIT BBSR – SOMDUTTA MAHAKUR · IMU KOLKATA – SHREYAN NAYAK

**The Harder The Exams, The Better Are The YUVODAYANs**

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ସୌମ୍ୟାଶ୍ରୀ କୃତକାର୍ଯ୍ୟ

**ପାଇକମାଲ,୧୮।୬(ବଡ ଶତପଥୀ):** ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଧାରୋଲ ଗାଁର ସୌମ୍ୟାଶ୍ରୀ ପ୍ରଧାନ ଚଳିତ ସର୍ବଭାରତୀୟ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୭୨୦ ମାର୍କରୁ ୫୨୬ ମାର୍କ ରଖିଛନ୍ତି ତଥା ଓବିସି ବର୍ଗରେ ୧୨୧୮୫ ର୍ୟାଙ୍କରେ ରହି ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୌମ୍ୟାଶ୍ରୀ ପିଲାବେଳୁ ମେଧାବୀ ଛାତ୍ରୀ ଥିଲେ। ସେ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଠ ପଢ଼ି ପାଇକମାଲ ନବୋଦୟ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପାଠ ପଢୁଥିଲେ। ଧାରୋଲ ଗାଁର ତେଜରାଜ ପ୍ରଧାନ ଓ ନିରୋଜ ନଳିନୀ ପ୍ରଧାନଙ୍କ ଝିଅ ସୌମ୍ୟାଶ୍ରୀ । ତାଙ୍କ ବାପା ଜଣେ ପ୍ରାଥମିକ ଶିକ୍ଷକ ହୋଇଥିବା ବେଳେ ମା' ଗୃହିଣୀ। ଡାକ୍ତରୀ ଶିକ୍ଷା ପରେ ସେ ସୁଚାରୁରୂପେ ରୋଗୀସେବା କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ତାଙ୍କ ସଫଳତାରେ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି।



ସୌମ୍ୟାଶ୍ରୀ ପ୍ରଧାନ



ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

# ଧାନକିଣାରେ ଅଚଳାବସ୍ଥା, ଚାଷୀଙ୍କ ଧାରଣା

**ବରଗଡ଼,୧୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରି ନାହିଁ। ଅଥଚ ଏବେଠାରୁ ଧାନ କିଣାବିକାରେ ଅଚଳାବସ୍ଥା ସ୍ଥିତି ଉପୁଜିଛି। ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ଅନୁରୂପଭାବେ ବିକ୍ରି ପାଇଁ ଅନେକ ଚାଷୀ ସେମାନଙ୍କ ଧାନ ଘରେ, ଖଳାରେ ରଖିଛନ୍ତି। କିନ୍ତୁ ମଣ୍ଡିରେ ଧାନ ଉଠାଯାଉ ନ ଥିବାବେଳେ ଚାଷୀ ବିକ୍ରିଯୋଗ୍ୟ ଧାନ ମଣ୍ଡିକୁ ଆଣୁଥିବାବେଳେ ତାକୁ ମଧ୍ୟ ଏଣ୍ଟ୍ରି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବର୍ଷା ମାଡ଼ି ଆସିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା ଶାଖା ସମେତ ଜିଲାର ବିଭିନ୍ନ ଚାଷୀ ସଂଗଠନ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଧାରଣାସ୍ଥଳକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମଣ୍ଡିରେ ଧାନ ଏଣ୍ଟ୍ରି ସହିତ ଧାନ ଉଠାଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀମାନେ ଅତିରିକ୍ତ ଜିଲାପାଳ ଏବଂ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। ତେବେ ବିଭିନ୍ନ ମଣ୍ଡିରେ ଧାନ ଏଣ୍ଟ୍ରି ସହିତ ଉଠାଣ ପ୍ରକ୍ରିୟା ପୁଣି ଆରମ୍ଭ କରାଯାଇଥିବା ଜାଣିବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

ସୂଚନା ଅନୁଯାୟୀ, ଗତ ମେ' ୧୪ ତାରିଖରୁ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ମେ' ମାସ ଶେଷ ସପ୍ତାହରେ ଅଦିନିଆ ବର୍ଷା ହେବା ଯୋଗୁ ଧାନ କିଣାବିକା ବାଧାପ୍ରାପ୍ତ ହୋଇଥିଲା। ଏହାପରେ ଧାନ ଉଠାଣ ପ୍ରକ୍ରିୟା ମଧ୍ୟ ଶିଥିଳ ହୋଇ ପଡ଼ିଥିଲା। ମଣ୍ଡିଗୁଡ଼ିକୁ ଯେଉଁ ପରିମାଣରେ ଧାନ ଆସୁଥିଲା, ସେହି ଅନୁପାତରେ ଧାନ ଉଠାଣ ହେଉ ନ ଥିବାରୁ ପରିସ୍ଥିତି ଦିନକୁ ଦିନ ଜଟିଳ ହୋଇ ପଡ଼ିଥିଲା। ଅନ୍ୟପଟେ ମଣ୍ଡିକୁ ନ ଆସି ବେପାରୀ ମାଧ୍ୟମରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଧାନ ଯାଉଥିବା ଏବଂ ତାକୁ ପରବର୍ତ୍ତୀ ସମୟରେ ଫଲ୍ସଏଣ୍ଟ୍ରି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏଭଳିଭାବେ ଛତିଶଗଡ଼ର ବହୁ ପରିମାଣର ଧାନ ବିଭିନ୍ନ ରାଇସ୍ ମିଲ୍‌ରେ ପୂରି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଜିଲାର ଚାଷୀମାନଙ୍କ ବହୁ ପରିମାଣରେ ଧାନ ମଣ୍ଡି ଏବଂ ଖଳାରେ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। କିନ୍ତୁ ବିଭିନ୍ନ ଆଳ ଦେଖାଇ ଖଳାରେ ପଡ଼ିଥିବା ଧାନକୁ ମଣ୍ଡିରେ ଏଣ୍ଟ୍ରି କରି ଦିଆଯାଉ ନ ଥିବାବେଳେ ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଯାଉ ନ ଥିବା ଅଭିଯୋଗ ହୋଇଛି। କେତେବେଳେ କଟନୀଛଟନୀ ତ ଆଉକେବେ ମିଲର୍ସଙ୍କ ଆଲଟ୍‌ମେଣ୍ଟ ପୂରି ଯାଇଥିବା ଏବଂ ଧାନକିଣା ପାଇଁ ଟ୍ୟାଗ୍ ନ ଥିବା ବିଭାଗୀୟ କର୍ମଚାରୀମାନେ ସଫେଇ ଦେଉଛନ୍ତି ବୋଲି ଚାଷୀମାନେ କହିଛନ୍ତି। ତେବେ ବୁଧବାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଅତାବିରା, ମନାପଡ଼ା, ଲରମ୍ଭା, ପାହାଡ଼ଶ୍ରୀଗିଡ଼ା ସମେତ ଅନ୍ୟ ଆର୍‌ଏମ୍‌ସିର ବିଭିନ୍ନ ମଣ୍ଡିରେ ସେଭଳି ପରିସ୍ଥିତି ଉପୁଜିଥିଲା। ଫଳରେ ଚାଷୀ ଅସନ୍ତୋଷ ଦେଖାଯାଇଥିଲା ଏବଂ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଧାରଣାରେ ବସିଥିଲେ। ଚାଷୀନେତା ଟିକେଲାଲ ମିଶ୍ର, ରମେଶ ମହାପାତ୍ରଙ୍କ ନେତୃତ୍ୱରେ ଅନେକ ଚାଷୀ ଧାରଣାରେ ସାମିଲ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ ବରିଷ୍ଠ ନାଗରିକ

**ପଦ୍ମପୁର, ୧୮।୬(ପ୍ରଦୀପ୍ତ ଦାଶ)**

**ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ଅସୁବିଧା ଉପରେ ଆଲୋଚନା**

ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ ଅବସରରେ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ ତାଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ସମୟରେ ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ଅସୁବିଧାର ନିରାକରଣ ପାଇଁ ଆଲୋଚନା କରିଛନ୍ତି। ଚିକିତ୍ସାଳୟରେ ଖାଲିପଡିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର, ନର୍ସ, ଅଫିସର ଏବଂ ଚକ୍ଷୁ ବିଭାଗକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା, ପାରାମେଡିକାଲ ଷ୍ଟାଫ୍ ଅଭାବ ସହିତ ଅଟୋଆନାଲାଇଜର ମେଶିନ କାର୍ଯ୍ୟକ୍ଷମ କରିବା ସହିତ ଅଲ୍‌ଟ୍ରାସାଉଣ୍ଡ ମେଶିନକୁ ଚାଲୁ ରଖିବା ସହ ଆନୁଷଙ୍ଗିକ ଅସୁବିଧା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଜିଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚଭନ, ଜିଲା ଚିକିତ୍ସାଧିକାରୀ କୁବେର ଚରଣ ମହନ୍ତ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଜୟନାରାୟଣ ତ୍ରିପାଠୀ, ସଦସ୍ୟ ରାସବିହାରୀ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଉଛି।

## ଆପତ୍‌କାଳୀନ ପରିସ୍ଥିତିର ମୁକାବିଲାକୁ ଗୁରୁତ୍ୱ

**ବରଗଡ଼,୧୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାରେ ଆପତ୍‌କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ବିପର୍ଯ୍ୟୟ ନିରୀକ୍ଷକ ପ୍ରଭୁଦତ୍ତ କୁମାର ପାଢ଼ୀଙ୍କ ସମେତ ଇନ୍‌ଷ୍ଟ୍ରକ୍ଟର, ଡିପିଓ ପ୍ରଭାକର ଲେଙ୍କା, ଜିଲା ଆପାତ୍ ବ୍ୟବସ୍ଥାପନ ଅଧିକାରୀ ମଧୁସ୍ମିତା ସାମଲ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ତଥା ବିପଦ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ ଅବଲମ୍ବନ କରିବା ଏବଂ ଆପାତ୍‌କାଳୀନ ପରିସ୍ଥିତିର ମୁକାବିଲା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ୭ ଦଫା ଦାବିକଲା ବରଗଡ଼ ନାଗରିକ ମଞ୍ଚ

**ବରଗଡ଼,୧୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନାଗରିକ ମଞ୍ଚ ୭ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ବରଗଡ଼ ସହରର ବିଭିନ୍ନ ସମସ୍ୟା ନେଇ ଉଲ୍ଲେଖ କରାଯିବା ସହିତ ସେଗୁଡ଼ିକର ସମାଧାନ ପାଇଁ ଦାବି ହୋଇଛି। ସେଗୁଡ଼ିକ ମଧ୍ୟରେ ନିଶା କାରବାର, ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ୍‌ରେ ଟ୍ରାଫିକ ସମସ୍ୟା, ଜର୍ଜ ହାଇସ୍କୁଲ ପଡ଼ିଆର ଉନ୍ନତୀକରଣ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ପୂରଣ, ରାତ୍ରିକାଳୀନ ଆଶୁ ଚିକିତ୍ସା ସେବା, ଔଷଧ ସେବା, ବାଉଲସିଂହା ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି, ନୂତନ ଜିରାବ୍ରିଜକୁ ସ୍ୱାଧୀନତା ସଂଗ୍ରାମୀ ଫକୀର ବେହେରାଙ୍କ ନାମରେ ନାମିତ କରିବା ଦାବି ରହିଛି। ବରଗଡ଼ ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ସମ୍ପାଦକ ଭବାନୀ ସାହୁ, ଉପସଭାପତି ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ସୁରଥ ସାହୁ, ଗୋବିନ୍ଦ ଶର୍ମା, ଶିବାନନ୍ଦ ମଟାରୀ, ନିତ୍ୟାନନ୍ଦ ବାଗ, ନିଖିଳ ପାଣିଗ୍ରାହୀ, ମହେନ୍ଦ୍ର ପୁରୋହିତ, ସଚ୍ଚିଦାନନ୍ଦ ପଣ୍ଡା, ସୁଦାମ ସାହୁ, ଲତିଫ୍ ଖାନ୍, ମନୋହର ପ୍ରଧାନ, ସୁଶାନ୍ତ ସାହୁ, ଲାଲା ଦୀପ, ଜି.ଭି. ରାଓ, ସୁବାସ ପ୍ରଧାନ, ଜୀବନଲାଲ ଚୌଧୁରୀ, ଗଙ୍ଗାଧର ପୂଝାରୀ, ଲଳିତ ମିତ୍ତଲ, ରମେଶ ବେହେରା, ଜିତୁ ମେହେର, ଆଶିଷ ତ୍ରିପାଠୀ, ମୁକୁନ୍ଦ ତାଣ୍ଡି, ଫିରୋଜ ଖାନ୍, ଅନିରୁଦ୍ଧ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ଅଣଚାଷୀଙ୍କୁ ଦିଆଯାଇଛି ଧାନବିକ୍ରି ଟୋକନ

**ବରଗଡ଼,୧୮।୬(ପ୍ରେମାନନ୍ଦ ଖମାରୀ)**

**ଧାନ କିଣାବିକା ଜାଲିଆତି**
- ଜିଲାପାଳ, ଡିଆରସିଏସଙ୍କୁ ଫେରାଦ
- ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତି ଯାଇଛି। ମାତ୍ର ଧାନବିକ୍ରି ନେଇ ଜିଲାର ଚାଷୀମାନେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ମଣ୍ଡିରେ ଧାନ ଉଠାଯାଉ ନ ଥିବାବେଳେ କେଉଁ ଚାଷୀଙ୍କ ଟୋକନ ଅବଧି ସରିଯାଉଛି ତ ବର୍ଷା ମାଡ଼ି ଆସିଥିବାରୁ କାହାର ଧାନ ଭିଜି ନଷ୍ଟ ହୋଇ ବସିଛି। ଅନ୍ୟପଟେ ଜାଲିଆତି କରି ଧାନଚାଷ କରି ନ ଥିବା ତଥା ଅଣଚାଷୀଙ୍କ ନାମରେ ଟୋକନ ଇସ୍ୟୁ କରାଯାଇଛି ଏବଂ ସେହି ଟୋକନ ଆଧାରରେ ବେପାରୀଙ୍କ ମାଧ୍ୟମରେ ଛତିଶଗଡ଼ ଧାନକୁ ବରଗଡ଼ ଜିଲାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।

ଏଭଳି ଅଭିଯୋଗରେ ସୋହେଲା ବ୍ଲକ ଅନ୍ତର୍ଗତ ପାଣିମୋରା ଏବଂ ବରପାଲି ବ୍ଲକ ଅନ୍ତର୍ଗତ ସତଲମା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ବିଭାଗୀୟ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ପାଇଁ ବିଭାଗୀୟ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେବେ ଏହି ୨ ପାକ୍ସରେ ହୋଇଥିବା ଜାଲିଆତି ଅଭିଯୋଗର ଚର୍ଚ୍ଚା ନ ସରୁଣୁ ବରଗଡ଼ ବ୍ଲକ ସରସରା ପ୍ରାଥମିକ କୃଷି ସମବାୟ ସମିତିରେ ମଧ୍ୟ ଅନୁରୂପ ଜାଲିଆତି କରି ବେପାରୀଙ୍କ ଦ୍ୱାରା ଛତିଶଗଡ଼ ଧାନ ଉଠାଯାଉଛି ଏବଂ ସ୍ଥାନୀୟ ଚାଷୀଙ୍କ ଧାନ ବିକ୍ରି ବଦଳରେ ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସରସରା ପାକ୍ସ ଅଧୀନରେ ରହିଥିବା ଚାଷୀମାନେ ଜିଲାପାଳ ଏବଂ ସମବାୟ ଉପନିବନ୍ଧକ(ଡିଆର୍‌ସିଏସ୍)ଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ଏବଂ ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ସହକାରୀ ସମବାୟ ନିବନ୍ଧକ(ଏଆର୍‌ସିଏସ୍) ଯୁଗଳ କିଶୋର ଦାଶ ଦାବିପତ୍ର ଗ୍ରହଣ କରିଥିଲେ। ସରସରା ପାକ୍ସରେ ଚାଷୀ ପଞ୍ଜୀକରଣ ଏବଂ ଧାନବିକ୍ରି ଟୋକନ ପ୍ରଦାନରେ ବ୍ୟାପକ ଜାଲିଆତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଯେଉଁମାନେ ଧାନ ଚାଷ କରିନାହାନ୍ତି, ସେଭଳି ଅଣଚାଷୀଙ୍କୁ ଟୋକନ ଦିଆଯାଇଛି ଏବଂ ସେଭଳି ଟୋକନରେ ବେପାରୀଙ୍କ ଧାନ ଉକ୍ତ ପାକ୍ସରେ କିଣାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଅଞ୍ଚଳର ପ୍ରକୃତ ଚାଷୀ ସେମାନଙ୍କ କଷ୍ଟୋପାର୍ଜିତ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ରମେଶ ପ୍ରଧାନ, ରୋହନ ଭୋଇ, ନେହେରୁ କାଣ୍ଡ, ସୁଧାଂଶୁ ନାୟକ, ତ୍ରିଲୋଚନ ଭୋଇ ପ୍ରମୁଖଙ୍କ ସ୍ୱାକ୍ଷର ଦାବିପତ୍ରରେ ରହିଛି। ତେବେ ଚାଷୀଙ୍କ ଅଭିଯୋଗର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଆରସିଏସ୍ ଦାଶ କହିଛନ୍ତି।



ଡେପୁଟି କଲେକ୍ଟର ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

## ନୃସିଂହନାଥ ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର/ ପାଇକମାଲ,୧୮।୬ (ପ୍ରଦୀପ୍ତ ଦାଶ/ ବଡ଼ ଶତପଥୀ)**

**ଉପଖଣ୍ଡ ସ୍ତରୀୟ ବିକାଶ ମେଳା**
- ୧ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ପଦ୍ମପୁର ଇନ୍‌ଡୋର ଷ୍ଟାଡିୟମଠାରେ ଉପଖଣ୍ଡ ସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ଏବଂ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ପଦ୍ମପୁର ଉପଖଣ୍ଡର ସଫଳ କଳାଧାନ ଚାଷୀ ଭାବେ ଝାରବନ୍ଧ ବ୍ଲକ ମହାଗାଁର ଗୁଣନିଧି ନାୟକ, ଜମରତଲା ଗ୍ରାମର ସଫଳ କପା ଚାଷୀ ରବୀନ୍ଦ୍ର ସାହୁ, ସଫଳ ସୁଭଦ୍ରା ହିତାଧିକାରୀ ଭାବେ ମହୁଲପାଲିର ଡାଳିମ୍ବ ସାହୁ ଏବଂ ସଫଳ ଲକ୍ଷପତି ଦିଦି ଭୂମିସୁତା ସାହୁଙ୍କ ସମେତ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷାରେ ନିୟୋଜିତ ବିନ୍ଧ୍ୟବାସିନୀ ବନ ସୁରକ୍ଷା ସମିତି ଜର୍ଜଗଡ, ଗୁରୁଣ୍ଡା ବନ ସୁରକ୍ଷା ସମିତି, ରାଇବାହାଦୁରପୁର ବନ ସୁରକ୍ଷା ସମିତି ଏବଂ ଧଉଳିବାହାଲ ବନ ସୁରକ୍ଷା ସମିତିକୁ ସମ୍ମାନିତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମଞ୍ଚାସୀନ ରହି ଓଡ଼ିଶା ସରକାରଙ୍କ ଏକ ବର୍ଷର ସମସ୍ତ ଉପଲବ୍ଧି ଏବଂ ଭାରତ ସରକାରଙ୍କ ୧୧ ବର୍ଷର ଉପଲବ୍ଧିଗୁଡ଼ିକୁ ଉପସ୍ଥାପନ କରିଥିବା ବେଳେ ଜିଲାପାଳ ଆଦିତ୍ୟ ଗୋୟଲ, ପଦମପୁର ଅତିରିକ୍ତ ଜିଲାପାଳ କୃଣାଲ ମୋତିରାମ ଚୌହାନ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମଞ୍ଚାସୀନ ଥିଲେ। ଅପରାହ୍ନ ୩ଟାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏମ୍‌ପି ପ୍ରଦୀପ ପୁରୋହିତ ଏବଂ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସର୍ବମୋଟ ୧ କୋଟି ଟଙ୍କା ଅଟକଳ ମୂଲ୍ୟରେ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ସହ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି ଓ ପଦ୍ମପୁର ବିଧାୟିକା।

## ଏହା ପଦ୍ମପୁରର ବିକାଶର ପର୍ବ: ମନ୍ତ୍ରୀ

**ପଦ୍ମପୁର,୧୯।୬(ପ୍ରଦୀପ୍ତ ଦାଶ)**

**ଭାଜପାରେ ସାମିଲ ହେଲେ ବିଜେଡିର ଅନେକ ତୁଙ୍ଗନେତା**

ଭାରତୀୟ ଜନତା ପାର୍ଟିର ପଦ୍ମପୁର ନିର୍ବାଚନମଣ୍ଡଳୀସ୍ତରୀୟ ମିଶ୍ରଣ ପର୍ବ ପଦ୍ମପୁର ଅଶୋକ ପଡ଼ିଆଠାରେ ବୁଧବାର ଅନୁଷ୍ଠିତ ହୋଇଛି। ବରଗଡ଼ ଜିଲା ଉପସଭାପତି ସରୋଜ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପଦ୍ମପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ, ବରଗଡ଼ ଜିଲା ସଭାପତି ଅରୂପାନନ୍ଦ ସାହୁ, ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀ, ମକରଧ୍ୱଜ ବଗାର, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ନଗର ସଭାପତି ସୁନୀଲ ଅଗ୍ରୱାଲଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ଉପସ୍ଥିତ ଏମ୍‌ପି ପୁରୋହିତ ସମସ୍ତଙ୍କୁ ଆମନ୍ତ୍ରଣ କରିବା ସହିତ ଏହା ବିଜେଡିର ତୁଙ୍ଗ ନେତା ପ୍ରୀତମ୍ ମେହେରଙ୍କ ଘରବାହୁଡ଼ା ବୋଲି କହିଥିଲେ। ୯୦ ଦଶକରେ ମେହେର ଆର୍‌ଏସ୍‌ଏସ୍‌ରେ ଥିଲେ ଓ ପରେ ଭାଜପାରେ ସାମିଲ ହୋଇଥିଲେ। ପରେ ବିଜେଡିରେ ଥାଇ ପଦ୍ମପୁର ଅଞ୍ଚଳର ନେତୃତ୍ୱ ନେଉଥିଲେ। ସେହିପରି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ମିଶ୍ରଣ ପର୍ବ ବିକାଶର ପର୍ବ ବୋଲି କହି ତୁଙ୍ଗନେତା ପ୍ରୀତମ୍ ମେହେରଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରାଇଥିଲେ। ଏହା ପୂର୍ବରୁ ମେହେର ତାଙ୍କ ହଜାର ହଜାର ସମର୍ଥକଙ୍କ ସହ ସ୍ଥାନୀୟ ଟାଉନ ହଲ୍‌ରୁ ବାହାରି ସହର ପରିକ୍ରମାକରି ଅଶୋକ ପଡ଼ିଆଠାରେ ପହଞ୍ଚିଥିଲେ। ତାଙ୍କ ସହ ବିଜେଡି ବ୍ଲକ ସଭାପତି ପରମାନନ୍ଦ ଶାହା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ମୀନାକ୍ଷୀ ମେହେର, ପଦ୍ମପୁର ନିର୍ବାଚନମଣ୍ଡଳୀର ୬୯ ଜଣ ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ହଜାର ସଂଖ୍ୟାରେ ବିଜେଡି କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ।



ଭାଜପାର ମିଶ୍ରଣ ପର୍ବରେ ଉପସ୍ଥିତ ମନ୍ତ୍ରୀ,ଏମ୍‌ପି ଓ ଅନ୍ୟମାନେ।

## ଝିଲିମିଣ୍ଡା ଧାନ କ୍ରୟ କେନ୍ଦ୍ରରେ ଚାଷୀ ଅସନ୍ତୁଷ୍ଟ

**ଅତାବିରା, ୧୮।୬(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀ ଅସନ୍ତୋଷ ଲାଗିରହିଛି। ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣୁଛନ୍ତି। ମାତ୍ର ସେଠାରେ ସେହି ଧାନକୁ କ୍ରୟସଂସ୍ଥା କିଣୁନାହିଁ। ଅନ୍ୟପଟେ କମ୍ ଟାର୍ଗେଟ (ଟ୍ୟାଗ୍ )ଫଳରେ ମଣ୍ଡିରେ ଧାନ ପକାଇ ଚାଷୀଙ୍କୁ ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ଏକ ପରିସ୍ଥିତି ଦେଖିବାକୁ ମିଳିଛି ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟିର ଝିଲିମିଣ୍ଡା କ୍ରୟ କେନ୍ଦ୍ର (ପିପିସି) ମଣ୍ଡିରେ। ଚାଷୀ ସମସ୍ୟା, ଧାନ ଉଠାଣରେ ମନ୍ଥରତା, ଅଭାବୀ ଧାନ ବିକ୍ରିର ପ୍ରତିବାଦରେ ବୁଧବାର ଚାଷୀମାନେ ଝିଲିମିଣ୍ଡା କ୍ରୟ କେନ୍ଦ୍ର ନିକଟରେ ଅସନ୍ତୋଷ ପ୍ରକଟ କରିଛନ୍ତି । କାର୍ଯ୍ୟାଳୟ ସମ୍ମୁଖରେ ଟ୍ୟାଗ୍ ଆସୁ ନ ଥିବା, ଅଭାବୀ ବିକ୍ରି, ଟୋକନ ଲାପ୍ସ ଭୟ ଆଦି ଧାନବିକ୍ରିରେ ଦେଖାଦେଇଥିବା ଅନେକ ସମସ୍ୟା ନେଇ ଚାଷୀମାନେ ସକାଳୁ ସନ୍ଧ୍ୟା ଯାଏ ହୋହଲ୍ଲା କରିଥିଲେ । ଦିନକୁ ଦିନ ମଣ୍ଡିରେ ଧାନ ବଢ଼ିବାରେ ଲାଗିଛି । ଝିଲିମିଣ୍ଡା ପିପିସିରେ ସରକାରୀ ଭାବେ ୬୩ ଚାଷୀଙ୍କ ୧୦ହଜାର ୪୦୨ ପ୍ୟାକେଟ ଧାନ ପଡ଼ିରହିଥିବା ବେଳେ ବେସରକାରୀ ଭାବେ ଆହୁରି ବହୁ ଚାଷୀଙ୍କ ହଜାର ହଜାର ପ୍ୟାକେଟ ଧାନ ମଣ୍ଡି ସହ ଖଳା ଓ ଘରେ ପଡ଼ିରହିଛି। କ୍ରୟ ସଂସ୍ଥା ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏହାକୁ ନେଇ ଚାଷୀନେତା କସ୍ତୁଭ ପ୍ରଧାନ, ପୂର୍ବତନ ଝିଲିମିଣ୍ଡା ସେବା ସମବାୟ ସମିତି ସଭାପତି ତଥା ଚାଷୀ ପ୍ରଶାନ୍ତ ପ୍ରଧାନ, ଆର୍ତ୍ତତ୍ରାଣ ମହାପାତ୍ର, ଦିଲେଶ୍ୱର ମହାପାତ୍ର, ନାରାୟଣ ମହାପାତ୍ର, ଧର୍ମରାଜ ମହାପାତ୍ର, ପବିତ୍ର ମହାପାତ୍ର ପ୍ରମୁଖ ବହୁ ଚାଷୀ କ୍ରୟ କେନ୍ଦ୍ରରେ ଆନ୍ଦୋଳନ କରି ଧାନ ଉଠାଣ ପାଇଁ ଦାବି କରିଥିଲେ। ଝିଲିମିଣ୍ଡା ସେବା ସମବାୟ ସମିତି ସଭାପତି ହରେକୃଷ୍ଣ ପ୍ରଧାନ ଓ ମଣ୍ଡି ପରିଚାଳକ ଗୁଣନିଧି ବାରିକ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ଟୋକନ ଲାପ୍ସ ସମସ୍ୟା ଥିବା ଚାଷୀଙ୍କ ଧାନ ଅଗ୍ରାଧିକାର ଭିତ୍ତିରେ ଉଠାଇବା ସହ ମଣ୍ଡିରେ ଥିବା ଚାଷୀଙ୍କ ଧାନ କିଭଳି ସୁରୁଖୁରୁରେ ଉଠାଯାଇପାରିବ ସେନେଇ ସମୀକ୍ଷା କରିଥିଲେ। ହେଲେ ଟାର୍ଗେଟ ଯେଭଳି ବଢ଼ିବ ସେ ନେଇ ଜିଲାପାଳଙ୍କୁ ମଧ୍ୟ ଦାବି କରାଯିବ ବୋଲି ନିଷ୍ପତ୍ତି ନେବା ପରେ ଚାଷୀ ଶାନ୍ତ ହୋଇଥିଲେ। ତେବେ ଅତାବିରା ନିୟନ୍ତ୍ରିତ ବଜାର କମିଟିର ଟୋପ ଏବଂ ସିଂହପାଲି ଧାନକ୍ରୟ କେନ୍ଦ୍ରରେ ଅନୁରୂପ ସମସ୍ୟା ପାଇଁ ଅସନ୍ତୁଷ୍ଟ ଚାଷୀ କାର୍ଯ୍ୟାଳୟରେ ତାଲା ମାରି ଧାରଣା ଦେଇଥିବା ଜଣାପଡ଼ିଛି।



ଝିଲିମିଣ୍ଡା ଧାନକ୍ରୟ କେନ୍ଦ୍ରରେ ଅଚଳାବସ୍ଥା ନେଇ ଚାଷୀ ଅସନ୍ତୋଷ ପ୍ରକଟ କରୁଛନ୍ତି।

# ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ ୨୦ରେ

ରାଉରକେଲା, ୧୮।୬(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ୨୨ତମ ସମାବର୍ତ୍ତନ ଉତ୍ସବ ୨୦ ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୦ଟାରେ ଏନ୍‌ଆଇଟି ସିନେଟ୍ ହଲ୍ ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ଡିନ୍ (ଆକାଡେମିକ୍) ପ୍ରଫେସର ଆର.ସି ପ୍ରଧାନ, ସମାବର୍ତ୍ତନ ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଶିବଶଙ୍କର ମହାପାତ୍ର, ପିପିଆର୍‌ସି ଅଧ୍ୟକ୍ଷ ପ୍ରଫେସର ଶିଶିର ସାହା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପିପିଆରସି ପ୍ର. ସାହା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ରାଓ ସୂଚନା ପ୍ରଦାନ କରି କହିଲେ, ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନ ଜଣାଇବା ପାଇଁ ପ୍ରତିଷ୍ଠାନରେ ୨୦୨୪ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ୮ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣପଦକ, ୬ଟି ଏଣ୍ଡାଉମେଣ୍ଟ ସ୍ୱର୍ଣ୍ଣପଦକ, ୭ଟି ଏଣ୍ଡାଉମେଣ୍ଟ ପୁରସ୍କାର ସମେତ ୫ଟି ରୌପ୍ୟ ପଦକ ପ୍ରଦାନ କରାଯିବ। ସେହିପରି ମୋଟ ୨୦୬୫ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୬୧ ଛାତ୍ର ଏବଂ ୨ଶହ ଜଣ ଛାତ୍ରୀଙ୍କୁ ବିଟେକ୍ ଡିଗ୍ରୀ , ୮ଛାତ୍ରୀ ଏବଂ ୧୩ ଛାତ୍ରଙ୍କୁ ଆର୍କିଟେକ୍ଟର ଡିଗ୍ରୀ,୩୮ଜଣ ଛାତ୍ର ଏବଂ ଜଣେ ଛାତ୍ରୀଙ୍କୁ ବିଟେକ୍ ଏବଂ ଏମଟେକ୍ ଡୁଆଲ୍ ଡିଗ୍ରୀ, ୧୦ ଛାତ୍ରୀ ଏବଂ ୫୮ ଛାତ୍ରଙ୍କୁ ୫ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ମାଷ୍ଟର ଅଫ୍ ସାଇନ୍ସ ସାର୍ଟିଫିକେଟ ପ୍ରଦାନ କରାଯିବ। ୧୧୨ ଜଣ ଛାତ୍ର ଏବଂ ୬୮ ଜଣ ଛାତ୍ରୀଙ୍କୁ ମାଷ୍ଟର ଅଫ୍ ସାଇନ୍ସ, ୪ ଜଣ ଛାତ୍ର ଓ ୨ ଜଣ ଛାତ୍ରୀଙ୍କୁ ମାଷ୍ଟର ଅଫ୍ ଆର୍ଟସ, ୨୩ ଜଣ ଛାତ୍ର ଓ ୨୦ ଜଣ ଛାତ୍ରୀଙ୍କୁ ମାଷ୍ଟର ଅଫ୍ ବିଜିନେସ୍(ଏମ୍‌ବିଏ) ୮୪ ଜଣ ଛାତ୍ରୀ ଏବଂ ୩୮୫ ଜଣ ଛାତ୍ରଙ୍କୁ ମାଷ୍ଟର ଅଫ୍ ଟେକନୋଲୋଜି, ଜଣେ ଛାତ୍ରୀଙ୍କୁ ମାଷ୍ଟର ଅଫ୍ ଟେକନୋଲୋଜି (ଗବେଷଣା), ୧୧୪ ଜଣ ଛାତ୍ର ଏବଂ ୬୩ ଜଣ ଛାତ୍ରୀଙ୍କୁ ଡକ୍ଟର ଅଫ୍ ଫିଲୋସିପ୍(ପିଏଚଡ଼ି) ଡିଗ୍ରୀ ପ୍ରଦାନ କରାଯିବ। ଏହାବ୍ୟତୀତ ୯୩ ଜଣ ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେଥିମଧ୍ୟରୁ ୭୨ ଛାତ୍ର ଏବଂ ୨୧ ଛାତ୍ରୀ ଅଛନ୍ତି। ଆମେରିକାର ୪ ଜଣ, ଆଫଗାନିସ୍ଥାନର ୫ , ଶ୍ରୀଲଙ୍କାର ୩, ଭୂଟାନର ୫, ବାଲାଂଦେଶର ୨୧, ନେପାଳର ୩୦ ଜଣ ଏବଂ ଭାରତର ୨୫ ଜଣ ଅଣଆବସିକ ଭାରତୀୟ(ଏନ୍‌ଆର୍‌ଆଇ) ବିଦ୍ୟାର୍ଥୀ ଅଟନ୍ତି। ଡିଷ୍ଟିଙ୍ଗୁଇସଡ୍ ଆଲୁମିନି ଆୱାର୍ଡ଼( ଡିଏଏ)୨୦୨୪ରେ ଝାଡଖଣ୍ଡ ଧାନବାଦ ଆଇଆଇଏମ୍‌ର ପ୍ରଫେସର ସୁକୁମାର ମିଶ୍ର(୧୯୯୨ ବ୍ୟାଚ), ଇଞ୍ଜିନିୟରିଂ ଆଣ୍ଡ କନସଲ୍ଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଇଂ ଅଶୋକ ବାସା (୧୯୮୦ବ୍ୟାଚ), ଉଦ୍ୟୋଗ ପାଇଁ ପ୍ରୋମାନ୍ ଇନଫ୍ରାକ୍ଟଷ୍ଟକ୍ଚର ସିର୍ଭସେସ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଇଂ ଆର୍.ଏସ୍ ରାଘବନ୍(୧୯୮ ବ୍ୟାଚ) ଓ କାତାରଗ୍ୟାସ ନର୍ଥ ଫିଲ୍ଡ ଏକ୍ସପାନ୍ସନ୍ ପ୍ରୋଜେକ୍ଟର ଇଲେକ୍ଟ୍ରିକାଲ ମୁଖ୍ୟ ଡ. ଭରତେନ୍ଦୁ ଦେଓ(୧୯୮୫ ବ୍ୟାଚ୍) ଆଦିଙ୍କୁ ସମ୍ମାନିତ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଲ୍‌ଆଣ୍ଡଟି ସିଏମ୍‌ଡ଼ି ତଥା ଏନ୍‌ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣନଓ ର ଅଧ୍ୟକ୍ଷ ଏସ୍.ଏନ୍ ସୁବ୍ରମଣ୍ୟମ ଭର୍ଚୁଆଲି ସମାବେଶକୁ ସମ୍ବୋଧିତ କରିବେ ବୋଲି ନିର୍ଦ୍ଦେଶକ ରାଓ କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ପ୍ରଫେସର ମହାପାତ୍ର ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ସେମାନଙ୍କର ଡିଗ୍ରୀ ସହଜରେ ପାଇବା ପାଇଁ ଏନ୍‌ଆଇଟି ରାଉରକେଲା ଡିଜିଲକର୍ ସୁବିଧା ଉପଲବ୍ଧ ରହିଛି ବୋଲି ମହାପାତ୍ର କହିଥିଲେ। ପିପିଆର୍‌ସି ସଦସ୍ୟ ତଥା ଏନ୍‌ଆଇଟି ରେଜିଷ୍ଟ୍ରାର୍ ପ୍ରଫେସର ରୋହନ୍ ଧୀମାନ୍, ରାଜୀବ ପଣ୍ଡା, ଅନୀଲ ସିଂହ, ଲୋକସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଡ. ୱିନି ରାଉତରାୟ ଖବରଦାତା ସମ୍ମିଳନୀକୁ ସଂଯୋଜନା କରିଥିଲେ।



ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ସୂଚନା ପ୍ରଦାନ କରୁଛନ୍ତି।

## ବିମାନ ଚଳାଚଳ ଅବହେଳା ନେଇ ଉଦ୍‌ବେଗ ପ୍ରକାଶ କଲେ ଜୁଏଲ

ରାଉରକେଲା, ୧୮।୬(ବିପ୍ଳବ ରଞ୍ଜନ ଦାଶ)

ଦିଲ୍ଲୀରୁ ଭୁବନେଶ୍ୱରକୁ ଉଡାନ କରୁଥିବା ଏୟାର ଇଣ୍ଡିଆ-୨୪୮୯ ବିମାନ ମଙ୍ଗଳବାର ରାତିରେ ଦିଲ୍ଲୀର ଆଇଜିଆଇ ବିମାନ ବନ୍ଦରରୁ ଉଡାନ ନେଇ ବାତିଲ ହୋଇଥିଲା। ଭୁବନେଶ୍ୱର ଅଭିମୁଖେ ବିମାନ ଠପ ହୋଇଯାଇଥିଲା। ଏଥିଯୋଗୁ ପିଲାଙ୍କ ସହ ବିମାନଯାତ୍ରୀଗଣ ହଇରାଣ ହୋଇଥିଲେ। ଏହି ବିମାନରେ କେନ୍ଦ୍ରୀ ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ମଧ୍ୟ ଯାତ୍ରା କରିବାର ଥିଲା। ଏୟାର ଇଣ୍ଡିଆର ଏହିଭଳି କାର୍ଯ୍ୟକଳାପକୁ ନେଇ କେନ୍ଦ୍ରମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ଏୟାର ଇଣ୍ଡିଆର କର୍ତ୍ତୃପକ୍ଷଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ମନ୍ତ୍ରୀ ନୁହେଁ ଜଣେ ସାଧାରଣ ବିମାନଯାତ୍ରୀ ବୋଲି କହିବା ସହିତ ଏଭଳି ମନମୁଖି କାର୍ଯ୍ୟ ବିମାନଯାତ୍ରୀମାନଙ୍କ ବିମାନଯାତ୍ରାରେ ବ୍ୟାଘାତ ଦେଉଥିବା କହିଥିଲେ। ତେବେ କେନ୍ଦ୍ରମନ୍ତ୍ରୀଙ୍କର ବିମାନ ବାତିଲ ଖବର ନେଇ ବୁଧବାର ରାଉରକେଲା ସହରରେ ଥିବା ତାଙ୍କ ପ୍ରଶଂସକ ଓ ସମର୍ଥକଙ୍କ ମଧ୍ୟରେ ଏୟାର ଇଣ୍ଡିଆର ବିମାନ ଚଳାଚଳ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପାୱାର ଲିଫ୍ଟରଙ୍କ ଦ୍ୱାରା ଜାତୀୟ ଚାମ୍ପିୟନଶିପରେ ସଫଳ ପ୍ରଦର୍ଶନ

ରାଉରକେଲା, ୧୮।୬(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ପାୱାର ଲିଫ୍ଟର କ୍ରୀଡାବିତ୍‌ମାନେ ଜାତୀୟ ଚମ୍ପିୟନଶିପରେ ସଫଳ ପ୍ରଦର୍ଶନ କରିଛନ୍ତି। ମେ ୩୦ରୁ ଜୁନ ୧ ପର୍ଯ୍ୟନ୍ତ ନୂଆଦିଲ୍ଲୀର ରୋହିଣୀ ସେକ୍ଟର-୧୬ ମା' ଆଧା ଶକ୍ତିଧାମରେ ଅନୁଷ୍ଠିତ ସବଜୁନିଅର, ଜୁନିଅର ନ୍ୟାସନାଲ ପାୱାର ଲିଫ୍ଟିଙ୍ଗ ଏବଂ ନ୍ୟାଶନାଲ ଡେଡ ଲିଫ୍ଟିଙ୍ଗ ଚାମ୍ପିୟନଶିପ--୨୦୨୫ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଆର୍‌ଏସ୍‌ପିର କ୍ରୀଡା ବିଭାଗରେ ତାଲିମ ଲାଭ କରିଥିବା ରୋହିତ ରାଜ ଭଞ୍ଜ ଜୁନିୟରବର୍ଗରେ ୮୩ କିଲୋଗ୍ରାମ ବର୍ଗ ଏବଂ ୮୩ କିଲୋଗ୍ରାମ ଡେଡ ଲିଫ୍ଟିଙ୍ଗ ବର୍ଗରେ ଦୁଇଟି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହାସହ ରୋହିତ ୨୧୩.୫ କିଲୋଗ୍ରାମ, ୧୦୭.୫ କିଲୋଗ୍ରାମ ଏବଂ ୨୫୦ କିଲୋଗ୍ରାମ ଡେଡ ଲିଫ୍ଟିଙ୍ଗ କରିଥିଲେ। ସବ୍‌ଜୁନିଅର ୬୬କିଲୋଗ୍ରାମ ବର୍ଗରେ ବିକ୍ରମ ସିଂହ ଅନୁରୂପ ସଫଳତା ହାସଲ କରିଥିଲେ। ବିକ୍ରମ ୧୬୫ କିଲୋଗ୍ରାମ, ୧୦୭ କିଗ୍ରା ଏବଂ ୧୯୦କିଗ୍ରା ଡେଡ ଲିଫ୍ଟିଙ୍ଗ ସହିତ ପାୱାର ଲିଫ୍ଟିଙ୍ଗ ଏବଂ ଡେଡ ଲିଫ୍ଟିଙ୍ଗ ଉଭୟରେ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ଦୀପକ କୁମାର ସେଚ୍ଚି ୮୩କିଲୋଗ୍ରାମ ଡେଡଲିଫ୍ଟିଙ୍ଗରେ ୨୦୫ କିଲୋଗ୍ରାମ ଓଜନ ଉଠାଇ ରୌପ୍ୟ ପଦକ ସହିତ ଆର୍‌ଏସ୍‌ପି ପାଇଁ ଅତିରିକ୍ତ ଗୌରବ ଆଣିଥିଲେ। ଉଲ୍ଲେଖନୀୟ ଯେ,ଦକ୍ଷ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ ଆର୍‌ଏସ୍‌ପିର କ୍ରୀଡା ଜନିତ ସମସ୍ତ ସୁବିଧା ସହିତ ତାଲିମ ନେଉଛନ୍ତି।





ପଦକ ଜିତିଥିବା ଆର୍‌ଏସ୍‌ପିର ପାୱାର ଲିଫ୍ଟର କ୍ରୀଡାବିତ।

## ସୀମାନ୍ତରୁ ବିପୁଳ ପରିମାଣରେ ଆଇଇଡି ଓ ବିସ୍ଫୋରକ ଜବତ



ରାଉରକେଲା, ୧୮।୬(ସଙ୍ଗୀତା ଜେନା)

ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ମାଓବାଦୀ ଉପଦ୍ରବ କବଳିତ ହୋଇଉଠିଛି। କିଛି ଦିନ ପୂର୍ବରୁ ରାଉରକେଲାରେ ୨ ଶହ ପ୍ୟାକେଟ ବିସ୍ଫୋରକ ଲୁଟ୍ ହୋଇଥିବା ବେଳେ ମାଓବାଦୀଙ୍କ ସକ୍ରିୟତା ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ରାଜ୍ୟର ପୋଲିସ ଦ୍ୱାରା ମିଳିତ ଅଭିଯାନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ମିଳିତ କୋମ୍ବିଂ ସମୟରେ ସୀମାନ୍ତ ଅଞ୍ଚଳରେ ବିପୁଳ ପରିମାଣରେ ଆଇଇଡ଼ି ଏବଂ ବିସ୍ଫୋରକ (ଆମୋନିୟମ୍ ନାଇଟ୍ରେଟ୍) ଜବତ ହୋଇଥିଲା। ଏହାକୁ ବମ୍‌ନିରୋଧକ ସ୍କ୍ୱାର୍ଡ ଦ୍ୱାରା ନଷ୍ଟ କରିଦିଆଯାଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ସୀମାନ୍ତ ଟୋକଲୋ ଥାନା ଅନ୍ତର୍ଗତ ଚିତପିଲ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ମାଓବାଦୀମାନେ ସୁରକ୍ଷାବଳଙ୍କ କ୍ଷତି ଉଦ୍ଦେଶ୍ୟରେ ପୂର୍ବରୁ ରଖିଥିବା ୧୪ଟି ଆଇଇଡି ଏବଂ ମାଓବାଦୀ କ୍ୟାମ୍ପରୁ ପ୍ରାୟ ୫୨ଟି ପଲିବ୍ୟାଗରେ ୫୨ କେଜି ଆମୋନିୟମ୍ ନାଇଟ୍ରେଟ୍ ରଖିଥିଲେ। ଏହାକୁ ଠାବ କରିବା ପରେ ନଷ୍ଟ କରିଦିଆଯାଇଥିଲା। ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା(ନଂ୧୫/୨୫) ରୁଜୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସୀମାନ୍ତରେ କୋମ୍ବିଂ ଅପରେସନ୍ ଜୋରଦାର କରାଯାଇଛି।

## ଇଷ୍ଟର ଇଞ୍ଜିନିୟରିଂ ଉପରେ କର୍ମଶାଳା



କର୍ମଶାଳାରେ ଅଂଶଗ୍ରହଣକାରୀ ଆର୍‌ଏସ୍‌ପି କର୍ମଚାରୀ, ଅଧିକାରୀ।

ରାଉରକେଲା, ୧୮।୬(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ କାରଖାନାର କର୍ମଚାରୀମାନଙ୍କର ଶାରୀରିକ ଏବଂ ଆଧାତ୍ମିକ ଲାଭ ପାଇଁ ମଙ୍ଗଳବାର ଇଷ୍ଟର ଇଞ୍ଜିନିୟରିଂ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସିଜିଏମ୍ ପି.କେ ସାହୁଙ୍କ ସମେତ ଇଶା ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଯୋଗଗୁରୁ ସୁଶ୍ରୀ ମହିମା ଜୈନ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଆଇନ ବିଭାଗର ସିଜିଏମ୍ ଚିନ୍ମୟ ସମଜଦାର, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୩ଶହ ଅଧିକାରୀ ଓ କର୍ମଚାରୀ ଉତ୍ସାହର ସହକାରେ ଅଂଶଗ୍ରହଣ କରିଥିଲେ। ସୁଶ୍ରୀ ମହିମା ଜୈନ ଇଷ୍ଟର ଇଞ୍ଜିନିୟରିଂ ଧାରଣାକୁ ଉପସ୍ଥାପନ କରିଥିଲେ। ଏହାକୁ କଲ୍ୟାଣ ପାଇଁ ଏକ ଶକ୍ତିଶାଳୀ ଯୋଗିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଭାବରେ ବର୍ଣ୍ଣନା କରିଥିଲେ। ଯାହା ପ୍ରାଚୀନ ପରମ୍ପରାର ମୂଳ କିନ୍ତୁ ଆଜିର ଦ୍ରୁତ ଗତିଶୀଳ ଜୀବନଶୈଳୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଅଧିବେଶନରେ ମାନସିକ ଚାପ ଏବଂ କର୍ମକ୍ଷେତ୍ରରେ ଧ୍ୟାନ ବୃଦ୍ଧି କରିବା ପାଇଁ ମାର୍ଗଦର୍ଶିତ ଅଭ୍ୟାସ, ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ଏବଂ ଆବଶ୍ୟକୀୟ କୌଶଳ ଅନ୍ତର୍ଭୁକ୍ତ ଥିଲା। ଅଂଶଗ୍ରହଣକାରୀମାନେ ଅଧିବେଶନ ଏବଂ ଏକ ସୁସଙ୍ଗତ କାର୍ଯ୍ୟ ଜୀବନର ସନ୍ତୁଳତା ହାସଲ କରିବାରେ ଏହାର ପ୍ରାସଙ୍ଗିକତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କର୍ମଶାଳା ଆର୍‌ଏସ୍‌ପିର କର୍ମଚାରୀଙ୍କ ମଧ୍ୟରେ ସାମଗ୍ରିକ ବିକାଶ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ ବିଶେଷ ଥିଲା।

## ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର





ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରରେ ଡାକ୍ତରମାନଙ୍କ ସହ କର୍ମକର୍ତ୍ତା।

ରାଉରକେଲା, ୧୮।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ବହୁ ଅନୁଷ୍ଠାନ ସହ ଜଡିତ ସାମାଜିକ କର୍ମୀ ଅଭିଷେକ ପଟ୍ଟନାୟକଙ୍କ ସ୍ମୃତିରେ ଆଦ୍ୟାଶା ସୋସିଆଲ ଫାଉଣ୍ଡେସନ ତରଫରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ସେକ୍ଟର ୧୪ କମ୍ୟୁନିଟି ସେଣ୍ଟର୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଦ୍ୟାଶାର ସଭାପତି ଆଶିଷ ଦାସ ଓ ସମ୍ପାଦିକା ଶ୍ରଦ୍ଧାଶ୍ରୀ ପଟ୍ଟନାୟକଙ୍କ ଆବାହକତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ହାଇଟେକ୍ ମେଡିକାଲ କଲେଜର ଡା. ପ୍ରତାପରୁଦ୍ର ସିଂଦେଓ, ସୁଶିଲ କୁମାର ସାହୁ, ସୁଶିଲ କୁମାର ପତି, ସ୍ୱରୁପାରାଣୀ ସା, ସ୍ୱାତୀ ସିଂ, ତନିଶା ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରକ୍ତ ଶର୍କରା, ରକ୍ତଚାପ, ଆଖି, ଜ୍ୱର, ଥଣ୍ଡା, କାଶ ସହ ଶିଶୁଙ୍କ ଚିକିତ୍ସା କରିଥିଲେ ଓ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଔଷଧ ଓ ଚଷମା ବଣ୍ଟନ କରିଥିଲେ। ଏହି ଶିବିରରେ ପ୍ରାୟ ୧୫୦ ବ୍ୟକ୍ତିଙ୍କ ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ ତରଫରୁ ଷ୍ଟାଫନର୍ସ ମନିଷା ଗୁରୁ, ନିତୁରିଆ କୁଜୁର, ମୂରଲୀ ମନୋହର, ସୌଭାଗ୍ୟ ରଞ୍ଜନ ବୈଦ୍ୟ, ସୌଭାଗ୍ୟରଞ୍ଜନ ପଣ୍ଡା, ନଗେନ୍ଦ୍ର ନାୟକ, ସଙ୍ଗୀତା ଦୀପ, ସୁବାଷ କୁମାର ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅଭିଷେକଙ୍କ ପିତା ସରୋଜ କୁମାର ପଟ୍ଟନାୟକ, ମାତା ଇନ୍ଦିରା ପଟ୍ଟନାୟକ, ଆଦ୍ୟାଶା ଫାଉଣ୍ଡେସନର ଉପେନ୍ଦ୍ର ସ୍ୱାଇଁ, ଆଦିଲ ମେହେମୁଦ, ସନ୍ତୋଷ ହୋତା, ଦୀପାଂଶୁ ବେହେରା, କମ୍ୟୁନିଟି ସେଣ୍ଟର୍‌ର ଅରୁଣ ମହାପାତ୍ର, ଗନ୍ଧର୍ବରାଜ ନାୟକ, ରାଉରକେଲା ଯୁବ ହଷ୍ଟେଲ ଶାଖାର ଏସ୍.ଏନ୍. ଲେଙ୍କା, ସମରକାନ୍ତ ମଲ୍ଲିକ, କାମିନୀ ମହନ୍ତ, ମୀନାକ୍ଷୀ ପାଢ଼ୀ, ଅଜିତା ନାୟକ, ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମାଜର ମୁଖ୍ୟସ୍ରୋତକୁ ଫେରିଲେ ଦୁର୍ଦ୍ଦାନ୍ତ ମାଓବାଦୀ

ରାଉରକେଲା, ୧୮।୬(ସଙ୍ଗୀତା ଜେନା)

ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନର ଶୀର୍ଷ ନେତା ତଥା ଦୁର୍ଦ୍ଦାନ୍ତ ମାଓବାଦୀ ସବ୍‌ଜୋନାଲ୍ କମାଣ୍ଡର ବୈଜନାଥ ସିଂହ ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ବୁଧବାର ପୂର୍ବାହ୍ନରେ ଝାଡଖଣ୍ଡ ପୋଲିସ ମୁଖ୍ୟାଳୟରେ ସେ ଆତ୍ମସମର୍ପଣ କରିଛନ୍ତି। ଝାଡଖଣ୍ଡ ପୋଲିସ, ସିଆର୍‌ପିଏଫ୍ ଏବଂ ଏସ୍‌ଏସ୍‌ବି ନିକଟରେ ଆତ୍ମସମର୍ପଣ କରିଥାଲ। ତାଙ୍କୁ ସମାଜରେ ସାମିଲ ହେବାକୁ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଲାତେହାର ପୋଲିସ ଅଧୀକ୍ଷକ କୁମାର ଗୌରବ, ନୌଶାଦ୍ ଆଲାମ, ୩୨ ବାଟାଲିୟନ୍ ସିଆର୍‌ପିଏଫ୍‌ର କମାଣ୍ଡାଣ୍ଟ ରାଜେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୀମାନ୍ତ ଏବଂ ଝାଡଖଣ୍ଡର ବିଭିନ୍ନ ଥାନାରେ ବୈଜନାଥଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଛି।



ଝାଡଖଣ୍ଡ ପୋଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ।

## ୧୫ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ ସିଲେଇ ପ୍ରଶିକ୍ଷଣ

ରାଉରକେଲା, ୧୮।୬(ବିପ୍ଳବ ରଞ୍ଜନ ଦାଶ)

**ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ**

ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ଦିଗରେ ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ ସ୍ୱରୁପ ଚାଲିଥିବା ସିଲେଇ ତାଲିମ ଓ ପ୍ରଶିକ୍ଷଣ ସମ୍ପନ୍ନ ହୋଇଯାଇଛି। ତେବେ ପ୍ରଥମ ପର୍ଯ୍ୟାୟ ତାଲିମ ଆର୍‌ଏସ୍‌ପିର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ସମାପ୍ତ ହୋଇଥିଲା। ଏହାର ଉଦ୍‌ଯାପନୀ ଅଧିବେଶନରେ ସହର ସେବା ଏବଂ ସିଏସ୍‌ଆର୍ ବିଭାଗର ସିଜିଏମ୍ ଟି.ଜି କାନେକର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲାଠିକଟା ବ୍ଲକର ଜଲଦା ଆର୍‌ଏସ କଲୋନୀର ମୋଟ ୧୫ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏନେଇ ସିଏସ୍‌ଆର ବିଭାଗ ଜିଏମ୍ ଇନଚାର୍ଜ ମୁନମୁନ ମିତ୍ର, ଏଜିଏମ୍ ଟି.ବି ଟପ୍ପୋ, ଗ୍ରାମ ଉତ୍‌ଥାନ ପ୍ରୋଜେକ୍ଟ ମ୍ୟାନେଜର ଗୁରୁପ୍ରସାଦ ମହାନ୍ତି ଏବଂ ଆର୍‌ଏସ୍‌ପି ତଥା ସମ୍ପୃକ୍ତ ସଂସ୍ଥାର ଅନ୍ୟ ଅଧିକାରୀମାନେ ସମ୍ମିଳିତ ରହିଥିଲେ। ଏ ଅବସରରେ କାନେକର ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସ୍‌ଆର ପ୍ରୟାସର ପ୍ରଶଂସା କରିଥିଲେ। ସେ ସମସ୍ତଙ୍କୁ ସର୍ବାଧିକ ଲାଭ ପାଇବା ପାଇଁ ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଅନୁପ୍ରେରିତ କରିଥିଲେ। ମହିଳା/ପୁରୁଷ ଓ ପିଲାମାନଙ୍କ ପାଇଁ ପୋଷାକ ଓ ରୋଷେଇ ଘରର ଆପ୍ରନ,ଏମ୍ବ୍ରୋଡାରୀ ଏବଂ ଆପ୍ଲିକ କାମ ଇତ୍ୟାଦି ପ୍ରଶିକ୍ଷଣ ଅବଧିରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଉତ୍ପାଦଗୁଡିକ ମଧ୍ୟ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା। ମାଷ୍ଟର ଟ୍ରେନର ଉଷା ସିଲାଇ ସ୍କୁଲର ସୁଶ୍ରୀ ମୋନାଲିସା ସାହୁଙ୍କ ଦ୍ୱାରା ସିଲେଇ ଅଧିବେଶନ ପରିଚାଳନା କରାଯାଇଥିଲା। ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସିଏସ୍‌ଆର ବିଭାଗ ସିଜିଏମ ଟି.ବି ଟପ୍ପୋ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସେକ୍ସନ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସିଲେଇ ମାଧମରେ ଅବହେଳିତ ଶ୍ରେଣୀର ମହିଳାଙ୍କର ଦକ୍ଷତା ବିକାଶ କରିବା ଏବଂ ପାର୍ଶ୍ୱାଞ୍ଚଳ ଗ୍ରାମରେ ଏକ ତାଲିମ ସହ ଉତ୍ପାଦନ କେନ୍ଦ୍ର(ଟିସିପିସି) ସ୍ଥାପନ କରିବା ଏହି ପ୍ରୟାସର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟ ସମାପ୍ତି ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ସିଲେଇ ମେଶିନ ମଧ୍ୟ ଯୋଗାଇ ଦିଆଯିବ।





ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ସ୍ମାର୍ଟସିଟି ରାଉରକେଲାରେ ଲଗାଣ ବର୍ଷା

ରାଉରକେଲା, ୧୮।୬(ବିପ୍ଳବରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ସମେତ ରାଉରକେଲାରେ ଦୁଇଦିନ ଧରି ବର୍ଷା ଜାରି ରହିଛି। ଗତ ଦୁଇଦିନ ହେଲା ଜିଲାରେ ୬.୪ ମିମି ବୃଷ୍ଟିପାତ ହୋଇଥିବା ଆକଳନ କରାଯାଇଛି। ଅନ୍ୟପଟେ ବର୍ଷା ସହ ବଜ୍ରପାତ ହେବା ଆଶଙ୍କା ଥିବାରୁ ଜିଲାବାସୀଙ୍କୁ ଖୋଲା ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ସହରର ବାୟୁ ଗୁଣବତା ମାନ(ଏକ୍ୟୁଆଇ) ମଧ୍ୟ ବର୍ଷାଯୋଗୁଁ ବିଶେଷ ଉନ୍ନତମାନର ୯୫ ପ୍ରତିଶତ ରହିଥିବା କୁହାଯାଇଛି। ସହରରେ ଦୁଇଦିନ ଧରି ଲାଗି ରହିଥିବା ବର୍ଷା ଯୋଗୁ ପାୱାର ହାଉସ ରୋଡ, ବିଶ୍ୱକର୍ମା ବିହାର ବସ୍ତି, ପାନପୋଷ କୃଷି ବିଭାଗ କାର୍ଯ୍ୟାଳୟ ସହିତ ସହରର ବିଭିନ୍ନ ବୃହତ୍ତ ଡ୍ରେନ ଓ ମୁଖ୍ୟରାସ୍ତା ବର୍ଷାପାଣିରେ ଉବୁଟୁବୁ ହେଉଥିବା ପରିଲକ୍ଷିତ ହୋଇଛି। ଲଗାଣ ବର୍ଷାରେ ବେଦବ୍ୟାସ ନିକଟରେ ବ୍ରାହ୍ମଣୀ ନଦୀ ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ଆର୍‌ଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ସହରର ଡ୍ରେନଗୁଡ଼ିକରୁ ଅଳିଆ ଆବର୍ଜନା ସଫେଇ କାମ ମଧ୍ୟ ଯୋରସୋର ଭାବେ ଚାଲିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସହରର ତାପମାତ୍ରା ସୋମବାର ୩୬.୨ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଦୁଇଦିନ ଧରି ବର୍ଷାରେ ତାପମାତ୍ରା ବିଶେଷ ହ୍ରାସ ଘଟି ୨୮ଡିଗ୍ରୀ ସେଲସିୟସକୁ ଖସି ଆସିଛି। ଯାହାକି ଅନୁଭୂତ ହେଉଥିବା ପ୍ରବଳ ଗରମରୁ ସହରବାସୀଙ୍କୁ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ଜାରି ରହିଥିବା ଲଗାଣ ବର୍ଷା ପାନପୋଷ କୃଷି ଜିଲାର ଚାଷୀକୁଳଙ୍କ ପାଇଁ ବରଦାନ ତୁଲ୍ୟ ସାବ୍ୟସ୍ତ ହୋଇଥିବା ଚାଷୀ ମହଲରେ ମତପ୍ରକାଶ ପାଇଛି।



ଲଗାଣ ବର୍ଷାରେ ବିଶ୍ୱକର୍ମା ବିହାର ବସ୍ତି ଗଳି ଉବୁଟୁବୁ।



ଶିଳ୍ପାଞ୍ଚଳ ରାସ୍ତାରେ ବର୍ଷାରେ ଲୋକେ ଯାଉଛନ୍ତି।

## ତବଲବାଞ୍ଜି ଗ୍ରାମବାସୀଙ୍କ ବିସ୍ଥାପନ ଦୁଃଖ

# ଘର ବୁଡ଼ିବ, ଜମି ରହିବ

- ଗାଁକୁ ରାସ୍ତା ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- ସମସ୍ୟା ସମାଧାନ ପାଇଁ ପ୍ରଶାସନର ନାହିଁ ଆନ୍ତରିକତା
- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଗାଁ ତବଲବାଞ୍ଜି

ବଲାଙ୍ଗୀର,୧୮।୬(ବୀରେନ୍ଦ୍ର କୁମାର ଝାଙ୍କର)


ତବଲବାଞ୍ଜି ଗାଁର ଲୋକେ।

୨୦୨୪ ନିର୍ବାଚନ ପୂର୍ବରୁ ବଲାଙ୍ଗୀରର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ତତ୍କାଳୀନ ବିଜେଡି ସରକାର ତରବରିଆ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଉଦ୍‌ଘାଟନ ହେବାର ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରକଳ୍ପ ପ୍ରଭାବିତ ଅନେକ ଗାଁର ବିସ୍ଥାପିତ ହେବାକୁ ଥିବା ଲୋକେ ଦୁଃଖ ଦୁର୍ଦ୍ଦଶାରେ ରହୁଛନ୍ତି। ଏଭଳି ଏକ ଗାଁ ହେଲା ଲୋଇସିଂହା ବ୍ଲକ ବାନିପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତବଲବାଞ୍ଜି ଗାଁ। ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଏହି ଗାଁର ଲୋକେ ଏବେ ବିଚିତ୍ର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହି ଗାଁକୁ ରାସ୍ତା ନାହିଁ। ଯେଉଁ ରାସ୍ତାଟି ଗାଁର ମୁଖ୍ୟ ରାସ୍ତା ଭାବେ ଜିଲା ସଦର ମହକୁମା ଏବଂ ବ୍ଲକ ମହକୁମାକୁ ଯୋଡି ହୋଇଥିଲା ତାହା ଲୋୟର ସୁକ୍‌ତେଲ ଡ୍ୟାମ୍ ଯୋଗୁ ବିଚ୍ଛିନ୍ନ ହୋଇଯାଇଛି। ବର୍ଷା ଦିନରେ ଡ୍ୟାମର ଠେଲା ପାଣି ଯୋଗୁ ତବଲବାଞ୍ଜି-ବନ୍‌ଛୋରପାଲି-ଡୁଙ୍ଗୁରିପାଲି ରାସ୍ତା ବୁଡି ଯାଉଛି। ଅନ୍ୟପଟେ ଦାଣ୍ଡପାଣି, ବାନିପାଲି, ରତାଖଣ୍ଡି, ରେଙ୍ଗାଲି, ବାଗଡୁଙ୍ଗୁରିକୁ ସଂଯୋଗ ହୋଇଥିବା ରାସ୍ତାରେ ମଧ୍ୟ ପୋଲ ଭାଙ୍ଗି ଦିଆଯାଇଥିବାରୁ ଯିବା ଆସିବା ସମ୍ଭବ ହେଉନାହିଁ। ଫଳରେ ବର୍ଷା ଦିନରେ ଏହି ଗାଁର ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବହୁ କଷ୍ଟରେ ଚଲା ବାଟରେ ଅନ୍ତପାଲି ନୂଆବସ୍ତି ନିକଟକୁ ବାହାରୁଛନ୍ତି। ଗାଁ ଲୋକେ ଶ୍ରମଦାନ କରି ବେଲପାଲିକୁ ଏକ ଚାଲିବା ବାଟ ତିଆରି କରି ସେହି ରାସ୍ତାରେ ଯିବା ଆସିବା କରୁଛନ୍ତି। ତେବେ ବର୍ଷା ଦିନେ ଏହିସବୁ ରାସ୍ତା ପ୍ରାୟତଃ ବନ୍ଦ ହୋଇଯାଉଛି। ଚାଲି କରି ଯିବା ମଧ୍ୟ ସମ୍ଭବ ହେଉନାହିଁ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଯୋଗୁ ଏହି ଗାଁ ଆଂଶିକ ଜଳମଗ୍ନ ଗାଁ ଭାବେ ବିବେଚିତ ହୋଇଛି। ଗାଁ ଲୋକଙ୍କ କହିବା ଅନୁଯାୟୀ, ଏହି ଗାଁର ପ୍ରାୟ ୧୦୦ ଏକର ଜମିରୁ ୧୫ ପ୍ରତିଶତ ଜମିରେ ଗାଁ ରହିଛି। ଏହି ଗାଁ ଯେଉଁ ଅଞ୍ଚଳରେ ରହିଛି ସେଇ ସ୍ଥାନ ସୁକ୍‌ତେଲ ପ୍ରକଳ୍ପରେ ଜଳମଗ୍ନ ହେବ। ଗାଁର ପ୍ରାୟ ବାକି ୮୫ ପ୍ରତିଶତ ଚାଷ ଓ ଅନ୍ୟ ଜମି ବୁଡିବ ନାହିଁ। ଏଭଳି ସ୍ଥିତିରେ ଲୋକେ ଅଡୁଆରେ ପଡିଛନ୍ତି । ସେମାନଙ୍କୁ ଘର, ଘରଡିହ କ୍ଷତିପୂରଣ ଦିଆଯାଇଥିଲେ ମଧ୍ୟ ଚାଷଜମି ଜଳମଗ୍ନ ହେଉନଥିବାରୁ ଜମି କ୍ଷତିପୂରଣ ଦିଆଯାଇନାହିଁ। ଗାଁର ବୃନ୍ଦାବନ ସାହୁ, ଯୁଗେଶ୍ୱର ବାଙ୍କ ଓ ପରମା ପୁଟା କହିଛନ୍ତି, ପ୍ରଶାସନକୁ ବାରମ୍ବାର କହିଲେ ମଧ୍ୟ କିଛି ଶୁଣୁନାହାନ୍ତି। ତବଲବାଞ୍ଜି ଗାଁ ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଏହି ଗାଁ ଲୋକଙ୍କ ପାଇଁ କୁସମେଲଠାରେ ପୁନର୍ବାସ କଲୋନୀ ଡିହ ଦିଆଯାଇଛି।

ଯଦି ଗାଁ ଲୋକେ ସେଠାରେ ରହିବେ ତେବେ ସେମାନଙ୍କ ଜମି ଚାଷ କିଭଳି କରିବେ। ସେମାନଙ୍କ କହିବା ହେଲା, ଯଦି ସେମାନଙ୍କୁ ଗାଁରୁ ବିସ୍ଥାପିତ କରାଯିବ ତେବେ ଚାଷଜମି, ଗଛପତ୍ର, ଅନ୍ୟାନ୍ୟ ଆନୁସଙ୍ଗିକ ସମ୍ପତ୍ତିର କ୍ଷତିପୂରଣ ଦିଆଯାଇ ବିସ୍ଥାପିତ କରାଯାଉ। ନଚେତ୍ ଗାଁର ଯେଉଁ ଜମି ଜଳମଗ୍ନ ହେଉନାହିଁ ସେଠାରେ ସେମାନଙ୍କ ପାଇଁ ନୂଆ ଗାଁ ବସାଯାଉ। ସେଠାକୁ ଜିଲା ସଦର ମହକୁମା ଓ ବ୍ଲକ ମହକୁମାକୁ ସବୁଦିନିଆ ରାସ୍ତା ସଂଯୋଗ କରାଯାଉ। ଦୁଇବର୍ଷ ତଳେ ବର୍ଷା ଦିନରେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଏହି ଗାଁର ଜଣେ ଗର୍ଭବତୀ ମହିଳାଙ୍କୁ ରାତିରେ ବହୁ କଷ୍ଟରେ ଗାଁ ଲୋକେ ବଲାଙ୍ଗୀର ହସ୍ପିଟାଲକୁ ନେଇଥିଲେ ମଧ୍ୟ ତାଙ୍କର ଯାଆଁଳା ନବଜାତ ଶିଶୁ ମୃତ୍ୟୁମୁଖରେ ପଡିଥିଲେ। ଏହି ଖବର ସେତେବେଳେ ଚହଳ ସୃଷ୍ଟି କରିଥିଲା। ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ପାଠ ପଢ଼ିଯିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାସତ୍ତ୍ୱେ ଜିଲା ପ୍ରଶାସନ କି ରାଜ୍ୟ ସରକାର ତବଲବାଞ୍ଜି ଗାଁ ଲୋକଙ୍କ ପାଇଁ ସବୁଦିନିଆ ରାସ୍ତା ସଂଯୋଗ ସୁବିଧା କରିନାହାନ୍ତି। ଏଭଳି ଅବସ୍ଥାରେ ଗାଁ ଲୋକେ ଏବେ ଝୁଲା ଅବସ୍ଥାରେ ରହିଛନ୍ତି। ଚଳିତବର୍ଷ ବର୍ଷା ପାଣି ଠେଲିବା ପରେ ତବଲବାଞ୍ଜି-ବନ୍‌ଛୋରପାଲି ପୁରୁଣା ରାସ୍ତା ଆଉ ବ୍ୟବହାର କରିହେବନାହିଁ। ଫଳରେ ଗାଁ ଲୋକେ ପୁଣି ଥରେ ଜିଲାର ମୁଖ୍ୟାଳୟରୁ ବିଚ୍ଛିନ୍ନ ସ୍ଥିତିକୁ ଚାଲିଯିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏ ଦିଗରେ ପ୍ରଶାସନ ଶୀଘ୍ର ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲୋଇସିଂହା, ବୀରମହାରାଜପୁରରେ ହେବ ସୈନିକ ସ୍କୁଲ: ସଙ୍ଗୀତା

ବଲାଙ୍ଗୀର,୧୮।୬(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗଦାନ କରିଥିଲେ। ଏହି ସମାବେଶରେ ବକ୍ତବ୍ୟ ରଖି ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଲୋଇସିଂହା ଓ ବୀରମହାରାଜପୁରଠାରେ ଦୁଇଟି ସୈନିକ ସ୍କୁଲ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ଏମ୍‌ପି ଲାଡ ଫଣ୍ଡରୁ ସେ ନିର୍ବାଚନ ମଣ୍ଡଳୀର ୩୨୬ଟି ପ୍ରାଥମିକ ସ୍କୁଲର ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଇଥିବା କହିଥିଲେ। ଏହାସହିତ ବଲାଙ୍ଗୀର-ପାଟଣାଗଡ-ନୂଆପଡା ରେଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଜମି ଓ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଚଳିତବର୍ଷ ଠାରୁ ଟିଟିଲାଗଡ ଓ ପାଟଣାଗଡରେ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ।

## ଖଇର କାଠ ସହ ଭ୍ୟାନ୍ ଜବତ



ଦେଓଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ଜବତ ଖଇରକାଠ ବୋଝେଇ ଭ୍ୟାନ୍।

ଦେଓଗାଁ,୧୮।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇ ଏକ ଖଇର କାଠ ବୋଝେଇ ଭ୍ୟାନ୍ ଜବତ ହୋଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଟଣାଗଡ ନିକଟ ରାମପାଲି ଗାଁର କୀର୍ତ୍ତି ଷାଣ୍ଢ(୪୮)। ପ୍ରକାଶ ଯେ, ସଇଁନ୍ତଲା ପଟରୁ ଏକ ୪୦୭ ଭ୍ୟାନ୍‌ରେ ପ୍ରାୟ ୮୦ କୁଇଣ୍ଟାଲ ଖଇର କାଠ ବୋଝେଇ ହୋଇ ବେଆଇନ ଭାବେ ବରଗଡ ଅଭିମୁଖେ ଯାଉଥିଲା । ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଦେଓଗାଁ ବନାଞ୍ଚଳର ରେଞ୍ଜର ଯୁଧିଷ୍ଠିର ଜାଲ ଓ ପାରାଷ୍ଟାଫ୍ ଦେଓଗାଁ ଓ ବଙ୍ଗଳା ୨୬ନଂ ଜାତୀୟ ରାଜପଥରେ ଜଗି ରହିଥିଲେ। ଏହି ସମୟରେ ଭ୍ୟାନ୍‌ଟି ଯିବା ବେଳେ ଚଢ଼ାଉ କରି କାଠ ସହ ଭ୍ୟାନ୍‌କୁ ଜବତ କରିଥିଲେ। ଏନେଇ ଦେଓଗାଁ ରେଞ୍ଜ ଅଫିସରେ ଓଆର ନଂ ୯୨/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ବିଭାଗ ସୂଚନା ଦେଇଛି।

## ନଦୀ ବାଲିପଠାରୁ ଯୁବକଙ୍କ ମୃତଦେହ ଜବତ

ସଇଁତଲା,୧୮।୬(ରାଖାଲ ପ୍ରସାଦ ଶତପଥି)

ବୁଧବାର ସଇଁତଲା ଥାନା ଅନ୍ତର୍ଗତ କଳାହାଣ୍ଡି ଓ ବେଲଗାଁ ମଧ୍ୟରେ ଥିବା ତେଲ ନଦୀ ପଠାରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ଦେଓଗାଁ ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମର ଶୁକଦେବ ପଧାନ (୩୫) ବୋଲି ଜଣାଯାଇଛି। ପ୍ରକାଶ ଯେ, ସକାଳ ସମୟରେ ବେଲଗାଁ ଅଞ୍ଚଳର କେତେଜଣ ବ୍ୟକ୍ତି ପୁରୁଣା ଭଙ୍ଗା ବ୍ରିଜ ପାଖ ଦେଇ ନଦୀକୁ ନିତ୍ୟକର୍ମ ପାଇଁ ଯାଉଥିବା ବେଳେ ନଦୀ ବାଲିରେ ଜଣେ ଯୁବକ ମରି ପଡ଼ିଥିବାର ଦେଖିଥିଲେ । ଯୁବକଙ୍କ ନିକଟରେ ଏକ ବିଷ ବୋତଲ ଓ ବାଇକ୍ ପଡିଥିବା ଦେଖି ସଇଁତଲା ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘରୋଇ କଳହ ଯୋଗୁ ଶୁକଦେବ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରୁ ବିଷ ବୋତଲ ଓ ବାଇକ୍ ଜବତ କରିଛି । ଏ ନେଇ ସଇଁତଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦୨୫)ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

## ଆଶା ରଖିଥିଲେ ଚାଷୀ, ନିରାଶ ହେଲେ


ଲୋୟର ସୁକତେଲ ଡ୍ୟାମ।

ଲୋଇସିଂହା,୧୮।୬(ସୁଶାନ୍ତ ବାରିକ)

**ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ବାଦ୍ ପଡିବା ପ୍ରସଙ୍ଗ**

**୧୧ ପଞ୍ଚାୟତରେ ସ୍ଥାୟୀ ଜଳସେଚନ ଦାବି**

ମଙ୍ଗଳବାର ବଲାଙ୍ଗୀର ଉପକଣ୍ଠ ପଥରଚେପାରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କୃଷି ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ବଖାଣିଥିଲେ। ଭାଜପା ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ମଙ୍ଗଳବାର ବଲାଙ୍ଗୀରକୁ ଦ୍ୱିତୀୟ ଗସ୍ତ ଥିଲା। ରାଜ୍ୟରେ ଜଳସେଚନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହେବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ହେଲେ କୃଷକ ଶକ୍ତି ସମାବେଶରେ ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ଜଳସେଚନରୁ ବାଦ୍ ପଡୁଥିବା ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ଓ ଆଗଲପୁର ବ୍ଲକର ୧୧ ପଞ୍ଚାୟତକୁ ଜଳସେଚନ କରାଯିବା ନେଇ ଘୋଷଣା ନ ହେବା ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କୁ ନିରାଶ କରିଛି। ଉକ୍ତ ସମାବେଶରେ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଦୋହରାଇ ଜଳସେଚନ କ୍ଷେତ୍ରରେ ଓଡିଶାରେ ବୈପ୍ଲବିକ ପରିବର୍ତ୍ତନ ହେବାକୁ ଯାଉଛି । ଏହାଛଡା ବଲାଙ୍ଗୀର ଜିଲାରେ ଜଳସେଚନ ପାଇଁ ୩ ଶହ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୂତଳ ଜଳସେଚନର ପ୍ରକଳ୍ପର ଶିଳାନ୍ୟାସ କରିଥିବା ସେ କହିଥିଲେ । ହେଲେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ବାଦ୍ ପଡୁଥିବା ଲୋଇସିଂହା ଓ ଆଗଲପୁର ବ୍ଲକର ଚାଷୀଙ୍କୁ ସ୍ଥାୟୀ ଜଳସେଚନ ଉପରେ ପଦଟିଏ କହି ନ ଥିଲେ । ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ପ୍ରସ୍ତାବିତ ମେଗା ପ୍ରକଳ୍ପକୁ ବିରୋଧ କରୁଥିବା ବେଳେ ଲୋୟର ସୁକତେଲ ପ୍ରକଳ୍ପରୁ ବାଦ୍ ପଡୁଥିବା ଅଞ୍ଚଳକୁ ସ୍ଥାୟୀ ଜଳସେଚନ ପାଇଁ ଦାବି କରି ଆସୁଛି। ସେହିପରି ଲୋଇସିଂହା ବ୍ଲକର ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତବାସୀ ମଧ୍ୟ ମେଗା ପ୍ରକଳ୍ପକୁ ବିରୋଧ କରି ସ୍ଥାୟୀ ଜଳସେଚନ ପାଇଁ ଦାବି କରି ଆସୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହା ଦ୍ୱିତୀୟ ଗସ୍ତ ଥିବାରୁ ସ୍ଥାୟୀ ଜଳସେଚନ ଘୋଷଣା କରିବା ନେଇ ଆଶା ବାନ୍ଧିଥିଲୁ ବୋଲି ସଂଘର୍ଷ ସମିତି ସଦସ୍ୟ ଶ୍ୟାମସୁନ୍ଦର ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାୟକ ଓ ଅନ୍ୟମାନେ କହିଛନ୍ତି। କିନ୍ତୁ ନିରାଶ ହେବା ପରେ ମିଳିତ କୃଷକ ସଂଘର୍ଷ ସମିତିର ଆନ୍ଦୋଳନ ଆଗକୁ ଆହୁରି ତେଜିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

## ଅଟକ ପରେ ଭାଜପା ଉପରେ ବର୍ଷିଲେ ପୂର୍ବତନ ଜିଲା କଂଗ୍ରେସ ସଭାପତି

ଲୋଇସିଂହା,୧୮।୬(ସୁଶାନ୍ତ ବାରିକ)

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ ବେଳେ ଯେପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ଜିଲା ପୋଲିସ ସଜାଗ ରହିଥିଲା । ବିରୋଧୀ ଦଳର ନେତାଙ୍କୁ ଥାନାରେ ଅଟକ ରଖାଯାଇଥିଲା । ଏହି ପରିପ୍ରେକ୍ଷୀରେ ଲୋଇସିଂହା ପୋଲିସ ପକ୍ଷରୁ ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲିପ କୁମାର ବେହେରା, ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କୁ ଥାନାରେ ଅଟକ ରଖଯାଇ ମଙ୍ଗଳବାର ଅପରାହ୍ନରେ ଛାଡି ଦିଆଯାଇଥିଲା । ଅଟକ ଥିବା ପୂର୍ବତନ ଜିଲା କଂଗ୍ରେସ ସଭାପତି ବେହେରା ପ୍ରତିକ୍ରିୟାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ବିଜେଡିର କାହାରିକୁ ଅଟକ ରଖାଯାଇ ନ ଥିବା ବେଳେ କେବଳ କଂଗ୍ରେସ କର୍ମୀଙ୍କୁ ଅଟକ ରଖାଯାଇଥିଲା । ଏଥିରୁ ବିଜେଡି-ଭାଜପା ମଧ୍ୟରେ ଭିତିରି ସମ୍ପର୍କ ଥିବା ମନେ ହେଉଛି ବୋଲି କହିଥିଲେ। କୃଷକ ଶକ୍ତି ସମାବେଶକୁ ନେଇ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ମଣ୍ଡିରେ ଧାନ କଟ୍‌ନି ଛଟ୍‌ନି ଆଉ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଖରିଫ ପରେ ରବି ଧାନକ୍ରୟରେ ମଧ୍ୟ ମଣ୍ଡିଗୁଡିକରେ କଟ୍‌ନି ଛଟ୍‌ନି କରାଯାଉଛି । କୁଇଣ୍ଟାଲ ପିଛା ୫ରୁ ଅଧିକ କେଜି ଧାନ କଟ୍‌ନି ଛଟ୍‌ନି କରାଯିବା ଅଭିଯୋଗ ହେଉଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ବରଗଡରେ ଅଭାବୀ ଧାନ ବିକ୍ରି ପ୍ରତିବାଦରେ ଚାଷୀମାନେ ସହରାଟିକ୍ରାଠାରେ ଆନ୍ଦୋଳନ କରିବା ଦେଖିବାକୁ ମିଳିଛି। ଭାଜପା ବିକାଶ କଥା ଡିଣ୍ଡିମ ପିଟୁଛି। କିନ୍ତୁ ବିଜେଡି ଢାଞ୍ଚାରେ ଚାଲୁଥିବା ସେ ଅଭିଯୋଗ କରିଥିଲେ। ସେ କହିଥିଲେ, ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ବର୍ଷେ ବିତିଲାଣି। ହେଲେ ବିଜେଡି ପକ୍ଷରୁ କୋର୍ଟଗୁଡିକରେ ନିଯୁକ୍ତ ସରକାରୀ ଓକିଲମାନେ ଏବେ ବି କାର୍ଯ୍ୟ କରୁଛନ୍ତି। ସୁଭଦ୍ରା ଯୋଜନାରେ ଏକକାଳୀନ ୫୦ ହଜାର ଟଙ୍କା ଦେବାକୁ ଭାଜପା ପକ୍ଷରୁ କୁହାଯାଇଥିଲା। ସରକାରକୁ ଆସିଲ। ପରେ ଦେଇଥିବା କଥା ରଖିଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ଶିକ୍ଷା ଅବହେଳିତ ହୋଇପଡିଛି। ଏହାଛଡା ଗରିବ ଧନୀ ମଧ୍ୟରେ ରହିଥିବା ପ୍ରଭେଦ ଦୂରୀକରଣରେ ଆନ୍ତରିକତା ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ ।

## ଦାବିପତ୍ର ଦେବାକୁ ନେଇ ଜିଲା ପରିଷଦ ସଦସ୍ୟ-ପ୍ରଶାସନ ମୁହାଁମୁହିଁ

ବଲାଙ୍ଗୀର,୧୮।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ଓ ଜିଲା ପ୍ରଶାସନ ବୁଧବାର ମୁହାଁମୁହିଁ ହୋଇଥିବା ଜଣାପଡିଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାକୁ ଯାଇଥିବା ବିଜେଡି ଜିଲା ପରିଷଦ ସଦସ୍ୟାସଦସ୍ୟ ଜିଲାପାଳଙ୍କୁ ଭେଟି ନ ପାରିବାରୁ ସେଠାରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିବା ଜଣାପଡିଛି। ଅତିରିକ୍ତ ଜିଲାପାଳ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ଥିତି ସମାଧାନ କରିବାକୁ ଆସି ମଧ୍ୟ ଏଥିରେ ସଫଳ ହୋଇ ନ ଥିବା ଜଣାପଡିଛି। ବଲାଙ୍ଗୀର ଜିଲାର ବିକାଶ କାର୍ଯ୍ୟ ଠପ୍ ହୋଇଯାଇଛି ବୋଲି ଅଭିଯୋଗ ଆଣି ରାଜ୍ୟପାଳଙ୍କୁ ଏକ ଦାବିପତ୍ର ଦେବାକୁ ଜିଲା ପରିଷଦ ସଭାପତି ଦେବକୀ ସାହୁ ଓ ଅନ୍ୟ କେତେଜଣ ସଦସ୍ୟ ବୁଧବାର ଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ସେଠାରେ ଜିଲାପାଳ ଗୌରବ ଶିଓାଜୀ ଇସଲଓାର ନ ଥିଲେ। ଫୋନ ଯୋଗେ ଜିଲା ପରିଷଦ ସଭାପତି ସାହୁ ଜିଲାପାଳଙ୍କ ସହ କଥା ହୋଇଥିଲେ। ଏହି ସମୟରେ ଦାବିପତ୍ର ଗ୍ରହଣ କରିବାକୁ ଆସିବାକୁ କୁଆଡେ କହିଥିଲେ। ତେବେ ଜିଲାପାଳ ବାହାରେ ଥିବାରୁ ସେ ନ ଆସି ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ସେଠାକୁ ଆସି ଦାବିପତ୍ର ଗ୍ରହଣ କରିବେ ବୋଲି କହିଥିଲେ। ମାତ୍ର ଜିଲା ପରିଷଦ ଟିମ୍ ଜିଲାପାଳଙ୍କୁ ଦାବିପତ୍ର ଦେବେ ବୋଲି କହିଥିଲେ। ଏଡିଏମ୍ ଓ ଜିଲା ପରିଷଦ ସିଡିଓ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଜିଲା ପରିଷଦ ଟିମ୍ ଦାବିପତ୍ର ନ ଦେଇ ସେଠାରୁ ଫେରି ଆସିଥିବା ଦେଖାଯାଇଥିଲା।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସନ୍ତାନ ନ ହେବାରୁ ତଣ୍ଟି ଚିପି ହତ୍ୟା ଅଭିଯୋଗ**

ଟିଟିଲାଗଡ଼,୧୮।୬(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ଗନ୍ଧରଗଲା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ମଙ୍ଗଳବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତେବେ ଶାଶୁଘର ଲୋକେ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସ୍ଥାନୀୟ ଲୁଥୁରବନ୍ଧ ଗ୍ରାମର ଡମ ମାଝୀଙ୍କ ଝିଅ ଧୀରାବତୀ (୨୫) ଗନ୍ଧରଗଲା ଗ୍ରାମର ସେନାପତି ଜାନିଙ୍କ ପୁଅ ତୁଳସୀରାମ ଜାନିଙ୍କୁ ଗତ ୩ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ କୌଣସି ସନ୍ତାନ ନ ହେବାରୁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଅନେକ କଥା ଶୁଣାଉଥିଲେ। ଏ ନେଇ ଧୀରାବତୀ ଅନେକ ଥର ବାପଘର ଲୋକଙ୍କୁ ଜଣାଇ ଆସୁଥିଲେ। ଏହାକୁ କେନ୍ଦ୍ର କରି ତାଙ୍କୁ ବିଭିନ୍ନ ଅଶାଳୀନ କଥା କହି ମାନସିକ ନିର୍ଯ୍ୟାତନା ଦିଆଯାଇ ଆସୁଥିଲା। ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଝିଅକୁ ଜ୍ୱର ହୋଇଥିବା ନେଇ ଶାଶୁ ଘର ପକ୍ଷରୁ ଫୋନ କଲ୍ ଆସିଥିଲା। ଫଳରେ ଡମ ସମୁଦି ଘର ଗନ୍ଧରଗଲାକୁ ଯାଇଥିଲେ। କିନ୍ତୁ ସେଠାରେ ଧୀରାବତୀଙ୍କ ମୃତଦେହ ତଳେ ପଡି ରହିଥିବା ଓ କପଡା ମଧ୍ୟ ଘୋଡା ଯାଇ ନ ଥିବା ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ସମ୍ପର୍କରେ ପଚାରି ଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେ ଥାନାରେ ଏତଲା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି। ବୁଧବାର ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍, ଭାରପ୍ରାପ୍ତ ମାଜିଷ୍ଟ୍ରେଟ ସନ୍ଦୀପ ଚନ୍ଦ୍ରକାର, ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ, ଥାନା ଆଇଆଇସି କଲ୍ୟାଣୀ ବେହେରା ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବାପଘର ଲୋକେ ଆକୁଳ ନିବେଦନ କରିଛନ୍ତି ।


ଧୀରାବତୀ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କର

**ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର**

ବଲାଙ୍ଗୀର,୧୮।୬(ବୀରେନ୍ଦ୍ର କୁମାର ଝାଙ୍କର)


ସରକାରୀ ଆଉଟ୍‌ସୋର୍ସିଂ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି ।

ବଲାଙ୍ଗୀର ଜିଲାର ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ପଥରଚେପା ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ଯୋଗ ଦେବା ଅବସରରେ ଏହି ଦାବିପତ୍ର ଦିଆଯାଇଥିଲା । ରାଜ୍ୟରେ ସମସ୍ତ ପ୍ରକାର ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଓ ଦୈନିକ ମଜୁରି ବ୍ୟବସ୍ଥାକୁ ହଟାଇ ସେହି କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ପ୍ରଦତ୍ତ ଦାବିପତ୍ରରେ ସେବା ପ୍ରଦାନକାରୀ ଏଜେନ୍ସି ଓ ଆଡମିନିଷ୍ଟ୍ରେଶନ ଦ୍ୱାରା ଅସ୍ଥାୟୀ କର୍ମଚାରୀମାନେ ଶୋଷଣର ଶିକାର ହେଉଥିବା ଉଲ୍ଲେଖ ରହିଛି। ମୁଖ୍ୟମନ୍ତ୍ରୀ ମାଝୀ ବିଗତ ଦିନରେ ବିରୋଧ ଦଳର ମୁଖ୍ୟ ସଚେତକ ଥିଲା ବେଳେ ବିଧାନସଭାରେ ଏହି ଆଉଟସୋର୍ସି କର୍ମଚାରୀଙ୍କ ସମସ୍ୟା ପ୍ରସଙ୍ଗ ଉଠାଇ ୨୦୧୩ ଚୁକ୍ତିଭିତ୍ତିକ ପ୍ରଥା ବିଷୟରେ ଆଲୋଚନା କରିଥିଲେ। ଏବେ ସେ ସେମାନଙ୍କ ସମସ୍ୟାକୁ ସହୃଦୟତାର ସହ ବିଚାର କରିବେ ବୋଲି ଦାବି ଜଣାଇଥିଲେ। ଦାବିପତ୍ରରେ ଆଉଟସୋର୍ସିଂ ବ୍ୟବସ୍ଥାରେ ସନ୍ତୋଷଜନକ ଭାବେ ଦୀର୍ଘ ଦିନ ସେବା ଯୋଗାଇ ଆସୁଥିବା ସମସ୍ତ ଆଉଟସୋର୍ସିଂ ଓ ଏହି ବ୍ୟବସ୍ଥାରେ ଥିବା ଡେଲିୱେଜେସ କର୍ମୀଚାରୀଙ୍କୁ ତୁରନ୍ତ ସ୍ଥାୟୀ କରିବା ଓ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବାକୁ ଦାବି କରାଯାଇଛି। ରାଜ୍ୟ ଗୃହ ବିଭାଗ ପତ୍ର ସଂଖ୍ୟା-୨୩୫୮୨, ତା.୧୩।୦୭।୨୦୨୨ରିଖ ରେ ଏକ ଆଦେଶ ବଳରେ ହୋଇଥିବା ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରିବାକୁ ଦାବି ହୋଇଛି । ଇତିମଧ୍ୟରେ ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ ଓ ହରିୟାନା ସରକାର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିଥିବା ବେଳେ ପଶ୍ଚିମବଙ୍ଗ ସରକାର ସେମାନଙ୍କ ପାଇଁ ସର୍ବନିମ୍ନ ଦରମା ୪୬ ହଜାର ଟଙ୍କା ରଖିଛନ୍ତି। ଚାକିରି ନିରାପତ୍ତା ଯୋଗାଇଛନ୍ତି । ଉତ୍ତରପ୍ରଦେଶ ସରକାର ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ପ୍ରାଇଭେଟ ଏଜେନ୍ସିଙ୍କ ଶୋଷଣରୁ ମୁକ୍ତ କରିଛନ୍ତି। ସଂଘ ପକ୍ଷରୁ ମାର୍ଚ୍ଚ ମାସରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରାଯାଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ଏହାର ବିଚାର ଶୀଘ୍ର କରାଯିବ ବୋଲି କୁହାଯିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଏହା ହୋଇନାହିଁ। ଏ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି ।

## ସଂକ୍ଷେପରେ

### ସୁଶିଲା ଅଗ୍ରୱାଲ ସମ୍ମିଳନୀର ଜାତୀୟ ମହିଳା ଅଧକ୍ଷା

ସମ୍ବଲପୁର,୧୮।୬(ବି.ଶଙ୍କର)

ସମ୍ବଲପୁର କ୍ଷେତରାଜପୁର ନିବାସୀ ସୁଶୀଳା ଫରମାନିଆ ଜାତୀୟ ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀର ଜାତୀୟ ମହିଳା ଅଧକ୍ଷା ଭାବେ ମନୋନୀତ ହୋଇଛନ୍ତି। ମଙ୍ଗଳବାର ଏନେଇ କ୍ଷେତରାଜପୁରଠାରେ ବିଭିନ୍ନ ମହିଳା ସଙ୍ଗଠନ କର୍ମକର୍ତ୍ତା ମିଳିତଭାବେ ଶୁଭେଚ୍ଛା ଜଣାଇଛନ୍ତି । ରାଜସ୍ଥାନର ଶ୍ରୀଶ୍ୟାମ ବାବାଙ୍କ ପବିତ୍ର ଭୂମି ଖାଟୁ ଧାମରେ ଜୁନ ୧୨ ଓ ୧୩ତାରିଖ ଦୁଇଦିନିଆ ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀ ହୋଇଥିଲା । ଏଥିରେ ଭାରତ ଓ ବିଦେଶରୁ ୭ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ସାମାଜିକର୍ମୀ ସୁଶୀଳା ବର୍ତ୍ତମାନ ପର୍ଯ୍ୟନ୍ତ ଜାତୀୟ ମହିଳା ସଂଯୋଜକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟନିର୍ବାହୀଙ୍କ ସର୍ବସମ୍ମତି କ୍ରମେ ଅଗ୍ରୱାଲ ସମ୍ମିଳନୀର ଅନ୍ତର୍ଜାତୀୟ ସଭାପତି ରାଜକୁମାର ମିତ୍ତଲ ସୁଶୀଳାଙ୍କୁ ଜାତୀୟ ମହିଳା ଅଧକ୍ଷା ଭାବେ ଘୋଷଣା କରିଥିଲେ।


ସୁଶୀଳା ଫରମାନିଆ ।

### ଭଗବତୀ ଦେହୁରୀଙ୍କ ପରଲୋକ

ସମ୍ବଲପୁର,୧୮।୬(ଭବାନୀ ଶଙ୍କର ଭୋଇ)

ବାମଣ୍ଡର ପୂର୍ବତନ ଜମିଦାର ହରିହର ଦେହୁରୀଙ୍କ ଏକମାତ୍ର ଝିଅ ଭଗବତୀ ଦେହୁରୀଙ୍କ ବୁଧବାର ତାଙ୍କ ସମ୍ବଲପୁର ଭୁତାପଡା ଛକ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ସ୍ୱାମୀ ବରିଷ୍ଠ ପୋଲିସ ଅଧିକାରୀ ବସନ୍ତ କୁମାର ଦେହୁରୀଙ୍କ ବହୁ ପୂର୍ବରୁ ପରଲୋକ ହୋଇସାରିଛି। ଯୁବାବସ୍ଥାରେ ଭଗବତୀ ଜଣେ ଭଲ ସୁଟର ଏବଂ ଘୋଡା ଚାଳକ ଥିଲେ। ସମ୍ବଲପୁର ଦୁର୍ଗାପାଲିସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ମହାବୀର ଦେହୁରୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। କୃଷକ ନେତା ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ତାଙ୍କ ଜ୍ୱାଇଁ ଅଟନ୍ତି। ତାଙ୍କର ପରଲୋକ ଖବର ପାଇ କୃଷକ ସଙ୍ଗଠନ ସହିତ ଜଡିତ ବହୁ କର୍ମକର୍ତ୍ତା ଶୋକ ପ୍ରକଟ କରିଛନ୍ତି।


ଭଗବତୀ ଦେହୁରୀ।

### ନିଖୋଜର ୯ ଦିନ ପରେ ଗଳିତ ମୃତଦେହ ଜବତ

ନାକଟିଦେଉଳ,୧୮।୬(ବୈକୁଣ୍ଠନାଥ ସାହୁ)

ନିଖୋଜର ୯ ଦିନ ପରେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ହିତସରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପୁରିହାପାଳ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଛି। ଠାବ ହୋଇଥିବା ମୃତଦେହ ହିତସରା ଗ୍ରାମର ନିରଞ୍ଜନ ସାହୁ (୫୯ )ଙ୍କର ବୋଲି ଜଣାପଡିଛି। ସାହେବୀ ନିକଟ ଟାଙ୍ଗିଆନିଶା ଗ୍ରାମର ନିରଞ୍ଜନ ଦୀର୍ଘ ବର୍ଷ ହେବ ହିତସରା ଗ୍ରାମରେ ବିବାହ କରି ସେଠାରେ ଘରଜ୍ୱାଇଁ ଭାବେ ରହି ଆସୁଥିଲେ। ଗତ ୧୦ ତାରିଖରେ ସେ ପାଣି ଢାଳ ଧରି ଗାଁ ମୁଣ୍ଡକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଚାରିଆଡେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ । ଫଳରେ ୧୧ତାରିଖ ଏ ନେଇ ପରିବାର ଲୋକେ ନାକଟିଦେଉଳ ଥାନାରେ ଏତଲା ଦେଇଥିଲେ। ବୁଧବାର ଗ୍ରାମଠାରୁ ପ୍ରାୟ ୪ କି. ମି. ଦୂର ପୁରିହାପାଳ ଜଙ୍ଗଲକୁ କେତେକ ବ୍ୟକ୍ତି ଛେଳି ଚରାଇବାକୁ ଯାଇଥିବା ବେଳେ ଏକ ମହୁଲ ଗଛରେ ନିରଞ୍ଜନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ସେମାନଙ୍କଠାରୁ ଖବର ପାଇ ନିରଞ୍ଜନଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ସହ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅମୁନସେନ କିରୋ କହିଛନ୍ତି ।

# ‘ନିୟମିତ ହେଉଛି ଜଳ ନମୁନା ପରୀକ୍ଷଣ’

ସମ୍ବଲପୁର,୧୮।୬(ପ୍ରମୋଦ ବହିଦାର)



- ସମ୍ବଲପୁରରେ ଡାଇରିଆ ମାମଲା ନାହିଁ: ସିଡିଏମ୍ଓ
- ଡିଏଚ୍ଏଚ୍, ଏସ୍ଏମ୍ସିରେ ଖୋଲାଯାଇଛି ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ
- ଭିମ୍ସାରରେ ୨୦ ଶଯ୍ୟା ବିଶିଷ୍ଟ ୱାର୍ଡ ପ୍ରସ୍ତୁତ ରଖାଯାଇଛି

ରାଜ୍ୟରେ ଡାଇରିଆ ବ୍ୟାପିବାରେ ଲାଗିଛି। ୮ଟି ଜିଲା ଡାଇରିଆ କବଳିତ ହୋଇଛି। ତେବେ ସମ୍ବଲପୁର ଜିଲାରେ ଏପର୍ଯ୍ୟନ୍ତ ଡାଇରିଆର କୌଣସି ମାମଲା ସାମନାକୁ ଆସିନାହିଁ। ମାତ୍ର ଆଶଙ୍କାକୁ ଦୃଷ୍ଟିରେ ରଖି ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସମ୍ବଲପୁର ଜିଲା ସ୍ବାସ୍ଥ୍ୟାଧିକାରୀ(ସିଡିଏମ୍ଓ) ଡା. ପ୍ରଦୀପ କୁମାର ହୋତା କହିଛନ୍ତି। ଏହା ଏକ ଜଳବାହୀ ରୋଗ ହୋଇଥିବାରୁ ଜିଲାରେ ଲୋକଙ୍କ ବ୍ୟବହାର ଯୋଗ୍ୟ ସମସ୍ତ ଜଳ ଉତ୍ସ ଗୁଡ଼ିକୁ ସଂକ୍ରମଣ ମୁକ୍ତ କରିବା ଅଭିଯାନ ଜାରି ରହିଛି। ସହରରେ ଯୋଗାଣ ହେଉଥିବା ପାନୀୟ ଜଳରେ ନିୟମିତ ଭାବେ ବ୍ଲିଚିଂ ପାଉଡ଼ର ପକାଯାଇ ବିଶୋଧିତ କରାଯାଉଛି। ଏହାସହ ନିୟମିତ ଭାବେ ଜଳର ନମୁନା ପରୀକ୍ଷଣ କରାଯିବା ସହିତ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଷ୍ଟଲରେ ମିଳୁଥିବା ଖାଦ୍ୟର ମାନକୁ ମଧ୍ୟ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଡାଇରିଆ ନିରାକରଣ ପାଇଁ ଲୋକଙ୍କ ମଧ୍ୟରେ ଆବଶ୍ୟକ ସତର୍କତା ଅବଲମ୍ବନ ଜନିତ ସଚେତନତା ଜାଗ୍ରତ ଅଭିଯାନ ଜାରି ରହିଛି। ଡାକ୍ତରଖାନାଗୁଡ଼ିକରେ ଯଥେଷ୍ଟ ପରିମାଣର ଔଷଧ, ଓଆର୍ଏସ୍ ପାନୀୟ ସହିତ ସେଲାଇନ୍ ଆଦି ଗଚ୍ଛିତ ରଖାଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟସେବୀଙ୍କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟର ୧୩ ଶଯ୍ୟା ବିଶିଷ୍ଟ ସଂକ୍ରମଣ ୱାର୍ଡକୁ ପ୍ରସ୍ତୁତ ରଖାଯାଇଛି। ବର୍ଷା ଋତୁରେ ଅପେକ୍ଷାକୃତ ଡାଇରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥାଏ। ତେଣୁ ଯଦିଓ ଏଠାରେ ବର୍ତ୍ତମାନ ଶଯ୍ୟା ଖାଲି ନାହିଁ ତଥାପି ଯେକୌଣସି ମାମଲା ପାଇଁ ଶଯ୍ୟାର ଅଭାବ ରହିବ ନାହିଁ। ଗୁରୁତର ରୋଗୀଙ୍କୁ ଭିମସାର ରେଫର କରାଯିବ। ଏଠାରେ ଏକ ୨୦ ଶଯ୍ୟା ବିଶିଷ୍ଟ ୱାର୍ଡ ପ୍ରସ୍ତୁତ ରଖାଯାଇଛି। ତେବେ ଗତ ୨୦୨୩ ମସିହାରେ ହୀରାକୁଦରେ ଦେଖା ଦେଇଥିବା ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ହୀରାକୁଦ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସିଡିଏମ୍ଓ ଡା. ହୋତା କହିଛନ୍ତି।

ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ଭାବ୍ୟ ଡାଇରିଆକୁ ନେଇ ପରିସ୍ଥିତ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ୱାଟ୍କୋ, ଜନସ୍ୱାସ୍ଥ୍ୟ ବିଭାଗ, ଆର୍ଡବ୍ଲ୍ୟୁଏସଏସ୍ ଆଦି ତିନି ବିଭାଗକୁ ବିଶେଷ ସତର୍କତା ଅବଲମ୍ବନ ପୂର୍ବକ ପାନୀୟ ଜଳ ବିଶୋଧନକୁ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଏଥିପ୍ରତି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ନିୟମିତ ଭାବେ ୱାଟ୍କୋ, ଜନସ୍ୱାସ୍ଥ୍ୟ ବିଭାଗ, ଆର୍ଡବ୍ଲ୍ୟୁଏସଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ନେଇ ଗଠିତ କୋର୍ କମିଟି ବୈଠକରେ ସେ ନିଜେ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ପରିସ୍ଥିତି ଉପର ତୀକ୍ଷ୍ଣ ନଜର ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମହାନଗର ନିଗମ(ଏସ୍ଏମ୍ସି) କାର୍ଯ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଯାଇଛି। ଜିଲାର ସମସ୍ତ ସହରାଞ୍ଚଳ, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ବାସ୍ଥ୍ୟାଧିକାରୀ ଓ ସ୍ୱାସ୍ଥ୍ୟସେବୀମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ ବୋନ୍ଦେର କହିଛନ୍ତି।

## ବନ୍ୟା ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଅଧିକାରୀମାନେ।

କୁଚିଣ୍ଡା,୧୮।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନହଲରେ ବୁଧବାର କୁଚିଣ୍ଡା ସହରାଞ୍ଚଳସ୍ତରୀୟ ବନ୍ୟା ବିପର୍ଯ୍ୟୟ ମୁକାବିଲା ସଚେତନତା ଓ ପ୍ରସ୍ତୁତି ଟେବୁଲ ଟପ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଗୌରବମୟ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ବନ୍ୟା ମୁକାବିଲା ଉପରେ ଆଗୁଆ ସତର୍କତା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ା. ସୁବୋଧ କୁମାର ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ପ୍ରସନ୍ନ କୁମାର ସାମଲ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, କୁଚିଣ୍ଡା ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ଟପ୍ପୋ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସତ୍ୟଭାମା ଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ବନ୍ୟା ବିପର୍ଯ୍ୟୟ ମୁକାବିଲା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କୁଚିଣ୍ଡା ଅଗ୍ନିଶମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବନ୍ୟା ବିପର୍ଯ୍ୟୟ ଉପରେ ବ୍ୟବହାରିକ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନା ପରିଚାଳନା କରିଥିବାବେଳେ ହିମାଂଶୁ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ନିମପାଲିରେ ନୂତନ ପୋଖରୀ ଉଦ୍ଘାଟିତ


ହିଣ୍ଡାଲକୋ ପକ୍ଷରୁ ନିମପାଲିଠାରେ ବୁଧବାର ନୂତନ ପୋଖରୀ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୧୮।୬(ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲକୋ ପକ୍ଷରୁ ନୂତନ ପୋଖରୀ ନିମପାଲିଠାରେ ବୁଧବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ଅଭିଜିତ, ହିଣ୍ଡାଲକୋ ଡାଉନ ଷ୍ଟ୍ରିମ ମାନବ ସମ୍ବଳ ମୁଖ୍ୟ ଟି. ମିନା ପ୍ରକାଶ, ହିଣ୍ଡାଲକୋ ସ୍ମେଲଟର ଓ ପାୱାର ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକ, ଏଫଆପି ପ୍ଲାଣ୍ଟ ମୁଖ୍ୟ ସୌମିତ୍ର ରାୟ, ହୀରାକୁଦ ଏଫଆପି ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର, ହୀରାକୁଦ କମ୍ପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶିବ ମହାପାତ୍ର ଓ ଗ୍ରାମର ବରିଷ୍ଠ ନାଗରିକ ଭୁବନେଶ୍ୱର ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅମିତ କାଲୋ, ଅଶୋକ କାଲୋ, ଆନନ୍ଦ ତରୁଆ, ସନ୍ତୋଷ ଖଡିଆ, ଦେବାନନ୍ଦ, ମିଲନ, ଯୁବନେତା ପ୍ରଦୀପ ପଣ୍ଡାଙ୍କ ନେତୃତ୍ୱରେ ହିଣ୍ଡାଲକୋର ଏହି ମହତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣ, ହିଣ୍ଡାଲକୋ ସିଏସ୍ଆର ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ, ସନ୍ତୋଷ ତ୍ରିପାଠୀ ଓ ରିଜଏସ ନାଗ ଉପସ୍ଥିତି ଥିଲେ ।

## ଭୂମିହୀନ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୮।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ନକ୍ସାପାଲି ପଟାଟାଙ୍କର ଗ୍ରାମର ୨୦ ଭୂମିହୀନ ପରିବାର ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଧାଂଶୁ ଶେଖର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦରଖାସ୍ତରେ ଅଭିଯୋଗ କରିଛନ୍ତି, ପଟାଟାଙ୍ଗର ଗ୍ରାମରେ ସେମାନେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ରହି ଆସୁଛନ୍ତି। ହେଲେ ଜମି ମାଲିକ ଅସନ୍ତା ୧୫ ଦିନ ମଧ୍ୟରେ ସ୍ଥାନ ଖାଲି କରିବାକୁ କହିଛନ୍ତି। ସେମାନେ ଭୂମିହୀନ ହୋଇଥିବାରୁ ବର୍ଷାଋତୁରେ ପିଲାଛୁଆ ଧରି କ’ଣ କରିବେ ଚିନ୍ତାରେ ପଡିଛନ୍ତି। ପ୍ରଥମେ ଥଇଥାନ କରି ପରେ ଉଚ୍ଛେଦ କରିବାକୁ ସେମାନେ ଦାବି କରି ଘର ନିର୍ମାଣ ପାଇଁ ଆବଶ୍ୟକ ଜମିଯୋଗାଇ ଦେବାକୁ ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି। ତେବେ ତହସିଦାରଙ୍କ କାର୍ଯ୍ୟାଳୟରେ ନିଜ ପରିଚୟ ପତ୍ର ସହିତ ନାମ ପଞ୍ଜିକରଣ କରିବାକୁ ଅତିରିକ୍ତ ଜିଲାପାଳ ସେମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ଉକ୍ତ ଭୂମିହୀନ ପରିବାର କହିଛନ୍ତି।

## ସମ୍ଭାବ୍ୟ ବନ୍ୟା ମୁକାବିଲା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

ନାକଟୀଦେଉଳ,୧୮।୬(ବୈକୁଣ୍ଠନାଥ ସାହୁ)

ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲା ଆପତକାଳୀନ ବିଭାଗ ପକ୍ଷରୁ ବୁଧବାର ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ସମ୍ଭାବ୍ୟ ବନ୍ୟା ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ଅଗ୍ନିଶମ ବିଭାଗ ଅଧିକାରୀ ଅରୁଣ କୁମାର ବେହେରା, ସହକାରୀ ଯନ୍ତ୍ରୀ ସତ୍ୟପୀର ବେହେରା ଯୋଗଦେଇଥିଲେ। ବର୍ଷାଋତୁ ଆସିଯାଇଥିବାରୁ ବିଭିନ୍ନ ସମୟରେ ବର୍ଷାର ପ୍ରକୋପରେ ବିଭିନ୍ନ ସ୍ଥାନରେ ଧନ ଜୀବନ ହାନୀ ଘଟିବାର ସମ୍ଭାବନା ରହିଛି । ଏଥିରୁ କିପରି ନିଜକୁ ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ଆଗୁଆ ପ୍ରସ୍ତୁତ ରହିବା ଦିଗରେ ଆଲୋଚନା କରାଯାଇଥିଲା। ବନ୍ୟା ବାତ୍ୟା ସମୟରେ ଜନ ସାଧାରଣ ଭୟଭୀତ ନ ହୋଇ ସରକାରୀ ସତର୍କତା ସୂଚନାକୁ ନଜର ରେ ରଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବା ସହ ପ୍ରଶାସନକୁ ସହଯୋଗ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥି ସହିତ ଗ୍ରାମ ଏବଂ ପଞ୍ଚାୟତସ୍ତରରେ ମଧ୍ୟ ସମସ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ବନ୍ୟା ମୁକାବିଲା ନେଇ ଏକ ମକଡ୍ରିଲ କରାଯାଇଥିଲା। ଏହି ବୈଠକରେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଡଙ୍ଗା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ସମସ୍ତ ପଞ୍ଚାୟତର ଇଓ, ବିଭିନ୍ନ ବିଭାଗ ଅଧିକାରୀ, ଏମବିକେ, ସିଆରପି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନାକଟିଦେଉଳ,୧୮।୬(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଭାଲୁଗାଡ଼ିଆ ଗ୍ରାମର ଜଣେ ଯୁବକ ବୁଧବାର କୁଟାସିଙ୍ଗା ରାସ୍ତାରେ ଥିବା ଏକ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବକ ଭାଲୁଗାଡ଼ିଆ ଗ୍ରାମର ସୁନୀଲ ଶତପଥୀ (୩୫)। ସୁନୀଲ ପୂର୍ବାହ୍ନ ପ୍ରାୟ ୧୧ଟାରେ ବେକରେ ଫାସ ଲଗାଇ ଆତ୍ମହତ୍ୟା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା କୌଣସି ସୂତ୍ରରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସେ ଗଛରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗଛରୁ ଓହ୍ଲାଇ ନାକଟିଦେଉଳ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ଡାକ୍ତରଖାନାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୮/୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ କେଉଁ ପରିସ୍ଥିତିରେ ସୁନୀଲ ଆତ୍ମହତ୍ୟା କଲେ ତାହା ଜଣା ପଡିନାହିଁ। ସୁନୀଲ ବିବାହିତ ଥିବାବେଳେ ତାଙ୍କର ଏକ ୩ବର୍ଷର ପୁଅ ଅଛି।

## ସାମୂହିକ ଔଷଧ ସେବନ ସଚେତନତା ବୈଠକ

ସମ୍ବଲପୁର,୧୮।୬(ବି.ଶଙ୍କର)

ସାମୂହିକ ଔଷଧ ସେବନ, ସିକଲ ସେଲ ଆନିମିଆ ସଚେତନତା ବୈଠକ ମଙ୍ଗଳବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଡାକ୍ତର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ରୋଗ ପରିଚାଳନା, ଔଷଧ ସେବନ କରିବାର ମାତ୍ରା, ଗ୍ରାମୀଣ ଓ ସମ୍ବଲପୁର ମହାନଗର ନିଗମର ସାମୂହିକ ଔଷଧ ସେବନ କଭରେଜ୍, ଲାଇନ ବିଭାଗର ଭୂମିକା, ସିକଲ ସେଲ ଆନିମିଆ ପାଇଁ ସ୍ୱତନ୍ତ୍ର ସ୍କ୍ରିନିଂ ଶିବିର, ଗେଜେଲ ମାଧ୍ୟମରେ ସ୍କ୍ରିନିଂ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା ।

# ଏମ୍ଜିଏନ୍ଆର୍ଇଜିଏସ୍‌ରେ ୨୫୨ ଜବ୍‌କାର୍ଡ ବଣ୍ଟନ


ସମ୍ବଲପୁରରେ ବିକାଶ ବାହାନ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି।

**ଲୋକଙ୍କୁ ସଚେତନ କରୁଛି ବିକାଶ ବାହନ**

**ଜିଲାର ୧୦ ସ୍ଥାନରେ ପହଞ୍ଚିଲା ସ୍ୱତନ୍ତ୍ର ଶିବିର**

ସମ୍ବଲପୁର,୧୮।୬(ଭବାନୀ ଶଙ୍କର ଭୋଇ)

ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା ସହ ଅପହଞ୍ଚ ଅଞ୍ଚଳ ଲୋକଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ସେବାଗୁଡିକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ସମ୍ବଲପୁର ଜିଲାରେ ବିକାଶ ବାହନ କାର୍ଯ୍ୟକ୍ରମ ଜାରି ରହିଛି। ବୁଧବାର ଜିଲାର ବିଭିନ୍ନ ବ୍ଲକରେ ଏହି ବିକାଶ ବାହାନ ପହଞ୍ଚି ଥିଲା। ଧନକଉଡା ବ୍ଲକର ରାନିଖିଣ୍ଡା ଏବଂ ଶାସନ, ଜମନକିରା ବ୍ଲକର କେନାଢିପା, ଯୁଯୁମୁରା ବ୍ଲକର ଛାମୁଣ୍ଡା, କୁଚିଣ୍ଡା ବ୍ଲକର ପାରୁଆଭାଡି, ମାନେଶ୍ୱର ବ୍ଲକର ତବଲା, ନାକଟିଦେଉଳ ବ୍ଲକର ଘୁଷରାମାଲ, ରେଢାଖୋଲ ବ୍ଲକର ତ୍ରିବଣପୁର ଏବଂ ଭରତପୁର, ରେଙ୍ଗାଲି ବ୍ଲକର କନାଲୋଇଠାରେ ବିକାଶ ବାହାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱତନ୍ତ୍ର ଶିବିର ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ବୁଧବାର ଜିଲାରେ ଅନ୍ତ୍ୟୋଦୟ ଗୃହ ଯୋଜନା ରେ ୬୮ଟି କାର୍ଡ ବଣ୍ଟନ ସହ ୮୧ ଟି ଆବେଦନ ଗ୍ରହଣ କରାଯାଇଥିଲା। ଏମ୍ଜିଏନ୍ଆର୍ଇଜିଏସ୍‌ରେ ୨୫୨ଟି ଜବକାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ୮୬ଟି ରାସନ କାର୍ଡ ବଣ୍ଟନ, ୮୭ଟି ଶ୍ରମିକ କାର୍ଡ, ନିମାଣ ଶ୍ରମିକ ଯୋଜନାରେ ୧୨୧ଟି କାର୍ଡ, ୫୬ଟି କିଷାନ କ୍ରେଡିଟ କାର୍ଡ, ୬୭ଟି ନୂତନ ପେନସନ, ଜଙ୍ଗଲ ଜମି ଅଧିକାର ଅଧୀନରେ ୩୭ଟି ଜମି ପଟ୍ଟା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ୨୬୯ଟି କାର୍ଡ ବଣ୍ଟନ କରାଯାଇଥିଲା। ଏହାସହ ମା’ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ୧୯୧ଟି ବୃକ୍ଷରୋପଣ କରାଯାଇଥିଲା। ଏତଦ୍ବ୍ୟତୀତ ସିଏମ କିଷାନ ଯୋଜନାରେ ୨୮୬୯ ଜଣ ହିତାଧିକାରୀ, ପିଏମ କିଷାନ ଯୋଜନାରେ ୧୩୬୭ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଜନଧନ ଯୋଜନା ଅଧୀନରେ ୪୦ଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିବା ନେଇ ଜିଲା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚନା ଦେଇଛନ୍ତି।

## ବିପର୍ଯ୍ୟୟ ପରିସ୍ଥିତି ପାଇଁ ସଜାଗ ରୁହ



ଜିଲାସ୍ତରୀୟ ଟେବୁଲ ଟପ ଅଭ୍ୟାସ ବୈଠକରେ ଅଧିକାରୀମାନେ।

ସମ୍ବଲପୁର,୧୮।୬(ଭବାନୀ ଶଙ୍କର ଭୋଇ)

ମୌସୁମୀର ପ୍ରଥମ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ସମସ୍ୟା ଦେଖାଦେଇଛି। ତେବେ ଜିଲାରେ ବର୍ଷାଋତୁରେ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସଜାଗ ରହିବାକୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନେଇ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଟେବୁଲ ଟପ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ଓ ଆପତ୍କାଳୀନ ପରିସ୍ଥିତି ପାଇଁ କିଭଳି ପ୍ରସ୍ତୁତ ରହିବାକୁ ହେବ ସେନେଇ ଆଲୋଚନା କରାଯାଇଥିଲା । ବର୍ଷା ଋତୁରେ ବନ୍ୟା ପରିସ୍ଥିତି, ଜମି କ୍ଷୟ, ଭୂକମ୍ପ ଓ ଅନ୍ୟାନ୍ୟ ବିପଦ ସମୟରେ ଜିଲା ପ୍ରଶାସନ ଓ ଲାଇନ ବିଭାଗମାନଙ୍କ ଭୂମିକା ଉପରେ ଏଥିରେ ଚର୍ଚ୍ଚା କରାଯାଇଥିଲା। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି, ବିପର୍ଯ୍ୟୟ ସମୟରେ ସଂଚାର ବ୍ୟବସ୍ଥାର ସୁବ୍ୟବସ୍ଥା, ଲୋକଙ୍କୁ ବିପର୍ଯ୍ୟୟ ବିଷୟରେ ଆଗୁଆ ସୂଚନା ପ୍ରଦାନ, ମକଡ୍ରିଲ , ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ପ୍ରଦାନ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ବିପର୍ଯ୍ୟୟ ପରିଚାଳନା ସମୟରେ ସେମାନଙ୍କର ଦାୟିତ୍ୱ ବିଷୟରେ ମତ ଉପସ୍ଥାପନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ ଭୋଇ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ଉପ ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ମିଶ୍ର, ଅଭିଷେକ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଜେମ୍ସ ଟୋପ୍ପୋ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ | Bhubaneswar, Thursday, June 19/2025 | ପୃଷ୍ଠା-୧

DADLS - 33
ବର୍ଷ ଏକ ଉପଲବ୍ଧି ଅନେକ
ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା
• ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
• ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ଷମ
• ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ
OIPR-15001/13/0712/2526



# ଅଗଷ୍ଟ ୧୫ରୁ ବର୍ଷିକିଆ ଫାସ୍‌ଟାଗ୍

## ଘରୋଇ ଯାନବାହନ ପାଇଁ ୩ ହଜାର ଟଙ୍କା

ନୂଆଦିଲ୍ଲୀ, ୧୮।୬

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଏକ୍ସ'ରେ ଦେଶବ୍ୟାପୀ ବର୍ଷିକିଆ ଫାସ୍‌ଟାଗ୍‌ର ଘୋଷଣା କରିଛନ୍ତି। ଏହି ବର୍ଷିକିଆ ପାସ୍ ପାଇଁ ୟୁଜର୍ସମାନଙ୍କୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପାସ୍ ଦେଖାଇ ଯାତ୍ରୀମାନେ ବର୍ଷକୁ ସର୍ବାଧିକ ୨୦୦ ଥର ଯାତ୍ରା କରିପାରିବେ। ତେବେ ସମୟସୀମା ପୂର୍ବରୁ ୨୦୦ ଯାତ୍ରା ପୂରା ହୋଇଗଲେ କିମ୍ବା ପାସ୍‌ର ଅବଧି ବର୍ଷେ ପୂରା ହେବାପରେ ୟୁଜର୍ସମାନଙ୍କୁ ସେମାନଙ୍କ ପାସ୍ ରିନ୍ୟୁ କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୫ଠାରୁ ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ କାର୍ଯ୍ୟକାରୀ ହେବ ବୋଲି ଗଡ଼କରୀ କହିଛନ୍ତି। ☞ପୃଷ୍ଠା-୨



ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହିରେ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ସଜାଉଛନ୍ତି ଜଣେ ଶିଳ୍ପୀ।

# ଝିଅ ଜନ୍ମହେବାରୁ ମାରିଦେଲେ

**ଏବେବି ଝିଅ ଜନ୍ମକୁ କେତେଜଣ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜନ୍ମ ଦେଇଥିବା ମା'ଙ୍କୁ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦିଆଯାଉଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପରିବାର ବିରୋଧରେ ମଧ୍ୟ ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଉପାଧ୍ୟକ୍ଷାଙ୍କ ପୁତ୍ରବଧୂ ନମିତା ୧୦ଦିନ ତଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅପରପକ୍ଷରେ କନ୍ୟାସନ୍ତାନ ଜନ୍ମ ଦେବା କାରଣରୁ ନବଜାତକର ମା'ଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।**

## ପୌର ଉପାଧ୍ୟକ୍ଷାଙ୍କ ପରିବାର ବିରୋଧରେ ଅଭିଯୋଗ



ନମିତା

### ସ୍ୱାମୀ, ଶ୍ୱଶୁର, ଜେଜାଶ୍ୱଶୁରଙ୍କୁ ଉଠାଇ ନେଲା ପୋଲିସ

ଜଳେଶ୍ୱର,୧୮।୬(ନବୀନ ସାହୁ)

ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପୁଅ ରିତେଶ କାମିଲା ୨୦୨୨ରେ ନିକଟସ୍ଥ ଚକବିଷ୍ଣୁ ଗ୍ରାମର ଜଳଧର ପ୍ରଧାନଙ୍କ କନ୍ୟା ନମିତା(୨୪)ଙ୍କୁ ଭଲ ପାଇ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଘରେ ଶାଶୁ, ଶ୍ୱଶୁର, କକା, କାକୀ ଶାଶୁ, ନଣନ୍ଦ ଏବଂ ସ୍ୱାମୀଙ୍କ ସହିତ ନମିତା ଏକ ଯୌଥ ପରିବାରରେ ରହୁଥିଲେ। ସ୍ୱାମୀ ରିତେଶଙ୍କ ଜଳେଶ୍ୱର ବଜାରରେ ଏକ ବାସନ ଦୋକାନ ରହିଛି। ନମିତା ୧୦ ଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଶିଶୁକନ୍ୟା ଜନ୍ମ ଦେଇଥିବାରୁ ଶାଶୁ ଘର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନମିତାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁର ଘର ଲୋକ ଦେଖିବାକୁ ପାଇଥିଲେ। ନମିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନମିତା ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବାବେଳେ ବାପଘର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଝିଅ ଜନ୍ମ ଦେବା ପରଠାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ନମିତାଙ୍କ ସମ୍ପର୍କୀୟା ଭଉଣୀ ସୁମିତ୍ରା ପାଲ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୮୦ (ଯୌତୁକଜନିତ ମୃତ୍ୟୁ), ୮୫ (ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନା), ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା), ୧୦୩ (ହତ୍ୟା), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା(ନଂ.୨୮୦/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଦାଦା ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି। ଏହି ଘଟଣା ସମ୍ପର୍କରେ ପୌର ଉପାଧ୍ୟକ୍ଷା କିମ୍ବା ତାଙ୍କ ପରିବାର କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୫ରୁ ୬ବର୍ଷ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟାଙ୍କ ବଡ଼ବୋହୂଙ୍କ ମଧ୍ୟ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।

# ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ରବିନାରାୟଣ ଜେନା),୧୮।୬

ପୂର୍ବରୁ ଦେଶର ମତଦାତାଙ୍କୁ ଇଲେକ୍ଟର ଫଟୋ ଆଇଡେଣ୍ଟିଟି କାର୍ଡ (ଇପିଆଇସି) ପାଇବାକୁ ହେଲେ ମାସେରୁ ଅଧିକ ସମୟ ଲାଗୁଥିଲା। ଏଣିକି ଭୋଟର କାର୍ଡ ୧୫ ଦିନ ଭିତରେ ମିଳିଯିବ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସି କହିଛନ୍ତି, ଭାରତର ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ଓ ପଞ୍ଜୀକୃତ ଭୋଟରଙ୍କ ତଥ୍ୟ ସଂଶୋଧନ ଯେମିତି ୧୫ ଦିନ ଭିତରେ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସର (ଇଆର୍‌ଓ)ଙ୍କ ଦ୍ୱାରା କରାଯାଉଥିବା ଇପିଆଇସି ଜେନେରେଶନ୍‌ଠାରୁ ନେଇ ଭୋଟରଙ୍କୁ ☞ପୃଷ୍ଠା-୨

# ଆଉ ୧୬ ନମୁନାରେ ହଇଜା

**ଯାଜପୁର**

**■ ଜଣେ ଶିଶୁର ଜୀବନ ଗଲା, ମୃତ୍ୟୁସଂଖ୍ୟା ୨୦ ହେଲା**

**■ ଦୂଷିତ ଜଳ, ଖାଦ୍ୟ ପ୍ରମୁଖ କାରଣ**

ଯାଜପୁର,୧୮।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ହଇଜା(କଲେରା) ବ୍ୟାପିବାରେ ଲାଗିଛି। ବୁଧବାର ଆଉ ୧୬ ନମୁନାରେ ହଇଜା (ଭିବ୍ରିଓ କଲେରା) ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ଦଳ ପକ୍ଷରୁ ସୂଚନା ମିଳିଛି। ମୋଟ ୪୯ ନମୁନା ଯାଞ୍ଚ ହୋଇଥିବାବେଳେ ସେଥିରୁ ୩୩% ହଇଜା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ରିପୋର୍ଟକୁ ମିଶାଇ ହଇଜା ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୨୭ ହୋଇଛି। ଅନ୍ୟପକ୍ଷେ ହଇଜା ଓ ଡାଇରିଆ ବ୍ୟାପିବାର ଧାରାରେ ପରିବର୍ତ୍ତନ ଆସିଛି। ପୂର୍ବରୁ ବୟସ୍କ ଲୋକମାନେ ହଇଜା ଓ ଡାଇରିଆରେ ଆକ୍ରାନ୍ତ ହେଉଥିବାବେଳେ ଗତ ୨ ଦିନ ହେଲା ଶିଶୁ ଓ କିଶୋରମାନେ ଏଥିରେ ସଂକ୍ରମିତ ହେଉଛନ୍ତି। ବୁଧବାର ବ୍ୟାସନଗର ପୌରାଞ୍ଚଳର ନହକା ୱାର୍ଡର ଜଣେ ୧ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଜନିକ ମୁର୍ମୁ। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ନୂଆ ରୋଗୀ ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉ ନ ଥିଲେ ହେଁ ମୃତକଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ଏକପ୍ରକାର ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।

ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ହଇଜା ବ୍ୟାପୁଥିବା କେନ୍ଦ୍ରୀୟ ଦଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୭୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବୁଧବାର ୧୦୪ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୯ଜଣ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାବାଦ୍ ୧୧୨ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

**ଆଜିର ସମ୍ପାଦକୀୟ**
ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ

# ମଧ୍ୟସ୍ଥତାକୁ ଗ୍ରହଣ କରିବନି ଭାରତ

**ମୋଦି-ଟ୍ରମ୍ପ୍ ଆଲୋଚନା**

- ଆତଙ୍କବାଦକୁ ଯୁଦ୍ଧ ବିବେଚନା କରୁଛି ନୂଆଦିଲ୍ଲୀ
- ପାକିସ୍ତାନର ଅନୁରୋଧ କ୍ରମେ ହୋଇଥିଲା ଅସ୍ତ୍ରବିରତି
- କ୍ୱାଡ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିବେ ଟ୍ରମ୍ପ୍



କନାନକସ୍କିସ୍(କାନାଡା),୧୮।୬

ଗତମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟକ୍ଷ ପାରସ୍ପରିକ ଆଲୋଚନା ଜରିଆରେ ବନ୍ଦ ହୋଇଥିଲା। ଏଥିରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରି ନ ଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଅବଗତ କରାଇଛନ୍ତି। ଟ୍ରମ୍ପ୍ ମଧ୍ୟସ୍ଥତା କରି ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କୁ ଏହି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ପ୍ରାୟ ୩୫ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କଥା ହୋଇଛନ୍ତି। ଆଲୋଚନା ବେଳେ ମୋଦି ଟ୍ରମ୍ପ୍‌ଙ୍କୁ କହିଛନ୍ତି, ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଇସ୍‌ଲାମାବାଦର ଅନୁରୋଧକ୍ରମେ ଭାରତୀୟ ସେନା ଓ ପାକିସ୍ତାନ ପ୍ରତିପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ। ଭାରତର ବହିର୍ବ୍ୟାପାର ସଚିବ ☞ପୃଷ୍ଠା-୨

# ଆଦିବାସୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ: ମୁଖ୍ୟମନ୍ତ୍ରୀ

## ବାରିପଦାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।।

ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାର ଛଉ ପଡ଼ିଆଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଓଡ଼ିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ମୟୂରଭଞ୍ଜରୁ ୮ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ପ୍ରତିନିଧିତ୍ୱ କରୁଛନ୍ତି। ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବତୀଯୁବକ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭକରି ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଆଦିବାସୀ ସଶକ୍ତୀକରଣରେ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀ ଭଉଣୀଭାଇଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣକରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ☞ପୃଷ୍ଠା-୨

SIKSHA 'O' ANUSANDHAN
Empowering students for a brighter future
M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)
- M.Sc. (Biotechnology)
APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
NIRF INDIA RANKINGS 2024
- 14th Best in University Category
- 50th Best in Research Category
INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025
To apply for admission through CUET (PG) - 2025,
Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସ ପକ୍ଷରୁ ବିଶ୍ୱ ଆନେମିଆ ଦିବସ, ସ୍ଥାନ: ଓପିଡ଼ି, ଏମ୍ସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ଜମିପଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଭାଜପା ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ନୂଆସାହି, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ୍, ସ୍ଥାନ: ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିକଶିତ ବାହନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ, କଲେଜ ରୋଡ୍, ବେତନଟୀ,ସମୟ: ପୂର୍ବାହ୍ନ ୯ଟା।
- ମକ୍ ଡ୍ରିଲ, ସ୍ଥାନ ରଙ୍ଗପାଣି ବନ୍ୟା ଆଶ୍ରୟସ୍ଥଳୀ, ବଡ଼ସାହି,ସମୟ:ସକାଳ ୯ଟା।
- ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳନ, ସ୍ଥାନ:ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ବିକାଶ ବାହନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳ, ସମୟ: ସକାଳ ୯ ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମ ପଙ୍ଗା ଓ ଲଣ୍ଡାଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଶନିଶ୍ଚରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ–ଶନିଶ୍ଚର ମନ୍ଦିର ପରିସର, ମୁନିଖୋଲ,ମୁନିଗୁଡା, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ, ସ୍ଥାନ: ଡିଏନ୍‌କେ ଆଶ୍ରୟ ସ୍ଥଳୀ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ମେଦନା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ସକାଳ ୯ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୫ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ୯ଟି ବ୍ଲକ ଅର୍ନ୍ତଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ : ୯ଟା।
- ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା, ସ୍ଥାନ : ଜିଲା କଗ୍ରେସ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ଓ ଗଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା
- ଜଳଅବରୋଧ ନେଇ ବିଶ୍ୱକର୍ମାବସ୍ତି କଲୋନୀବାସୀ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା
- ଆଦର୍ଶ ପାଠାଗାର ପକ୍ଷରୁ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ପାଠାଗାର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ୮ତମ ସର୍ବଭାରତୀୟ ଟ୍ରାଇବାଲ ଥିଏଟର ଏବଂ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫ ଆଦର୍ଶ ସାହିତ୍ୟଘର, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନିଶା ନିବାରଣ ସଚେତନତା କର୍ମଶାଳା, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ, ସ୍ଥାନ: ଜୁନାଗଡ଼ ବ୍ଲକ କୁଟେନ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ: ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିକାଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନିଶା କାରବାର ବିରୋଧରେ ସଚେତନତା ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସର୍ବୋଦୟ ସଙ୍କଳ୍ପ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ, ସମୟ: ସକାଳ ୯ଟା ୩୦।
- ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ଦିଗସିରା, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଝାରତରଭାରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଝାରତରଭା ଗ୍ରାମପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକର କଟାପାଲିରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: କଟାପାଲି ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଉଚ୍ଚଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ରଚନାତ୍ମକ କାମ ସାଙ୍ଗକୁ ଋଣ ପରିଶୋଧର ଯୋଜନା କରିବେ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ଦିଗରେ ଚେଷ୍ଟିତ ହେବେ।

**ବୃଷ** ପରିସ୍ଥିତିକୁ ଆଖିଆଗରେ ରଖି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ନତୁବା ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପ୍ରତ୍ୟେକ କାମରେ କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗୀ ହୋଇପାରନ୍ତି।

**କର୍କଟ** ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ପାଉଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ବନ୍ଧୁମେଳରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**କନ୍ୟା** ଅତୀତର କେତେକ ଘଟଣା ମନରେ ଆଲୋଡନ ସୃଷ୍ଟିକରିବା ଫଳରେ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ବିଜାତୀୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** ବିଭିନ୍ନ ପ୍ରତିବନ୍ଧକଜନିତ କାର୍ଯ୍ୟରେ ସଫଳତା ହାସଲ କରିବା ସହଜସାଧ୍ୟ ହୋଇ ନ ପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଉଚ୍ଚପଦାଧିକାରୀଙ୍କ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ଯୋଗୁ ସାମୟିକ ଭାବରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ପାରିବାରିକ ଜୀବନକୁ ଋଦ୍ଧିମନ୍ତ କରିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ, ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁପରିଜନଙ୍କ ସହିତ ହସଖୁସିରେ ଆଜିର ଯାତ୍ରା, କର୍ମାରମ୍ଭ ଓ ଭ୍ରମଣ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବହୁତ ଖର୍ଚ୍ଚଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଜୁନ୍ ୧୯ ତାରିଖ, ଆଷାଢ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ, ଘ.୦୬।୦୪ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୭ ଗତେ, ଘ.୦୩।୦୬ ମଧ୍ୟେ ରାହୁକାଳ।

# ବୟୋ ବନ୍ଦନା ହିତାଧିକାରୀଙ୍କୁ କାର୍ଡ ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କେନ୍ଦ୍ରିକ ଯୋଜନା ଆଧାରିତ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ବିଶ୍ୱର ୪ର୍ଥ ସ୍ଥାନକୁ ଉନ୍ନିତ ହୋଇଛି। ଦେଶ ବିଦେଶରେ ଭାରତବର୍ଷର ମାନ ଓ ସମ୍ମାନ ବୃଦ୍ଧି ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ ବର୍ଷ ପୂରଣ କରିଥିବାବେଳେ ମାର୍ଗଦର୍ଶନ ଦେବାକୁ ପ୍ରଧାନମନ୍ତ୍ରୀ ୨୦ରେ ଓଡ଼ିଶା ଆସୁଛନ୍ତି। ଗତ ବର୍ଷେ ମଧ୍ୟରେ ପ୍ରଧାନମନ୍ତ୍ରୀ ୬ଷ୍ଠ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ୩ଟା ୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ। ଏହାସହ ବୟୋ ବନ୍ଦନା ଯୋଜନାରେ ରାଜ୍ୟରେ ୭୦ ବର୍ଷରୁ ଅଧିକ ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭକରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି, ରାଜଭବନ, କଳିଙ୍ଗ ଷ୍ଟାଡିୟମ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ସେ ଓଡ଼ିଶା ଭିଜନ–୨୦୩୬ ଓ ୨୦୪୭ ପୁସ୍ତକ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଳେ ନାଳେ ଗଲି, ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜ ବନରେ ଦିହ ଛୁଇଁ ଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖାଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନେଉଳ ଭାଇ**
**ଯେଣେ ଇଚ୍ଛା ତେଣେ ଯାଇ।**

ନକୁଳ ସର୍ବକାର୍ଯ୍ୟାଣି, ଅହିଃ ସର୍ବତ୍ର ବାଧତେ। ନେଉଳ ଦର୍ଶନ କରି ଯେଣିକି ଇଚ୍ଛା ତେଣିକି ଯାତ୍ରା କଲେ ଯାତ୍ରାରେ କୌଣସି ବିଘ୍ନ ସୃଷ୍ଟି ହୋଇ ନ ଥାଏ ଓ ବହୁ ଶୁଭ ଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସବୁ ବିଭାଗକୁ ଅର୍ଥ ବିଭାଗର ତାଗିଦା

## କେନ୍ଦ୍ରୀୟ ଯୋଜନା ଅର୍ଥ 'ସ୍ୱର୍ଣ୍ଣ' ମଡେଲରେ ଖର୍ଚ୍ଚ ହେବ

**ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)** ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅର୍ଥ ଏଣିକି ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ) ମାଧ୍ୟମରେ ଖର୍ଚ୍ଚ ହେବ। ପୂର୍ବରୁ ବିଭିନ୍ନ ବିଭାଗର ୨୯ଧରଣର କେନ୍ଦ୍ରୀୟ ପ୍ରବର୍ତ୍ତିତ ଅର୍ଥ ରାଜ୍ୟକୁ ଆସୁଥିବାବେଳେ ଏବେ ଆଉ ଅତିରିକ୍ତ ୩୭ ଧରଣର ସିଏସ୍‌ଏସ୍ ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ସମସ୍ତ ପ୍ରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠିକୁ ଜୁଲାଇ ପହିଲାରୁ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଚଳିତମାସ ୧୦ରେ ରାଜ୍ୟ ସରକାରଙ୍କୁ ଆସିଥିବା ନିର୍ଦ୍ଦେଶନାମାକୁ ନେଇ ଗତ ୧୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରତୀକ କୁମାର ସିଂହ ଚଳିତମାସ ୧୦ରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମନ୍ତ୍ରାଳୟର ୨୦୨୩ ଜୁଲାଇ ନିର୍ଦ୍ଦେଶନାମାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି 'ଜଷ୍ଟ ଇନ୍ ଟାଇମ୍'ରେ କିଭଳି ଖର୍ଚ୍ଚ ହେବ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି ଏସ୍‌ଏନ୍‌ଏ ଖାତାରେ ପ୍ରବେଶ କରିବା ମାତ୍ରେ ଉକ୍ତ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଠିକଣା ବାଟରେ ଖର୍ଚ୍ଚ କରିବାକୁ ହେବ। ଉକ୍ତ ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇପାରିବ ନାହିଁ, ଯେଉଁଥିରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ରହିବା ସହିତ ଅବାଟରେ ଖର୍ଚ୍ଚ ହେବନାହିଁ। ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍‌ଏସ୍'ରେ ଏକକ କ୍ଷେତ୍ରୀୟ ସଂସ୍ଥାର ଖାତା ଖୋଲୁଥିଲେ। ଏବେ କିନ୍ତୁ ଆଉ ଗୋଟିଏ ଖାତା ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏହାଦ୍ୱାରା ଯୋଜନାରେ ସଂପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେନାହିଁ। ତେବେ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ୨୯ଟି କ୍ଷେତ୍ର ଲାଗି ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଥିବାବେଳେ ଏବେ ଅତିରିକ୍ତ ୩୭ ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଛି। ଏହାକୁ ଜୁଲାଇ ପହିଲାରୁ 'ଏସ୍‌ଏନ୍‌ଏ– ସ୍ୱର୍ଣ୍ଣ' ପଦ୍ଧତିରେ ଖର୍ଚ୍ଚ କରିବାକୁ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିକୁ ସାରାଦେଶରେ ଲାଗୁ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୀତି ଆପଣାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜକୋଷକୁ କିଭଳି ସିଏସ୍‌ଏସ୍ ପାଣ୍ଠି ଆସିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ମଧ୍ୟସ୍ଥତାକୁ ଗ୍ରହଣ...

ବିକ୍ରମ ମିସ୍ରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମିସ୍ରି କହିଛନ୍ତି, ଭାରତ ଆତଙ୍କବାଦକୁ ଆଉ ଛାୟାଯୁଦ୍ଧ ରୂପେ ଦେଖୁନାହିଁ। ଏହାକୁ ଯୁଦ୍ଧ ବୋଲି ମନେକରୁଛି। ଭାରତର 'ଅପରେଶନ୍ ସିନ୍ଦୂର' ବର୍ତ୍ତମାନ ମଧ୍ୟ ଜାରି ରହିଥିବା ବିଷୟ ଟ୍ରମ୍ପଙ୍କୁ ମୋଦି କହିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ବଡ଼ଧରଣର କ୍ଷତି ପହଞ୍ଚାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇ ପରସ୍ପର ଉପରେ ଆକ୍ରମଣ କରିଥିଲେ। ତେବେ ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରି ସଂଘର୍ଷ ବନ୍ଦ କରାଇଦେଇଥିବା ପ୍ରଥମେ ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ସିଜ୍‌ଫାୟାର ଡିଲ୍‌ରେ ସହମତି ପ୍ରକାଶ ନ କଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ବନ୍ଦ କରିଦେବ ବୋଲି ଟ୍ରମ୍ପ ଚେତାବନୀ ଦେଇଥିବା କହିଥିଲେ।

ସଦ୍ୟ ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାନାଡାରୁ ଫେରିବାବେଳେ ଆମେରିକା ଗସ୍ତ କରିବାକୁ ଅନୁରୋଧ କରିଥିଲେ। ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ଯାଇପାରିବେ ନାହିଁ ବୋଲି ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ମିସ୍ରି କହିଛନ୍ତି। ଟ୍ରମ୍ପ ଜି୭ରୁ ଆଗୁଆ ଆମେରିକାକୁ ଫେରିଯାଇଥିବାରୁ ମୋଦିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ତେବେ ଦୁଇନେତାଙ୍କ ଆଲୋଚନାରେ ମେ' ୭–୧୦ ଭାରତ–ପାକିସ୍ତାନ ସାମରିକ ସଂଘର୍ଷ ପ୍ରସଙ୍ଗ ପ୍ରମୁଖତାର ସହ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ଯେ, ଭାରତ–ପାକିସ୍ତାନ ସିଜ୍‌ଫାୟାର ପାଇଁ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ବା ମଧ୍ୟସ୍ଥତା ପ୍ରସ୍ତାବ କାମ କରିନାହିଁ। ଦୁଇଦେଶର ସଶସ୍ତ୍ର ବଳ ଭିତରେ ରହିଥିବା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ହିଁ ସଂଘର୍ଷ ବିରାମ ନିଷ୍ପତ୍ତି ହୋଇଥିଲା। ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଏହି ବିଷୟକୁ ନେଇ ଦେଶରେ ସମ୍ପୂର୍ଣ୍ଣ ରାଜନୈତିକ ସହମତି ରହିଥିବା ମୋଦି ଦୃଢ଼ ଭାବେ ଟ୍ରମ୍ପଙ୍କୁ ଜଣାଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ପଦକ୍ଷେପ ସମ୍ପର୍କିତ ନିଜ ପ୍ରତିଶ୍ରୁତିବଦ୍ଧତା ସାରା ବିଶ୍ୱକୁ ଜଣାଇଦେଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ହେଲେ ଏହାଠୁ ବଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଭାରତ ସ୍ପଷ୍ଟ କରିଥିବା ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ସେହିପରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ରୁଷିଆ–ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷର ଆଲୋଚନା ଜରୁରୀ ବୋଲି ମୋଦି ଓ ଟ୍ରମ୍ପ ସହମତ। ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ପରବର୍ତ୍ତୀ କ୍ୱାଡ୍ ସମିଟ୍‌କୁ ନିମନ୍ତ୍ରଣ କରିଛନ୍ତି। ଟ୍ରମ୍ପ ଏହାକୁ ଗ୍ରହଣ କରି ଭାରତ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି ବୋଲି ମିସ୍ରି ଏକ ଭିଡିଓ ମେସେଜ୍‌ରେ ଜଣାଇଛନ୍ତି।

## ଆଦିବାସୀଙ୍କ ଉନ୍ନତି ବିନା ...

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜନଜାତିଙ୍କ ସାମାଜିକବ୍ୟବସ୍ଥା, ସାଂସ୍କୃତିକବୈଭବ ଓ ମୌଳିକତା ବଜାୟ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଏହି ଅବସରରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ଡ. ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ। ଜିଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲା, ଉପଖଣ୍ଡ ଏବଂ ବ୍ଲକ୍‌ସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୧୫ ଦିନରେ ମିଳିବ ...

ଡାକ ଯୋଗେ କାର୍ଡ ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଟ୍ରାକିଂ କରାଯାଇପାରିବ। ଏପରି କି ଭୋଟରମାନେ ପ୍ରତି ସ୍ତରରେ ନିଜ ଇପିଆଇସି ସମ୍ପର୍କରେ ମୋବାଇଲରେ ଏସ୍‌ଏମ୍‌ଏସ୍ ପାଇବେ। ଏଥି ସକାଶେ ନିର୍ବାଚନ ଆୟୋଗ ନୂଆକରି ଆରମ୍ଭ ହୋଇଥିବା ଇସିଆଇନେଟ୍ ପ୍ଲାଟ୍‌ଫର୍ମରେ ଏକ ଆଇଟି ମୋଡ୍ୟୁଲ ଆଣିଛନ୍ତି। ଭୋଟରଙ୍କୁ ଏହା ସୁବିଧାରେ ଯୋଗାଇଦେବା ଲାଗି ଡାକ ବିଭାଗର ଆପ୍ଲିକେଶନ୍ ପ୍ରୋଗ୍ରାମ ଇଣ୍ଟରଫେସ୍ (ଏପିଆଇ)କୁ ଇସିଆଇନେଟ୍ ସହ ସମନ୍ୱିତ କରାଯିବ। ଭୋଟରମାନଙ୍କ ସୁବିଧା ପାଇଁ ଗତ ୪ ମାସରେ ଇସି ଅନେକ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି।

## ଅଗଷ୍ଟ ୧୫ରୁ ...

ଏହି ପାସ୍ କେବଳ ଅଣବ୍ୟବସାୟିକ ଘରୋଇ ଯାନବାହନ (କାର୍, ଭ୍ୟାନ୍, ଜିପ୍) ପାଇଁ ପ୍ରଯୁଜ୍ୟ ରହିବ। ବ୍ୟବସାୟିକ ଯାନବାହନ ଏଥିରେ ସାମିଲ ହେବ ନାହିଁ। ଏହି ପାସକୁ ଆକ୍ଟିଭ୍ କିମ୍ବା ରିନ୍ୟୁ କରିବା ପାଇଁ ଖୁବ୍‌ଶୀଘ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ପୃଥକ୍ ଲିଙ୍କ୍ ଉପଲବ୍ଧ ହେବ। ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ ଦ୍ୱାରା ଟୋଲ୍‌ପ୍ଲାଜାଗୁଡ଼ିକରେ ଦେଖାଦେଉଥିବା ଭିଡ଼ କମିବ ବୋଲି ସେ କହିଛନ୍ତି।




# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି


ଡ. ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି

ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ୍ୟ ବଢ଼ି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱ ସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ ଗିରଫ

## ଗଣବଳାତ୍କାରକୁ ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)

ଗଞ୍ଜାମର ଗୋପାଳପୁର, କେନ୍ଦୁଝରର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୋଳର କଣିହାଁଠାରେ ହୋଇଥିବା ଗଣବଳାତ୍କାର ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ କଂଗ୍ରେସ କର୍ମୀ ଗିରଫ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣବଳାତ୍କାର ଏବଂ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି। ମାତ୍ର ଡବଲ ଇଞ୍ଜିନ ଭାଜପା ସରକାର ଲୋକଙ୍କ ଅର୍ଥରେ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିସାରିଲାଣି। ଓଡ଼ିଶାରେ ଏବେ ନାରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଆଇନଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଗଲାଣି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଧାୟକ ତାରା କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏବର ଘଟଣାକୁ ନେଇ ଆଗାମୀ ଦିନରେ ବିଧାନସଭା ଭିତରେ ପୁନର୍ବାର ଲଢ଼େଇ କରାଯିବ।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ଓ ନେତା ସରକାର ବିରୋଧୀ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଧସେଇ ପଶିଥିଲେ। ଏହି ସମୟରେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ପ୍ରଭାରୀ ଲଲ୍ଲୁ ଓ ଅନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଧାରଣାରେ ବସିଥିଲେ। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ଲଲ୍ଲୁଙ୍କ ସମେତ ଶତାଧିକ ନେତା ଓ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସଙ୍କ ସହିତ ମୀନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ୟାସିର ନୱାଜ୍, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



କଂଗ୍ରେସ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ଗୋପାଳପୁର ବଳାତ୍କାର ଘଟଣାକୁ ପ୍ରିୟଙ୍କାଙ୍କ ନିନ୍ଦା

ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)

ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇସିସି ସମ୍ପାଦକ ତଥା ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ନିନ୍ଦା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ୧୦ ଜଣ ଯେଉଁଭଳି ଭାବେ ବଳାତ୍କାର କଲେ ତାହାକୁ ଯେତେ କଡ଼ାଶବ୍ଦରେ ନିନ୍ଦାକଲେ ମଧ୍ୟ ତାହା ଯଥେଷ୍ଟ ହେବନାହିଁ। ଓଡ଼ିଶାରେ ଦିନକୁ ଦିନ ମହିଳାବିରୋଧୀ ହିଂସା ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି। ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ବୋଲି ପ୍ରିୟଙ୍କା କହିଛନ୍ତି।

# ଜୁନ୍ ୨୮ରେ ଏସ୍‌ଆଇଟି ବୈଠକ

କଟକ, ୧୮।୬(କାର୍ତ୍ତିକ ସାହୁ)

ଦେଶରେ କଳାଧନ କାରବାର ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି)ର ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ୨୮ରେ ହେବ। ଏହି ବୈଠକରେ ରାଜ୍ୟ ତଥା ଦେଶର କଳାଧନ ରୋକିବାକୁ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏସ୍‌ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

ଭୁବନେଶ୍ୱର, ୧୮।୬(ସୁଚିସ୍ମିତା ସାହୁ)

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଓ କଟକର ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଉକ୍ତଦିନ ଦୁଇ ସହରର ସମସ୍ତ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ବୁଧବାର ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମଛୁଟି ପାଇଁ ସ୍କୁଲ ବନ୍ଦ ରହିଛି। ଆସନ୍ତା ୨୦ ତାରିଖରୁ ସ୍କୁଲ ଖୋଲିବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା।

# ନିଅଣ୍ଟିଆ ବର୍ଷା ଭରଣା କରୁଛି ମୌସୁମୀ

## ୨ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ହୋଇଥିବାବେଳେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ତେବେ ୨ ଦିନ ଧରି କେତେକ ଜିଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ସହାୟକ ହେଉଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ରାଜ୍ୟରେ ମୌସୁମୀ ଋତୁରେ ହାରାହାରି ବର୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଗତ ୧୫ ତାରିଖ ସୁଦ୍ଧା ହାରାହାରି ୪୨.୯ ମିମି ବର୍ଷା ହୋଇଥିବାବେଳେ ୪୨% ନିଅଣ୍ଟିଆ ରହିଥିଲା। ମାତ୍ର ୩ ଦିନରେ ଘୂର୍ଣ୍ଣିବଳୟ, ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ୨୯% ନିଅଣ୍ଟିଆ ଭରଣା ହୋଇଛି। ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ମାତ୍ରା ୮୬.୬ମିମିକୁ ପହଞ୍ଚିବା ସହ ସ୍ୱାଭାବିକ ତୁଳନାରେ ମାତ୍ର ୧୩% କମ୍ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାର ପରିସରଭୁକ୍ତ ବୋଲି ଉମାଶଙ୍କର କହିଛନ୍ତି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବୁଧବାର ରାଉରକେଲାରେ ୨୭.୮ ମିମି, ହୀରାକୁଦରେ ୨୫.୯ ମିମି, ଢେଙ୍କାନାଳରେ ୧୫.୨ ମିମି, ତାଳଚେରରେ ୧୨.୬ ମିମି, ସମ୍ବଲପୁରରେ ୧୨.୩ ମିମି, ବାଲେଶ୍ୱରରେ ୧୧.୬ମିମି, ଝାରସୁଗୁଡ଼ାରେ ୧୦.୮ ମିମି ଓ ଅନୁଗୋଳରେ ୧୦.୦ମିମି ବର୍ଷା ହେବ। ଏଥିସହ ଅନ୍ୟ କିଛି ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ କରାଯାଉଛି। ଗୁରୁବାର ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉଭୟ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବାଲେଶ୍ୱର ଆଦି ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ନେତା ଉଦୟଙ୍କ ସମେତ ୩ ମୃତ

ମାଲକାନଗିରି, ୧୮।୬ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଓ ଆନ୍ଧ୍ର ପୋଲିସର ନିଦ ହଜାଇ ଦେଇଥିବା ମୋଷ୍ଟ ୱାଣ୍ଟେଡ୍ ନେତା ଉଦୟଙ୍କ ସହ ୩ ମାଓବାଦୀଙ୍କର ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗର୍ଜଲା ରବି ଓରଫ ଉଦୟ, ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସୀତାରାମାରାଜୁ ଜିଲା ମାରେଡିମେଲ୍ଲି ଜଙ୍ଗଲରେ କେନ୍ଦ୍ରୀୟ କମିଟି ସଦସ୍ୟ ଗର୍ଜଲା ରବି ଓରଫ ଉଦୟ, ପୂର୍ବତନ ମାଓବାଦୀ ନେତା ଚଲପତିଙ୍କ ସ୍ତ୍ରୀ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟା ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କ ସହ ଅନ୍ୟ କେତେଜଣ ଟପ୍ କ୍ୟାଡର ମାଓବାଦୀ ଥିବା ବିଶେଷ ସୂତ୍ରରୁ ଖବର ପାଇ ଗ୍ରେହାଉଣ୍ଡ ବାହିନୀ କୋମ୍ବିଂରେ ବାହାରିଥିଲେ। ଅପରେଶନ ସମୟରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୫ ଲକ୍ଷ ପୁରସ୍କାର ଘୋଷିତ ଗର୍ଜଲା ରବି ଓରଫ ଉଦୟ, ଚଲପତିଙ୍କ ସ୍ତ୍ରୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କର ମୃତ୍ୟୁ ହୋଇଛି। ପରେ ଏମାନଙ୍କ ମୃତଦେହ ଜବତ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୩ଟି ଏକେ ୪୭ ରାଇଫଲ ମଧ୍ୟ ଉଦ୍ଧାର ହୋଇଛି।

ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ମୃତ ଉଦୟ ଓ ଅରୁଣା ଆନ୍ଧ୍ର-ଓଡ଼ିଶାର ବଡ଼ ଧରଣର ହିଂସା ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ୨୦୧୮ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆରୁକୁ ଡୁମୁରିଗୁଡା ନିକଟରେ ସେହି ଅଞ୍ଚଳର ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିବେରୀ ସୋମାଙ୍କ ହତ୍ୟାରେ ଅରୁଣାଙ୍କ ସମ୍ପୃକ୍ତି ଥିଲା। ସେହିପରି ଚିତ୍ରକୋଣ୍ଡା ଜଳଭଣ୍ଡାରର ଆଲମପେଟା ନିକଟ ଲଞ୍ଚ ଉପରେ ଆକ୍ରମଣକରି ୩୬ ସୁରକ୍ଷା କର୍ମୀ ଶହୀଦ ଘଟଣାରେ ଉଦୟଙ୍କ ହାତ ରହିଥିବା ଜଣାପଡ଼ିଛି।

# ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ। ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ନବୀନ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସର୍ଭିକାଲ ଅର୍ଥ୍ରୋଟିସ୍ ଚିକିତ୍ସା ଲାଗି ସେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 %OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

DAYANAND INSTITUTE
Dhanupali, Sambalpur- 768005
Contact - 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

DSPL - 129
ଓଡ଼ିଶା ଶାସନ
ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା
୧. ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।
୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।
୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।
OIPR-10003/13/0207/2526
NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ପ୍ରକୃତ୍ତୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ଭାରତର ପ୍ରତ୍ୟେକ ରାଜ୍ୟର ଏକ ରାଜ୍ୟ ବୃକ୍ଷ ଅଛି। କିନ୍ତୁ ଦୁର୍ଭାଗ୍ୟ ଯେ, ଯେତେବେଳେ କୌଣସି ରାଜ୍ୟର ରାଜଧାନୀର ବିଭିନ୍ନ ରେଳ ଷ୍ଟେସନ ଓ ବିମାନବନ୍ଦରକୁ ଯିବେ ସେତେବେଳେ ସେହି ରାଜ୍ୟର ରାଜ୍ୟବୃକ୍ଷ ଦେଖିବାକୁ ପାଇବେ ନାହିଁ। ଏହା ପରିବର୍ତ୍ତେ ସେଠାରେ ଆପଣ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଦେଖିବେ । ଏହି କାରଣରୁ ସମୟକ୍ରମେ ଆମ ରାଜ୍ୟ ବୃକ୍ଷକୁ ଭୁଲିଯାଉଛେ। ଏହା ସହ ଆମେ କେବେ ବି ରାଜ୍ୟବୃକ୍ଷର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଚିନ୍ତା କରୁନାହୁଁ। ବର୍ତ୍ତମାନ ଯଦି ମୁଁ ପଚାରିବି ଆମ ଦେଶର ଜାତୀୟ ବୃକ୍ଷ ବା ଗଛ କ'ଣ। ସରଳରେ ଏହାର ଉତ୍ତର ମିଳିବ ଏବଂ ସମସ୍ତେ କହିବେ ବରଗଛ। ହିନ୍ଦୁ ଓ ବୌଦ୍ଧଧର୍ମରେ(ଏହାର ସମ୍ପର୍କ ୨୨ତମ ତୀର୍ଥଙ୍କର କଶ୍ୟପ ବୁଦ୍ଧ ସହ ରହିଛି) ଏହାକୁ ଏକ ପବିତ୍ର ବୃକ୍ଷ ଭାବେ ବିବେଚନା କରାଯାଏ। ଏହି ଜାତୀୟ ବୃକ୍ଷ ମଧ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶର ରାଜ୍ୟ ବୃକ୍ଷ। କିନ୍ତୁ ହରିୟାଣା, ବିହାର ଏବଂ ଓଡ଼ିଶାର ରାଜ୍ୟ ବୃକ୍ଷ ହେଉଛି ଅଶ୍ୱତ୍ଥ। ଏହି ଗଛ ତଳେ ଗୌତମ ବୁଦ୍ଧ ଜ୍ଞାନ ତଥା ନିର୍ବାଣ ପ୍ରାପ୍ତି ହୋଇଥିଲେ। ସେହିପରି ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏହି ଗଛମୂଳରେ ଜ୍ଞାନ ଲାଭ କରିଥିଲେ, ଯିଏ ମହାବୀରଙ୍କ ପୂର୍ବରୁ ରହିଥିଲେ।

ଛତିଶଗଡ଼ ଓ ଝାଡ଼ଖଣ୍ଡର ରାଜ୍ୟ ବୃକ୍ଷ ଶାଳ। ରାମାୟଣର କିଷ୍କିନ୍ଧା କାଣ୍ଡରେ ରାମ ୭ଟି ଶାଳଗଛରେ ତୀର ବିଦ୍ଧକରିଥିଲେ। ଶାଳଗଛର ମଧ୍ୟ ବୌଦ୍ଧଧର୍ମ ସହ ସମ୍ପର୍କ ଅଛି। ବୁଦ୍ଧ ଯେତେବେଳେ ଜନ୍ମହୋଇଥିଲେ ସେତେବେଳେ ତାଙ୍କ ମା' ଶାଳଗଛ ଶାଖାକୁ ଧରିଥିଲେ। ଏହାସହ ଦୁଇଟି ଶାଳଗଛ ମଧ୍ୟରେ ବୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ୨୦ତମ ତୀର୍ଥଙ୍କର ମୁନିସୁବ୍ରତ, ଯିଏ କି ରାମଙ୍କ ସମୟରେ ଥିଲେ, ତାଙ୍କର ଶାଳଗଛ ସହ ସମ୍ପର୍କ ରହିଥିଲା।

ଅଶୋକ ଗଛ ଉତ୍ତରପ୍ରଦେଶର ରାଜ୍ୟବୃକ୍ଷ ହୋଇଥିବାବେଳେ ଏହାର ଫୁଲ ଓଡ଼ିଶାର ରାଜ୍ୟ ଫୁଲ। କମଳାରଙ୍ଗର ଫୁଲରେ ସୁଶୋଭିତ ଅଶୋକ ଗଛ ସମ୍ପର୍କରେ ରାମାୟଣରେ ବର୍ଣ୍ଣନା ରହିଛି । କାରଣ ରାବଣ ଲଙ୍କାର



ଅଶୋକ ବାଟିକା ବା ଅଶୋକ ଉଦ୍ୟାନରେ ସୀତାଙ୍କୁ ରଖିଥିଲେ। ଖେଜ୍ରି ବା ଶମି ବୃକ୍ଷ ତେଲଙ୍ଗାନା ଓ ରାଜସ୍ଥାନର ରାଜ୍ୟ ବୃକ୍ଷ ଭାବେ ସ୍ୱୀକୃତ। ଏହା କମ୍ ବର୍ଷା ହେଉଥିବା ଶୁଷ୍କ ଅଞ୍ଚଳରେ ବଢ଼ିଥାଏ। ଏହି ଗଛ ଯୋଦ୍ଧା ସମ୍ପ୍ରଦାୟ ସହ ଜଡ଼ିତ। ଖେଜ୍ରିଗଛ ମଧ୍ୟ ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ଦେଖିବାକୁ ମିଳେ। ସାମାନ୍ୟ କଣ୍ଟକ ଏହି ବୃକ୍ଷକୁ ଦଶହରା ପର୍ବ ସମୟରେ ରାଜ ପରିବାରଗୁଡ଼ିକ ଶସ୍ତ୍ରର ସହ ପୂଜା କରିଥାନ୍ତି। ମହାଭାରତରେ ବର୍ଣ୍ଣନା ରହିଛି ଯେ, ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶମି ଗଛରେ ଲୁଚାଇ ରଖିଥିଲେ।

କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ମହାରାଷ୍ଟ୍ରର ରାଜ୍ୟ ବୃକ୍ଷ ଭାବେ ଆମ୍ବଗଛ ମାନ୍ୟତା ପାଇଛି। ଧର୍ମୀୟ ପର୍ବପର୍ବାଣିରେ ଆମ୍ବପତ୍ର ବ୍ୟବହାର କରାଯାଏ ଏବଂ ଘରର ପ୍ରବେଶପଥକୁ ଏହି ପତ୍ରରେ ସଜାଯାଇଥାଏ। କୌତୂହଳର ବିଷୟ ହେଉଛି, ୨୦୦ରୁ କମ୍ ବର୍ଷ ମଧ୍ୟରେ ଭାରତକୁ ପ୍ରଥମେ କୃଷ୍ଣଚୂଡ଼ା ଗଛ ଆସିଥିଲେ ମଧ୍ୟ ଏହାକୁ ଭାରତର ରାଜଧାନୀ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟବୃକ୍ଷ ଭାବେ ଗ୍ରହଣ କରାଯାଏ। କେରଳରେ ଉତ୍ପୁଥିବା ଖ୍ରୀଷ୍ଟିଆନଙ୍କ ଅନୁଯାୟୀ କୃଷ୍ଣଚୂଡ଼ା ଫୁଲ ହେଉଛି ଯିଶୁଙ୍କ ରକ୍ତ, ଯାହା କ୍ରୁଶବିଦ୍ଧ ସମୟରେ ଗଛ ଉପରେ ପଡ଼ିଥିଲା। ସେମାନେ ଏହି ଗଛକୁ କାଲଭରିଗ୍ରୋ ( କାଲଭାରି ଫୁଲ) ବୋଲି କହନ୍ତି।

ଦକ୍ଷିଣ ଆଡ଼କୁ ଗଲେ ଆମେ ଅଧିକ ନିମଗଛ ଦେଖିବାକୁ ପାଇଥାଉ। ଏହା ଆନ୍ଧ୍ରପ୍ରଦେଶ ରାଜ୍ୟବୃକ୍ଷ। ଏହା ଦେବୀଙ୍କର ପବିତ୍ର ବୃକ୍ଷ। ବେଲଗଛ ଶିବଙ୍କର ଅତି ପ୍ରିୟ ଏବଂ ପୁଡୁଚେରୀର ଏହା ରାଜ୍ୟବୃକ୍ଷ। ତାଳଗଛ କକାରାମଙ୍କ ପାଇଁ ପବିତ୍ର ଗଛ ଏବଂ ତାମିଲନାଡୁର ରାଜ୍ୟବୃକ୍ଷ। ହିନ୍ଦୁ ପର୍ବପର୍ବାଣିରେ ନଡ଼ିଆ ଗଛର ମହତ୍ତ୍ୱ ରହିଛି। ନଡ଼ିଆ ଓ ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ। ଏହା କେରଳ ଓ ଗୋଆର ରାଜ୍ୟବୃକ୍ଷ। ଚନ୍ଦନଗଛ କର୍ଣ୍ଣାଟକର ରାଜ୍ୟବୃକ୍ଷ। ଘୋରା ଚନ୍ଦନ ବିଷ୍ଣୁ ମନ୍ଦିରରେ ବ୍ୟବହାର କରାଯାଏ। ଏହା ଅତ୍ୟନ୍ତ ପବିତ୍ର ଓ ବିଷ୍ଣୁଙ୍କର ପ୍ରିୟ ମଧ୍ୟ। ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖର ରାଜ୍ୟବୃକ୍ଷ କୋନିଫର ଟ୍ରି (ସବୁବେଳେ ପତ୍ର ଭରି ରହିଥିବା ଗୋଟିଏ ଗୁଳ୍ମର ଗଛ ଯାହା କୋନ୍ ଭଳି ଦେଖାଯାଏ)। ଦେବଦାରୁ ଶିବଙ୍କର ପ୍ରିୟ ଓ ଏହା ହିମାଚଳପ୍ରଦେଶର ରାଜ୍ୟବୃକ୍ଷ। ଚିନାର ସୁଫିମାନଙ୍କ ପାଇଁ ପବିତ୍ର ଗଛ ଏବଂ ଏହା ଜମ୍ମୁ-କଶ୍ମୀରର ରାଜ୍ୟବୃକ୍ଷ। ଲଦାଖର ରାଜ୍ୟବୃକ୍ଷ ଜୁନିପର୍। ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହାର ମହତ୍ତ୍ୱ ରହିଛି। ସିକ୍କିମ ଓ ଉତ୍ତରାଖଣ୍ଡର ରାଜ୍ୟବୃକ୍ଷ ହେଉଛି ରୋଡୋଡେଣ୍ଡ୍ରୋନ୍ ଟ୍ରି । ଏହାର ଗାଢ଼ ଲାଲ ରଙ୍ଗ ଫୁଲ ନନ୍ଦାଦେବୀଙ୍କୁ ଅର୍ପଣ କରାଯାଏ।

ଆମେ ଯଦି ଉତ୍ତର ପୂର୍ବ ଆଡ଼କୁ ଯିବା ତେବେ ଅନେକ ରାଜ୍ୟରେ ଅଧିକ କାଠଗଛ ଦେଖିବାକୁ ପାଇବା। ସ୍ଥାନୀୟ ଆଦିବାସୀମାନେ ଏହିସବୁ ଗଛରୁ ଅନେକଙ୍କୁ ପୂଜା କରନ୍ତି। ବିଶେଷକରି ଆସାମ ଓ ଅରୁଣାଚଳ ପ୍ରଦେଶରେ ହୋଲୋଙ୍ଗ, ମେଘାଳୟରେ ଆଲରେ, ମଣିପୁରରେ ଉଙ୍ଗିଙ୍ଗ, ମେଘାଳୟରେ ହ୍ୱାଇଟ୍ ଟିକ୍ ଏବଂ ଆଣ୍ଡାମାନରେ ରେଡ୍‌ଉଡ୍‌କୁ ରାଜ୍ୟରେ ସେମାନେ ପୂଜା କରିଥାନ୍ତି। ମିଜୋରାମର ଆଇରନ୍ ଟ୍ରି ବୌଦ୍ଧଧର୍ମରେ ପବିତ୍ରତା ବହନକରେ ଏବଂ ଅନେକ ବୌଦ୍ଧ ବିଚାରଧାରା ସହ ଏହାର ସମ୍ପର୍କ ରହିଛି। ଏହା ମଧ୍ୟ ଶ୍ରୀଲଙ୍କାର ଜାତୀୟ ବୃକ୍ଷ। ତ୍ରିପୁରାର ରାଜ୍ୟବୃକ୍ଷ ହେଉଛି ଅଗର। ଏହା ଏକ ସୁବାସିତ ଗଛ, ଯେଉଁଥିରୁ ଅତର ତିଆରି କରାଯାଏ। ପଶ୍ଚିମବଙ୍ଗର ରାଜ୍ୟବୃକ୍ଷ ସପ୍ତପର୍ଣ୍ଣୀ। ଏହାର ଗଣ୍ଡିରୁ ସ୍କୁଲ ବ୍ଲାକ୍‌ବୋର୍ଡ ତିଆରି ହୁଏ। ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍‌ମାନେ ସେମାନଙ୍କ ଗ୍ରାଜୁଏଶନ ସମାରୋହକୁ ଏହି ଗଛର ଛୋଟ ଡାଳଦେଇଥାନ୍ତି। ଲାକ୍ଷାଦ୍ୱୀପର ବ୍ରେଡ୍‌ଫ୍ରୁଟ୍ ଗଛ ସମୁଦ୍ରପଥର ଯାତ୍ରାକୁ ସ୍ମରଣ କରାଇଦିଏ। ଅନେକ ହଜାର ବର୍ଷ ପୂର୍ବେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ପୋଲିନେସିଆର ନାବିକମାନେ ଏହି ଗଛକୁ ପ୍ରଥମେ ଆଣିଥିଲେ। ଏହିପରି ଭାବେ ଭାରତର ରାଜ୍ୟଗୁଡ଼ିକର ରାଜ୍ୟବୃକ୍ଷସବୁ ଭାରତୀୟ ସଂସ୍କୃତି ସମ୍ପର୍କରେ ଅନେକ କାହାଣୀ କହିଥାନ୍ତି।

-devduttofficial@gmail.com

# ସଉଦା ବ୍ୟାଗ୍



ସତ୍ୟନାରାୟଣ ବେହୁରା

ଆମ ନିତିଦିନିଆ ଜୀବନରେ ସମସ୍ତେ କିଛିନା କିଛି ସଉଦା ଆଣନ୍ତି । ଏହି ସଉଦା କେତେବେଳେ ପରିବା ହୋଇପାରେ ତ କେତେବେଳେ ଦେଢ଼ଶରି ଜିନିଷ କିମ୍ବା ଅନ୍ୟ କିଛି ହୋଇପାରେ। ଧନୀ ହେଉ କିମ୍ବା ଗରିବ ସମସ୍ତଙ୍କର କିଛିନା କିଛି ଆବଶ୍ୟକତା ରହିଥାଏ। ତେବେ ସଉଦାର ଆକାର ବା ପରିମାଣ ଅନୁସାରେ ବ୍ୟାଗର ଆବଶ୍ୟକତା ହୁଏ। ଏହି ବ୍ୟାଗ ଆଜିକାଲି ଆଉ ନିଜ ଘରୁ ନେବାକୁ ପଡୁନାହିଁ। ଦୋକାନୀ ନିଜେ ଯେତେବେଳେ ଜିନିଷ ଦେଲେ ମଧ୍ୟ ତାକୁ ପ୍ୟାକ୍ କରି ଦେଉଦେଉଛି। ବହୁତ ସୁବିଧାରେ ଆମ ଜିନିଷ ଘରେ ପହଞ୍ଚି ଯାଉଛି। କିନ୍ତୁ ଆଗରୁ ଏହି ବ୍ୟବସ୍ଥା ନ ଥିଲା। ନିଜ ଜିନିଷ ପାଇଁ ନିଜେ ବ୍ୟାଗର ବ୍ୟବସ୍ଥା କରିବାକୁ ପଡୁଥିଲା। ଘରୁ ବ୍ୟାଗ ଧରି ଜିନିଷ ଆଣିବା ପାଇଁ ସମସ୍ତେ ଯାଉଥିଲେ। ସୁରକ୍ଷିତ ଭାବରେ ନିଜ ଜନିଷ ଘରକୁ ଆଣୁଥିଲେ।

ବ୍ୟାଗର ବ୍ୟବହାର ଏବେ କମିଗଲାଣି। କେହି ବ୍ୟାଗ ନେଇ ବଜାରକୁ ଯାଉନାହାନ୍ତି। ଯଦି ବି କିଏ ବ୍ୟାଗ ବ୍ୟବହାର କରୁଛି ତାହା ନିଶ୍ଚିତ ଭାବରେ ଜରି କିମ୍ବା ପଲିଥିନରେ ତିଆରି ବ୍ୟାଗ ହୋଇଥିବ। କନାରେ ତିଆରି ବ୍ୟାଗ ବହୁତ କମ ଲୋକଙ୍କ ହାତରେ ଦେଖାଯାଏ। ଆଗରୁ ବ୍ୟାଗ ସବୁ କନାରେ ସିଲାଇ ହେଉଥିଲା। କନା ତିଆରି ବ୍ୟାଗ ବହୁତ ମଜଭୁତ ଓ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରୁଥିଲା। କନା ବ୍ୟାଗରେ ଜିନିଷ ଆଣିଲେ ବାହାରକୁ ଦେଖାଯାଏ ନାହିଁ। ବହୁତ ସୁରକ୍ଷିତ ଭାବରେ ଜିନିଷ ଘରକୁ ଆସେ। କିନ୍ତୁ ଆଜିକାଲି ରେଡିମେଡ୍ ଯୁଗରେ ସବୁ ପଲିଥିନ ବ୍ୟାଗର ବ୍ୟବହାର ହେଲା। ଖାଲି ହାତରେ ଘରୁ ବଜାରକୁ ଯାଇ ବଡ଼ ବଡ଼ ପଲିଥିନରେ ସଉଦା ଅଣାଯାଉଛି। ବାଟରେ ଲୋକେ ସବୁ ଜିନିଷ ଦେଖିପାରୁଛନ୍ତି। ହୋଟେଲରୁ ଜଳଖିଆ ନେଲେ ପଲିଥିନରେ ନେଉଛନ୍ତି। ବାଟରେ ସମସ୍ତଙ୍କ ନଜର ତାହା ଉପରେ ପଡୁଛି। ଗୋଟିଏ ବିଶ୍ୱାସ ଥିଲା,ଖାଦ୍ୟ ପଦାର୍ଥରେ କାହାର ନଜର ପଡ଼ିଲେ ତାକୁ ଖାଇବି ନାହିଁ। ଯଦି ବି ତାକୁ ଖାଇବେ, ଯାହାର ନଜର ପଡ଼ିଥିବ ତାକୁ ଦେଇକି ଖାଇବେ। ନଚେତ୍ ପେଟ କାଟିବ। ଅନ୍ୟର ନଜରକୁ ଏଡ଼ାଇବା ପାଇଁ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖାଯାଉଥିଲା। କାଳେ କାହାର ନଜର ପଡ଼ିବ ବୋଲି ସମସ୍ତେ ଚିନ୍ତା କରୁଥିଲେ। ଏବେ କିନ୍ତୁ ସବୁ ଖୋଲା ମେଲାରେ ଚାଲିଛି। ଦିନକୁ ଦିନ ଲୋକମାନଙ୍କର ଚଳଣିରେ ପରିବର୍ତ୍ତନ ହୋଇଯାଉଛି। ସମସ୍ତଙ୍କ ନଜର ପଡୁଥିବା ଖାଦ୍ୟ ଖାଇବାକୁ କୌଣସି ଦ୍ୱିଧା ବୋଧ ହେଉନାହିଁ। ସର୍ବସାଧାରଣ ସ୍ଥାନମାନଙ୍କରେ ଗହଳି ସ୍ଥାନରେ ଖାଦ୍ୟ ଖାଇବାକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି।

ପଲିଥିନର ବ୍ୟବହାର ବଢ଼ି ଯାଉଛି। ବ୍ୟାଗର ବିକଳ୍ପ ଭାବରେ ପଲିଥିନ ବ୍ୟବହାର କରାଯାଉଥିବାରୁ କେହି ବ୍ୟାଗ ବ୍ୟବହାର କରୁନାହାନ୍ତି। ସବୁ ଜାଗାରେ ପଲିଥିନର ବ୍ୟବହାର ଚାଲିଛି। ଏପରି କି ମନ୍ଦିର ଗଲେ ମଧ୍ୟ ଆଉ ପୂର୍ବଭଳି ପୂଜା ଥୁଡ଼ି ବ୍ୟବହାର ହେଉନାହିଁ। ପଲିଥିନରେ ଭୋଗନେଇ ପୂଜକଙ୍କୁ ଧରାଇଦେଲେ କାମ ଶେଷ। ଠାକୁରଙ୍କ ଭୋଗ ମଧ୍ୟ ସେହି ପଲିଥିନରେ ଆସିଯାଉଛି। ମହାଦେବଙ୍କ ପାଦୁକା ମଧ୍ୟ ପଲିଥିନରେ ଆସିଯାଉଛି। ଏହି ପଲିଥିନ ବର୍ତ୍ତମାନ ମଣିଷ ସମାଜକୁ ଗ୍ରାସ କରିସାରିଲାଣି। ଏହାର କ୍ଷତିକାରକ ଦିଗ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସକାଳ ପାହିଲେ ଆମ ଚାରିପାଖରେ ଦେଖିବାକୁ ମିଳୁଛି ଜୁଡ଼ୁ ଜୁଡ଼ୁ ପଲିଥିନ ଆବର୍ଜନା। ଜଳ ଭାଗରେ ମଧ୍ୟ ଏହା ଜଳଚର ଜୀବମାନଙ୍କୁ ପ୍ରଭାବିତ କଲାଣି। ଅନେକ ସମୟରେ ଗୋରୁ ଏହାକୁ ଖାଇ ବହୁତ ଅସୁବିଧାରେ ପଡ଼ିଯାଉଛନ୍ତି। ପଲିଥିନ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଉଛି। ତେବେ ମଧ୍ୟ ସୁଫଳ ମିଳୁନାହିଁ। ଗୋଟିଏ ନିୟମ ହେଲେ କିଛି ଦିନ କଟକଣା ରହୁଛି, ତା'ପରେ ପୁଣି ଲୋକମାନେ ତାକୁ ଭୁଲିଯାଉଛନ୍ତି। ଜନ ସଚେତନତାର ଅଭାବରୁ ଏହି ନିୟମଗୁଡ଼ିକର ସୁଫଳ ମିଳୁ ନାହିଁ। ପ୍ଲାଷ୍ଟିକ, ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ କରିବା ଓ ତାକୁ ପାଳନ କରିବା ଆବଶ୍ୟକ। ସମସ୍ତେ ଘରୁ କନା ବ୍ୟାଗ ନେଇ ବଜାରକୁ ଯିବା ଅଭ୍ୟାସ କରିବା ଜରୁରୀ। ଦୋକାନୀମାନଙ୍କ ମଧ୍ୟ ତାଗିଦ୍ କରିବା ଦରକାର ଯେ, ସେମାନେ ଗ୍ରାହକମାନଙ୍କୁ ବ୍ୟାଗ ଆଣିବା ପାଇଁ କୁହନ୍ତୁ, ନଚେତ୍ ଜିନିଷ ଦିଅନ୍ତୁ ନାହିଁ। ପ୍ରାଚୀନ କାଳରେ ଯେମିତି ସବୁ ଦୋକାନରେ ଲେଖୁଲା ମରାଯାଉଥିଲା, ମାଲ୍ ନାହିଁ ତ ଜିନିଷ ନାହିଁ। ଠିକ୍ ସେହିପରି, ବ୍ୟାଗ ନାହିଁ ତ ଜିନିଷ ନାହିଁ ଲେଖୁଲା ସବୁ ଦୋକାନୀ ମାରନ୍ତୁ। ଧୀରେ ଧୀରେ ଲୋକମାନଙ୍କର ଅଭ୍ୟାସ ବଦଳିବାକୁ ପଡ଼ିବ, ନଚେତ୍ ନେଡ଼ି ଗୁଡ଼ କଲୁଛିକୁ ବେହିଯିବ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩

## ଏଇ ଭାରତରେ

ଏକାକୀ ବାଇକ୍‌ରେ ୧୨ଟି ଦେଶ ବୁଲିସାରିଲେଣି ଆନ୍ଧ୍ରପ୍ରଦେଶର ଯୋଶୁଭ ଡାନିଏଲ ପୁଟି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ସମ୍ପ୍ରଦାୟ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ସେ ମଧ୍ୟ ବାଟରେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ଉଗାଣ୍ଡାରେ ଥିବା ସମୟରେ ସେଠାରେ ଅପପୁଷ୍ଟିର ଶିକାର ପିଲାଙ୍କୁ ଦେଖି ସେମାନଙ୍କୁ ଖାଦ୍ୟ ଦେବାଲାଗି ନିଷ୍ପତ୍ତି ନେଇଥିଲେ ଏବଂ ସେହିଠାରୁ ହିଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଆବଶ୍ୟକ କାଗଜପତ୍ର ଯୋଗେ ବିଭିନ୍ନ ଦେଶର ସୀମା ପାର୍ ହୋଇ ଚାଲିଛନ୍ତି। ୩୭ ବର୍ଷୀୟ ପୁଟି ୧୨୦ ଦେଶ ବାଇକ୍‌ରେ ଭ୍ରମଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁରରେ ସେଠାକାର ଅଧିକାରୀଙ୍କ ସହଯୋଗରେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ସର୍ଜରି ପାଇଁ ପାଣ୍ଠି ମଧ୍ୟ ସଂଗ୍ରହ କରିଥିଲେ। ଭାରତର ବିଭିନ୍ନ ସ୍ଥାନକୁ ଯିବା ସମୟରେ ସେ ମହିଳାମାନଙ୍କୁ ସଶକ୍ତ ହେବାଲାଗି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। 'ରାଇଡର ଯୋଶ୍ ଫାଉଣ୍ଡେସନ' ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ଏବେ ଏତିକି ନୁହେଁ, ସେ ହାଇଦ୍ରାବାଦରେ ୫୦୦ରୁ ଅଧିକ ଗଛଚାରା ଲଗାଇ ସାରିଲେଣି। ଏହାବ୍ୟତୀତ ଡାନିଏଲ ପୁଟି କରୋନା ସମୟରେ ମଧ୍ୟ ୧୫୦୦ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୭୬

- ରାଉରକେଲାଠାରେ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପାଇରାଲ ୱେଲ୍ଡ ପାଇପ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ଭୀଷଣ ବର୍ଷା ଓ ଝଡ଼ତୋଫାନ ଫଳରେ କଲିକତା ଅନ୍ତର୍ଗତ ରଘୁନାଥଗଞ୍ଜ ନିକଟସ୍ଥ ଭାଗୀରଥି ନଦୀରେ ନୌକା ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କୃଷି ତଥା ଶିଳ୍ପ ଉତ୍ପାଦନ ବୃଦ୍ଧିକୁ ଉତ୍ସାହିତ କରିବା ଲାଗି ୪୩ଟି ସାମଗ୍ରୀ ଉପରୁ ଅବକାରୀ ଶୁଳ୍କ ରିହାତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | 1 | | |
| 5 | | | 3 | 6 | | | | 7 |
| | | | | | | | | 5 |
| 9 | | 5 | | | | | 7 | 1 |
| | | 3 | 5 | | | 8 | | |
| 6 | | | | 7 | | | | 2 |
| 2 | | | | 1 | 5 | | | |
| | | | 6 | 9 | | | 3 | |
| | | 9 | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 5 | 4 | 7 | 9 | 1 |
| 1 | 7 | 6 | 2 | 8 | 9 | 3 | 4 | 5 |
| 5 | 9 | 4 | 1 | 3 | 7 | 6 | 2 | 8 |
| 6 | 3 | 1 | 5 | 9 | 2 | 4 | 8 | 7 |
| 9 | 4 | 8 | 7 | 1 | 6 | 2 | 5 | 3 |
| 7 | 2 | 5 | 8 | 4 | 3 | 9 | 1 | 6 |
| 2 | 5 | 9 | 3 | 6 | 8 | 1 | 7 | 4 |
| 4 | 1 | 3 | 9 | 7 | 5 | 8 | 6 | 2 |
| 8 | 6 | 7 | 4 | 2 | 1 | 5 | 3 | 9 |

ଗତକାଲିର ଉତ୍ତର

# ସର୍ବବ୍ୟାପୀ ସରକାର



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିବ୍ୟାପ୍ତିମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର-ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ! ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁଆଡ଼େ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ। ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ-ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁସଂହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟବ୍ୟାଙ୍କରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟକିଣାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ। ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷପଣିଆ, ଭଗବଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଉଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଉଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଉଛନ୍ତି, ତାହା ଜଣାପଡ଼େ ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା



ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର-ନିର୍ଭରଶୀଳ ଅବା ନେତା-ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ବଡ଼' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଭକ୍ତି-ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଚାଲିଛି-ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ନେତା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି- 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟଦେବତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ। ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅଫିସାମାନେ ରୁଟିନ୍ କାର୍ଯ୍ୟକ୍ରମ-ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ-ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିଚାରର ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିଗ୍ରସ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଗ୍ରସ୍ତ ମୋଟାମୋଟି କାମ ଚଳେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି-ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାର, ଉଦ୍ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଯୋଗ'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟବ୍ୟାଙ୍କରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩ ୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ସାମ୍ବାଦିକତା ସମାଜର କାମ୍ୟ

ମହାଶୟ,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଶକ୍ତୀକରଣ ନିମନ୍ତେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ବିଶେଷ ଆବଶ୍ୟକ ରହିଥିବା ବେଳେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ଜନସାଧାରଣଙ୍କୁ ବାସ୍ତବ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗଣମାଧ୍ୟମର ମଧ୍ୟ ଭୂମିକା ରହିଛି। ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ସମ୍ବିଧାନର ମୁଖବନ୍ଧରେ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଛି। ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଜାଗ୍ରତପ୍ରହରୀ ଭାବେ ବର୍ଣ୍ଣନା କରାଯାଇଛି। ସମାଜରେ ରାଜନୀତିର ପ୍ରଭାବ ପରିଲକ୍ଷିତ ହୋଇଥିବା ବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହିବା ସମ୍ଭବ ନୁହେଁ। କିନ୍ତୁ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ କାରଣ ଯୋଗୁ ରାଜନୀତିକୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ପ୍ରବୃତ୍ତାଟି ସୃଷ୍ଟି କରିଛି। ଗଣମାଧ୍ୟମ କ୍ଷେତ୍ରରେ ଏମିତି କିଛି ଘଟିଚାଲିଛି, ଯାହାକୁ ନେଇ ଲୋକଙ୍କର ଏହା ଉପରୁ ବିଶ୍ୱାସ କମିଯାଉଛି। ଏହା ନିୟମିତ ପାଠକ ବା ଶ୍ରୋତାମାନଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। ତେଣୁ ନିରପେକ୍ଷ ସାମ୍ବାଦିକତା ହିଁ ସମାଜର କାମ୍ୟ।

-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହାରାଷ୍ଟ୍ର ସ୍କୁଲ ପିଲାଙ୍କ ପାଇଁ ହିନ୍ଦୀ ବାଧ୍ୟ ନୁହେଁ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରରେ ଚାଲିଥିବା ଭାଷା ବିବାଦକୁ ନେଇ ବୁଧବାର ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଥିବା ମରାଠୀ ଏବଂ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତୃତୀୟ ଭାଷା ଭାବେ ହିନ୍ଦୀ ଶିକ୍ଷାଦାନ ବାଧ୍ୟତାମୂଳକ ନୁହେଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତ୍ରିଭାଷା ନୀତିରେ ମହାରାଷ୍ଟ୍ର ସରକାର ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ତୃତୀୟ ଭାଷା ଭାବେ ହିନ୍ଦୀ ପାଠପଢ଼ା ଜାରି ରହିବ। ତେବେ ଯଦି କୌଣସି ଶ୍ରେଣୀରେ ୨୦ରୁ ଅଧିକ ଛାତ୍ରୀଛାତ୍ର ହିନ୍ଦୀ ବଦଳରେ ଅନ୍ୟ କୌଣସି ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଶିଖିବାକୁ ଚାହିଁବେ, ସେମାନଙ୍କୁ ଉକ୍ତ ଭାଷାରେ ଶିକ୍ଷକ ଉପଲବ୍ଧ କରାଯିବ କିମ୍ବା ଅନ୍‌ଲାଇନରେ ଉକ୍ତ ଭାଷାର ଶିକ୍ଷା ଦିଆଯିବ।

### ଋଣ ଶୁଝି ନ ପାରିବାରୁ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼

ଅମରାବତୀ, ୧୮।୬

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନିର୍ବାଚନମଣ୍ଡଳୀ କୁପ୍ପମ ଅନ୍ତର୍ଗତ ନାରାୟଣପୁରମ ଗ୍ରାମରେ ଋଣ ପରିଶୋଧ କରିପାରି ନ ଥିବାରୁ ସିରିଶି ନାମ୍ନୀ ଜଣେ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଛି। ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶରେ ଶାସନରେ ଥିବା ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଜଣେ କର୍ମୀ ମନିକପ୍ପା ବୋଲି ଜଣାପଡ଼ିଛି। ମାମଲାକୁ ନେଇ ପୋଲିସ ବୁଧବାର ମନିକପ୍ପା, ତାଙ୍କ ସ୍ତ୍ରୀ ମୁନେମ୍ମା ଏବଂ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସର ସୂଚନା ମୁତାବକ, ସିରିଶିଙ୍କ ସ୍ୱାମୀ ଆର୍ ତିମପ୍ପା ୨ ବର୍ଷ ତଳେ ଗ୍ରାମର ମନିକପ୍ପାଙ୍କଠାରୁ ଋଣରେ ୮୦ ହଜାର ଟଙ୍କା ନେଇଥିଲେ। ତିମପ୍ପା ଏହି ଋଣକୁ ଛୋଟ ଛୋଟ କିସ୍ତିରେ ପରିଶୋଧ କରୁଥିଲେ। ତେବେ କିଛିଦିନ ତଳେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ସେ ଗାଁ ଛାଡ଼ି ବେଙ୍ଗାଲୁରୁ ଚାଲିଯାଇଥିଲେ। ବେଙ୍ଗାଲୁରୁ ଯିବା ପରେ ସେ ମନିକପ୍ପାଙ୍କୁ ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଫଳରେ ମନିକପ୍ପା ଏବଂ ତାଙ୍କ ସ୍ତ୍ରୀ ମୁନେମ୍ମା ସିରିଶିଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ।

### ଗୋରକ୍ଷକଙ୍କ ମାଡ଼ରେ ଜଣେ ମୃତ, ଜଣେ ଗୁରୁତର

ଭୋପାଳ, ୧୮।୬

ମଧ୍ୟପ୍ରଦେଶର ମେହଗାଁଓ ସହରରେ ଗୋରୁ ଚୋରାଚାଲାଣ ଅଭିଯୋଗରେ ଗତ ୫ ତାରିଖ ରାତିରେ ୨ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜୁନେଦ୍ ଓ ତାଙ୍କର ଜଣେ ସହଯୋଗୀ ୬ରୁ ୧୦ଟି ଗାଈ ନେଇ ଯାଉଥିବାବେଳେ ତଥାକଥିତ ଗୋରକ୍ଷକମାନେ ମେହଗାଁଓ ମନ୍ଦିର ନିକଟରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ।

# ୬ ଦିନରେ ୬୦୦ ଇରାନୀୟ ମୃତ

## ଆତ୍ମସମର୍ପଣ ଆହ୍ୱାନକୁ ଖାମେନେଇଙ୍କ ପ୍ରତ୍ୟାଖ୍ୟାନ, ଟ୍ରମ୍ପଙ୍କୁ ଓଲଟା ଚେତାବନୀ



ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ଏକ ବଡ଼ ଭୁଲ୍। ଏଥିପାଇଁ ଇସ୍ରାଏଲ୍‌କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଇରାନ୍ ଉପରେ ଶାନ୍ତି କିମ୍ବା ଯୁଦ୍ଧ ଲଦି ଦିଆଗଲେ ଏହାକୁ ତେହରାନ୍ ଗ୍ରହଣ କରିବ ନାହିଁ। ଯେଉଁମାନେ ଇରାନ୍‌ର ଇତିହାସ ଜାଣନ୍ତି, ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ତେହରାନ୍ ଧମକପୂର୍ଣ୍ଣ ଭାଷାର ଉତ୍ତର ଦେବା ଜାଣିଛି। ଇରାନୀୟମାନେ ଆତ୍ମସମର୍ପଣ କରନ୍ତି ନାହିଁ। ଆମେରିକା ପକ୍ଷରୁ କୌଣସି ପ୍ରକାର ଷ୍ଟ୍ରାଇକ୍ କରାଗଲେ ଏହାର ପରିଣାମ ଅପୂରଣୀୟ କ୍ଷତି ଆଣିଦେବ।

**–ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ ଲିଡର**

ତେହରାନ୍/ୱାଶିଂଟନ୍, ୧୮।୬

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏଥିସହ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେବା ପରେ ଇରାନ୍ ତେଲ୍‌ଆଭିଭ୍‌କୁ ଟାର୍ଗେଟ କରି ଫତହ-୧ ମିଶାଇଲ୍ ଛାଡ଼ିଥିବା କହିଛି। ଇସ୍ରାଏଲ୍‌ରେ ଅଦ୍ୟାବଧି ୨୫ ଜଣ ନିହତ ହୋଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଦିନକ ପରେ ଖାମେନେଇ ଟ୍ରମ୍ପ୍‌ଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଆମେରିକାକୁ ଓଲଟା ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଖାମେନେଇ କହିଛନ୍ତି, ଆମେରିକା ଯଦି ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସାମିଲ ହୁଏ ତେବେ ଏହାକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଆମେରିକୀୟ ହସ୍ତକ୍ଷେପକୁ ଯୁଦ୍ଧ ଜରିଆରେ ମୁକାବିଲା କରାଯିବ ବୋଲି କହିଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ମିଶାଇଲ୍ ନିର୍ମାଣ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ୫୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ନିୟୋଜିତ କରାଯାଇଛି। ଆକ୍ରମଣରେ ଇରାନ୍‌ର ତବ୍‌ରିଜ ମିଶାଇଲ୍ ବେସ୍ ଓ ମଶାହଦ ଏୟାରଫିଲ୍ଡର ପ୍ରଭୁତ କ୍ଷତି ସାଧିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଇରାନ୍ ଦାବି କରିଛି ଯେ, ଇସ୍ରାଏଲ୍ ଆଡ଼କୁ ଏକ ଫତହ-୧ ମିଶାଇଡ୍ ଛଡ଼ାଯାଇଛି। ଏହା ସତ ହୋଇଥିଲେ ୨୦୨୩ ପରେ ସଦ୍ୟ ଯୁଦ୍ଧରେ ଇରାନ୍ ପକ୍ଷରୁ

### ତେଲ୍ ଆଭିଭ୍‌କୁ ଇରାନ୍ ଛାଡ଼ିଲା ଫତହ-୧ ମିଶାଇଲ୍

ଏହା ଇସ୍ରାଏଲ୍-ଷ୍ଟ୍ରାଇକର୍‌ର ପ୍ରଥମ ପ୍ରୟୋଗ। ଇତିମଧ୍ୟରେ ଆମେରିକାର ୨ ଜଣ ଅଧିକାରୀ କହିଛନ୍ତି, ଟ୍ରମ୍ପ୍ ଇରାନୀୟ ନ୍ୟୁକ୍ଲିୟର ଫାସିଲିଟିଗୁଡ଼ିକ ଉପରେ ଆମେରିକୀୟ ସାମରିକ ଉପକରଣ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ। ୩୦ରୁ ଅଧିକ ୟୁଏସ୍ ମିଲିଟାରି ଏରିଆଲ୍ ରିଫ୍ୟୁଲିଙ୍ଗ୍ ଟ୍ୟାଙ୍କରକୁ ମଧ୍ୟପ୍ରାଚ୍ୟକୁ ଛଡ଼ାଯାଇଛି। ଇରାନ୍ ୬ ଦିନ ଭିତରେ ତେଲ୍‌ଆଭିଭ୍ ଆଡ଼କୁ ୪୦୦ରୁ ଅଧିକ ମିଶାଇଲ୍ ଓ ଅନେକ ଶହ ଡ୍ରୋନ୍ ଛାଡ଼ିସାରିଲାଣି। ଏଥିରେ ଇସ୍ରାଏଲ୍‌ର ୪୦ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି।

ଇରାନ୍‌ର ଶେଷ ରାଜାଙ୍କ ପୁଅ ତଥା ନିର୍ବାସନରେ ଥିବା ବିରୋଧୀ ବ୍ୟକ୍ତିତ୍ୱ ରେଜା ପହଲଭି କ୍ଷମତା ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି। ଖାମେନେଇ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେ ଦାବି କରିଛନ୍ତି। ଇତିମଧ୍ୟରେ ଇରାନ୍‌ରୁ ୧୧୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ଛାତ୍ରୀଛାତ୍ରମାନେ ଆର୍ମେନିଆରୁ ଦୋହା ଯିବା ପରେ ସେଠାରୁ ବିମାନରେ ଆସୁଥିବା ଜଣାପଡ଼ିଛି।

ଇରାନ୍ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ହୋଇଗଲାଣି। ଏହା ନିକଟରେ ଆଉ ଏୟାର ଡିଫେନ୍ସ ନାହିଁ। ଇରାନ୍ ହ୍ୱାଇଟ୍ ହାଉସ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛି।

**–ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**





ତେହରାନରେ ଇସ୍ରାଏଲ୍‌ର ମିଶାଇଲ୍ ମାଡ଼ ପରେ ଧୂଆଁ ଉଠୁଛି।

### ୧୦-୧୨ ଦିନରେ ସରିଯିବ ଇସ୍ରାଏଲୀ ମିଶାଇଲ



ତେହରାନ୍‌ରୁ ନେଇ ତେଲ୍‌ଆଭିଭ୍ ପର୍ଯ୍ୟନ୍ତ ଚାଲିଛି ମିଶାଇଲ ମାଡ଼ର ପ୍ରତିଯୋଗିତା। ଇରାନ୍ ଉପରେ ଆକ୍ରମଣ ବେଳେ ଇସ୍ରାଏଲ୍ ଭାବି ନ ଥିଲା ଏପରି ପ୍ରତିରୋଧର ସମ୍ମୁଖୀନ ହେବ ବୋଲି। ଇସ୍ରାଏଲୀ ଇଣ୍ଟରସେପ୍ଟରଗୁଡ଼ିକ ବର୍ତ୍ତମାନ ଚାପଗ୍ରସ୍ତ। ଏରୋ ମିଶାଇଲ ପିଛା ୩ ନିୟୁତ ଡଲାର। ଇସ୍ରାଏଲ୍‌କୁ ଡିଫେନ୍ସ ଅପରେଶନ୍ ପାଇଁ ପ୍ରତି ରାତିରେ ୨୮୫ ନିୟୁତ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଇରାନ୍‌ର ପ୍ରତିଆକ୍ରମଣକୁ ଇସ୍ରାଏଲ୍ ଆଉ କେତେଦିନ ବରଦାସ୍ତ କରିପାରିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ଇସ୍ରାଏଲ୍ ଆମେରିକାଠାରୁ ଯୁଦ୍ଧାସ୍ତ୍ର ସହଯୋଗ ନ ପାଇଲେ ଏହାର ସାମରିକ ଭିତ୍ତିଭୂମି ଦୋହଲିଯିବ ବୋଲି ଅନେକେ ମତ ଦେଉଛନ୍ତି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏତେ ଶୀଘ୍ର ଇସ୍ରାଏଲ୍ ସହ ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାକୁ ସାମିଲ କରି ତେହରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନ ପାରନ୍ତି ବୋଲି ଅନ୍ୟ କେତେକ ସୂତ୍ରରୁ ଜଣାପଡ଼ିଛି।

### ୨୨କୁ ଘୁଞ୍ଚିଲା ଆକ୍ସିଓମ ୪ ମିଶନ

ଫ୍ଲୋରିଡା, ୧୮।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ପୁଣିଥରେ ଆକ୍ସିଓମ ୪ ମିଶନର ଲଞ୍ଚିଂକୁ ଘୁଞ୍ଚାଇଛି। ରବିବାର ପୂର୍ବରୁ ଏହି ମିଶନ ଲଞ୍ଚ୍ ହୋଇପାରିବ ନାହିଁ ବୋଲି ନାସା ସ୍ପଷ୍ଟ କରିଛି। ଯଦି ସବୁକିଛି ଯୋଜନା ମୁତାବକ ରହେ, ତେବେ ଆସନ୍ତା ୨୨ରେ ଆକ୍ସିଓମ ୪ ମିଶନର ଲଞ୍ଚିଂ ହେବ। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ରବିବାର ପର୍ଯ୍ୟନ୍ତ ନାସା ସମୟ ପାଇବ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମଧ୍ୟ ଏନେଇ ଏକ୍ସ'ରେ ସୂଚନା ଦେଇଛି। ନାସା, ସ୍ପେସ୍‌ଏକ୍ସ', ଇସ୍ରୋ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି

#### ଆଇଏସ୍‌ଏସ୍‌ରେ ହୋଇଥିବା ମରାମତି କାର୍ଯ୍ୟର ମୂଲ୍ୟାଙ୍କନ କରିବ ନାସା

ମିଳିତ ମିଶନ ପୂର୍ବରୁ ମେ ୨୯ରେ ଲଞ୍ଚ୍ ହେବାର ଥିଲା। ପରେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ଜୁନ୍ ୮, ୯, ୧୧ ଏବଂ ୧୯କୁ ଘୁଞ୍ଚାଯାଇଥିଲା। ଏହି ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ୩ ଅନ୍ୟ ଆଷ୍ଟ୍ରୋନଟ ଆଇଏସ୍‌ଏସ୍‌କୁ ଯିବେ। ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

### ୟୁପି ପୋଲିସରେ ଏକସଙ୍ଗେ ଭର୍ତ୍ତିହେଲେ ବାପପୁଅ

ଲକ୍ଷ୍ନୌ, ୧୮।୬

ଉତ୍ତର ପ୍ରଦେଶର ହାପୁର ଜିଲା ଉଦୟରାମପୁର ନଙ୍ଗଲା ଗ୍ରାମର ବାପପୁଅଙ୍କ ଯୋଡ଼ି ଏକସଙ୍ଗେ ରାଜ୍ୟ ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଡିଫେନ୍ସ ଏକ୍ସପୋ ଭେନ୍ୟୁରେ ପହଞ୍ଚି ଅବସରପ୍ରାପ୍ତ ସେନା ହାବିଲଦାର ଯଶପାଲ ସିଂ ନାଗର (୪୧) ଏବଂ ତାଙ୍କ ପୁଅ ଶେଖର ନାଗର (୨୧) ନିଜ ନିଯୁକ୍ତି ପତ୍ର ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଭୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଯଶପାଲ ୨୦୦୩ରେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ। ୧୬ ବର୍ଷ ଧରି ସେବା ଯୋଗାଇବା ପରେ ୨୦୧୯ରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଦିଲ୍ଲୀରେ ଥିବା ଆର୍ମି ଅର୍ଡିନାନ୍ସ କର୍ପ୍ସରେ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ୨୦୨୪ରେ ଉତ୍ତର ପ୍ରଦେଶର କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପାଇଁ ଯଶପାଲ ପୁଅ ଶେଖରଙ୍କ ସହ ମିଶି ଆବେଦନ କରିଥିଲେ। ଉଭୟ ବାପପୁଅ ଏକସଙ୍ଗେ ଉକ୍ତ ପରୀକ୍ଷା ଦେଇଥିଲେ ଏବଂ ଏକସଙ୍ଗେ ଉଭୟଙ୍କର ସିଲେକ୍ସନ ମଧ୍ୟ ହୋଇଛି। ଦୁହେଁ ୨ ବର୍ଷ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଉଭୟେ ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ମିଳିତ ଭାବେ ୟୁପି ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଶେଖର କହିଛନ୍ତି।

ଏବେ ଯଶପାଲ ଶାହଜହାନ୍‌ପୁର ଏବଂ ପୁଅ ଶେଖର ବରେଲିରେ ୟୁପି ପୋଲିସ କନଷ୍ଟେବଲ ଭାବେ ଟ୍ରେନିଂ ନେବେ। ଚଳିତ ମାସ ଶେଷ ଆଡ଼କୁ ଉଭୟେ ଟ୍ରେନିଂ ପାଇଁ ଯିବେ। ୟୁପି ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହେବା ପରେ ଶେଖର କହିଛନ୍ତି, ସେ ଆଗକୁ ମଧ୍ୟ କମ୍ବାଇନ୍‌ଡ ଡିଫେନ୍ସ ସର୍ଭିସ୍ ଏକ୍ସାମିନେଶନ (ସିଡିଏସ୍) ଏବଂ ୟୁପି ଇନ୍ସପେକ୍ଟର ପରୀକ୍ଷା ପରି ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବେ। ସେହିପରି ଯଶପାଲ କହିଛନ୍ତି, ଶେଖର ଉଚ୍ଚ ମାଧ୍ୟମିକ ପାଠପଢ଼ା ଶେଷ କରିବା ପରେ ସେ ତାଙ୍କୁ ୟୁପି ପୋଲିସ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଧୀରେ ଧୀରେ ପୁଅକୁ ପ୍ରସ୍ତୁତିରେ ସହଯୋଗ କରିବା ସହ ସେ ନିଜେ ମଧ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ ବୋଲି ଯଶପାଲ କହିଛନ୍ତି। ଫଳରେ ସେ ପୁଅ ସହ ମିଶି ୟୁପି ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେହିପରି କୋଚିଂ ସେଣ୍ଟରରେ ପୁଅ ସହ ମିଶି ଗୋଟିଏ ଶ୍ରେଣୀରେ ବସିବା ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା ବୋଲି ଯଶପାଲ କହିଛନ୍ତି। ତେବେ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଯାଇଥିଲେ।



ଯଶପାଲ ସିଂ ନାଗର ଓ ତାଙ୍କ ପୁଅ ଶେଖର।

## ଫୁରସତ

### ଅତିଥିଙ୍କ ସଂଖ୍ୟା ମେଳ ନ ଖାଇଲେ ଜରିମାନା ଲଗାଇବ ରେଷ୍ଟୁରାଣ୍ଟ

ପ୍ୟାରିସ୍

ଫ୍ରାନ୍ସର ଆମ୍ବୋଇଜ୍‌ଠାରେ ଥିବା ଲିଲୋଟ୍ ନାମକ ଏକ ରେଷ୍ଟୁରାଣ୍ଟ ପକ୍ଷରୁ ନିକଟରେ ନିଜ ଗ୍ରାହକଙ୍କ ପାଇଁ ନୂତନ ଜରିମାନା ନୀତି ଘୋଷଣା କରାଯାଇଛି। ଏହି ନୀତି ଅନୁଯାୟୀ, ଗ୍ରାହକମାନେ ଅର୍ଡର ଦେଉଥିବା ପାର୍ଟିରେ ପୂର୍ବରୁ ଦର୍ଶା ଯାଇଥିବା ସଂଖ୍ୟାଠାରୁ ଯଦି କମ୍ କିମ୍ବା ଅଧିକ ଅତିଥି ଆସିଲେ, ତେବେ ଏଥିପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଲିଲୋଟ୍ ରେଷ୍ଟୁରାଣ୍ଟର ମାଲିକ ତଥା ମ୍ୟାନେଜର ଅଲିଭିୟର ଭିନ୍‌ସେଣ୍ଟ କହିଛନ୍ତି, ତାଙ୍କ ରେଷ୍ଟୁରାଣ୍ଟରେ କେବଳ ୨୦ଟି ସିଟ୍ ରହିଛି। ଯେତେବେଳେ ଲୋକମାନେ ଏଠାରେ ପାର୍ଟି ଆୟୋଜନ କରନ୍ତି, ସେମାନେ ପୂରା ୨୦ ସିଟ୍ ବୁକ୍ କରି ଦିଅନ୍ତି। କିନ୍ତୁ ଅନେକ ସମୟରେ ପାର୍ଟିରେ କମ୍ ଲୋକ ଆସିଥାନ୍ତି, ଯାହାଫଳରେ ରେଷ୍ଟୁରାଣ୍ଟକୁ କ୍ଷତି ସହିବାକୁ ପଡ଼େ। ସେହିପରି କେବେକେବେ ବୁକ୍ ହୋଇଥିବା ସିଟ୍ ସଂଖ୍ୟାଠାରୁ ଅଧିକ ଅତିଥି ମଧ୍ୟ ଆସିଯାଆନ୍ତି, ଯାହା ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ବୋଲି ଭିନ୍‌ସେଣ୍ଟ କହିଛନ୍ତି। ପ୍ରତି ସପ୍ତାହରେ ସେ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ସମସ୍ୟା ତାଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ସେ ବାଧହୋଇ ଗ୍ରାହକଙ୍କ ପାଇଁ ଜରିମାନା ନୀତି ଘୋଷଣା କରିଥିବା ଭିନ୍‌ସେଣ୍ଟ କହିଛନ୍ତି। ନୂତନ ନିୟମ ଅନୁଯାୟୀ, ଲିଲୋଟ୍ ରେଷ୍ଟୁରାଣ୍ଟରେ ପାର୍ଟି ବୁକ୍ କରିବା ସମୟରେ ଉଲ୍ଲେଖ କରାଯାଇଥିବା ଅତିଥିଙ୍କ ସଂଖ୍ୟାଠାରୁ ଯଦି ପାର୍ଟିକୁ ଆସିଥିବା ଅତିଥିଙ୍କ ସଂଖ୍ୟା ମେଳ ଖାଇବ ନାହିଁ, ତେବେ ଅର୍ଡର ଦେଇଥିବା ଗ୍ରାହକଙ୍କଠାରୁ ପ୍ରତି କମ୍ କିମ୍ବା ଅତିରିକ୍ତ ଅତିଥିଙ୍କ ପାଇଁ ୧୫ ୟୁରୋ (ପ୍ରାୟ ୧୪୦୦ ଟଙ୍କା) ଜରିମାନା ଆକାରରେ ଆଦାୟ କରାଯିବ। ତେବେ ଏହାକୁ ଏକ ଅଜବ ନିୟମ ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଭିନ୍‌ସେଣ୍ଟଙ୍କୁ ସମାଲୋଚନା କରିଛନ୍ତି।



### ଦିନକର ବାଇକ୍ ପାର୍କିଂ ଭଡ଼ା ୨,୪୦୦ ଟଙ୍କା

ବାରାଣସୀ

ଉତ୍ତର-ପୂର୍ବ ରେଳପଥର ବାରାଣସୀ ରେଳ ଷ୍ଟେଶନରେ ଏକ ବାଇକ୍ ପାର୍କିଂର ଟିକେଟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଟିକେଟ ଅନୁଯାୟୀ, ଘଣ୍ଟାଏରୁ ଅଧିକ ସମୟ ଧରି ଗାଡ଼ି ପାର୍କିଂ ହୋଇ ରହିଲେ, ଘଣ୍ଟା ପ୍ରତି ୧୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଯଦି ଗୋଟିଏ ବାଇକ୍ ୨୪ ଘଣ୍ଟା ପାଇଁ ପାର୍କିଂ ହୋଇ ରହିବ, ତେବେ ଭଡ଼ା ଆକାରରେ ୨,୪୦୦ ଟଙ୍କା ଦେବାକୁ ପଡିବ। ଘଟଣାକୁ ନେଇ ରେଳ ପ୍ରଶାସନ ପାର୍କିଂ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରେଳ ଷ୍ଟେଶନ ପ୍ରଶାସନ ସମ୍ପୃକ୍ତ ଠିକାଦାର ସଂସ୍ଥାର ପାର୍କିଂ ଚୁକ୍ତିନାମା ବାତିଲ କରିବା ସହ ଠିକାଦାରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି।

ଏନେଇ ସ୍ଥାନୀୟ ମହମୁର୍‌ଗଞ୍ଜ ବାସିନ୍ଦା ଡାକ୍ତର ରାଜେଶ କୁମାର ଶ୍ରୀବାସ୍ତବ ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀବାସ୍ତବ ତାଙ୍କ ଅଭିଯୋଗରେ କହିଛନ୍ତି, ବାରାଣସୀ ରେଳ ଷ୍ଟେଶନର ପ୍ଲାଟଫର୍ମ-୧ରେ ଥିବା ପାର୍କିଂ ଷ୍ଟାଣ୍ଡ୍‌ରେ ୨୪ ଘଣ୍ଟା ବାଇକ୍ ରଖିବା ପାଇଁ ୨,୪୦୦ ଟଙ୍କା ଆଦାୟ କରାଯାଉଛି। ସେହିପରି ୨୪ ଘଣ୍ଟା ସାଇକେଲ ରଖିବା ପାଇଁ ୧,୨୦୦ ଟଙ୍କା ଆଦାୟ କରାଯାଉଛି। ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ରେଳ ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ତଦନ୍ତ କରାଯାଇଥିଲା। ମନମାନି କରି ପାର୍କିଂ ଫି ଆଦାୟ କରୁଥିବାରୁ ପାର୍କିଂ ଅପରେଟରଙ୍କ ଉପରେ ରେଳ ପ୍ରଶାସନ ୫ ହଜାର ଟଙ୍କାର ଜରିମାନା ଲଗାଇଥିଲା।



# ଘଟଣାସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଆଇଜି

**ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା**

**ଜେଲରେ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ଼**

ଗୋପାଳପୁର/ବ୍ରହ୍ମପୁର,୧୮।୬ (ନବୀନରାଜ ଆଚାରୀ/ ସୁବାସ ଚନ୍ଦ୍ର ପାଢ଼ୀ)





ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି(ବାମ)। କ୍ରାଇମବ୍ରାଞ୍ଚ ଆଇଜି ସାଇନି ଏସ୍. ତଦନ୍ତ କରୁଛନ୍ତି।

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ୮ ଜଣିଆ ୨ଟି ଟିମ୍ ବ୍ରହ୍ମପୁର ପୋଲିସ ଜିଲାକୁ ଆସି ତଦନ୍ତ କରୁଛନ୍ତି। ବୁଧବାର ସେମାନେ ଘଟଣାସ୍ଥଳକୁ ଯାଇ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ତଥ୍ୟ ହାସଲ କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ମଧ୍ୟ ଭେଟିଥିବା ସୂଚନା ମିଳିଛି। ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ସେଠାରେ ଟିଆଇ ପରେଡ଼ କରାଯିବ। ବୁଧବାର ସନ୍ଧ୍ୟାରେ ୩ ଜଣିଆ ଟିମ୍ ବ୍ରହ୍ମପୁର ଜିଲାଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇ ଅଫିସ ଯାଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଟିଆଇ ପରେଡ଼ ପାଇଁ ଗୁରୁବାର ଆବେଦନ କରାଯିବ ବୋଲି ଜଣାପଡିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସକାଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ., ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ମନ୍ତ୍ରୀ ଏସ୍‌ପିଙ୍କୁ ପଚାରିଥିଲେ। ଘଟଣାକୁ ସେ ନିନ୍ଦା କରିବା ସହ ଅତି ଅମାନବୀୟ ଓ ଲଜ୍ଜାଜନକ ବୋଲି କହିଥିଲେ । ବେଳାଭୂମି ପରିସରରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମଧ୍ୟ କହିଥିଲେ। ବେଳାଭୂମି କଡରେ ରହିଥିବା ମଦ ଦୋକାନକୁ ମନ୍ତ୍ରୀ ବିରୋଧ କରିଛନ୍ତି । ବେଳାଭୂମିର ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଭଳି ଘଟଣା ଆଗାମୀ ଦିନରେ ଯେପରି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ବେଳାଭୂମି ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଛି। ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ସାଇନି ଏସ୍.ଙ୍କ ନେତୃତ୍ୱରେ ତଦନ୍ତ ଟିମ୍ ବୁଧବାର ଗୋପାଳପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ ଓ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଇଜି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରିବା ସହ କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲେ। ଗୋପାଳପୁର ଥାନା ପୋଲିସ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରଛି। ସନ୍ଧ୍ୟାରେ ଅନ୍ୟ ଏକ ଟିମ ଗୋପାଳପୁର ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛି।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିଲେ। ପାନ୍ଥ ନିବାସ ପଛପଟେ ସେମାନେ ବସିଥିବା ବେଳେ ୧୦ ଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୫ରେ ଘଟଣାର ତଦନ୍ତ କରି ୪ ନାବାଳକଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା

ଧରାକୋଟ,୧୮।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି କଥାକୁ ନେଇ ସ୍ତ୍ରୀ ଶ୍ୱାସରୁଦ୍ଧକରି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୁଣ୍ଡମରାଇର ଅମର ନାଇକ(୪୦)। ଅଭିଯୁକ୍ତା ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଗିରଫ ପରେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ଅମର ଓ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ସବୁବେଳେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅଞ୍ଜନା ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଅମରଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବାର ଅମରଙ୍କ ବଡ଼ଭାଇ ଟୁନା ନାଇକ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

ବାରିପଦା,୧୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାରର କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ଜଣଙ୍କ ଘରେ ଗଣ ବଳାତ୍କାର କରିବା ପରେ ସେଠାରୁ ପଳାଇଥିଲେ। ମହିଳା ଜଣକ କୌଣସି ପ୍ରକାରେ ସେଠାରୁ ଘରକୁ ଆସି ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି।

# ମାର୍କେଟ୍ କମ୍ପ୍ଲେକ୍ସରେ ଯୁବକଙ୍କୁ ହତ୍ୟା

**ରେଷ୍ଟୁରାଣ୍ଟ ବାହାରୁ ମୃତଦେହ ଜବତ କଲା ପୋଲିସ**

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ହତ୍ୟାକାଣ୍ଡ ଘଟିଛି। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ମାର୍କେଟ କମ୍ପ୍ଲେକ୍ସର ଏକ ରେଷ୍ଟୁରାଣ୍ଟ ବାହାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୦)। ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅଶୋକଙ୍କୁ ହତ୍ୟା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ବାବୁନ ଖଟୁଆ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ସୂଚନାନୁସାରେ, ଅଶୋକ ପ୍ରତିଦିନ ପରି ମଙ୍ଗଳବାର ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିଲେ। କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଲୋକମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରିବାକୁ ଲୋକମାନେ ଆସିବା ପରେ ଅଶୋକଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନଭିନ୍ କରିଛି। ସ୍ଥାନୀୟ ବ୍ୟବସାୟୀ ଦିଲ୍ଲୀପ କୁମାରଙ୍କ କହିବାନୁସାରେ, ଅଶୋକ ଜଣେ ଭଲ ଲୋକ। ତାଙ୍କୁ କିଏ, କେଉଁ କାରଣରୁ ହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇଆଇସି ଯତୀନ୍ଦ୍ର ନାଥ ସେଠୀଙ୍କ କହିବାନୁସାରେ, ମୃତକଙ୍କ ସମ୍ପର୍କୀୟ ଭାଇଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ କାରଣ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ତନଖି ଜାରି ରଖିଛି। ସିସିଟିଭି ଯାଞ୍ଚ କରାଯାଇ ଖୁବ୍‌ଶୀଘ୍ର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୫ ସନ୍ଦିଗ୍ଧଙ୍କ ଫଟୋ ଛାଡ଼ିଲା ପୋଲିସ

ଯୋଡ଼ା,୧୮।୬(ମାନସ ମହାନ୍ତି)

**ବ୍ୟାଙ୍କରୁ ଡକାୟତି ଘଟଣା**

**ଧରାଇବାରେ ସହଯୋଗକଲେ ୫୦ ହଜାର ଟଙ୍କା ପୁରସ୍କାର**



ପୋଲିସ ଦ୍ୱାରା ଜାରି ସନ୍ଦିଗ୍ଧଙ୍କ ଫଟୋ।

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା ଜାରି ରଖିଛି। କୌଣସି ସୁରାକ ନ ପାଇବା ପରେ ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରାରେ କଏଦ ଫଟୋଚିତ୍ର ସାଧାରଣରେ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରାଇବାରେ ସହଯୋଗ କଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଯୋଡ଼ା ସହରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଟାରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨ କେଜି ୭ ଗ୍ରାମ୍ ସୁନା ଲୁଟି ନେଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ପୋଲିସ ୫ ଅଭିଯୁକ୍ତଙ୍କ ସିସିଟିଭିରୁ ସଂଗୃହୀତ ଫଟୋ ଜାରିକରିଛି। ଗତ କିଛିଦିନ ଭିତରେ ଯୋଡ଼ା ସହରକୁ ବିହାର, ଝାଡ଼ଖଣ୍ଡ ରାଜ୍ୟ ତଥା ଗଞ୍ଜାମ ଜିଲାରୁ ଲୋକ କାହା ଘରେ, ହୋଟେଲ, ଗ୍ୟାରେଜ ଓ ରାଜମିସ୍ତ୍ରି ଭାବେ କାମକରି ପଳାଇଯାଇଛନ୍ତି କି, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣା ଘଟିବାର ୫ରୁ ୬ ଦିନ ମଧ୍ୟରେ ଦେଖିଛନ୍ତି କି, ଏ ନେଇ କୌଣସି ସୂଚନା ଥିଲେ ନାମ ଗୋପନରେ ରଖି ଠିକ୍ ଖବର ପ୍ରଦାନକରି ସହଯୋଗ କରିବାକୁ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଯୋଡ଼ାରେ ବ୍ୟାଙ୍କ ଡକାୟତି ପରେ ଚମ୍ପୁଆଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍‌କରି ନେଇଥିଲେ। ପୋଲିସର ଦୁର୍ବଳତାର ସୁଯୋଗ ନେଇ ଯୋଡ଼ା ସହରରେ ଦିନକୁ ଦିନ ଚୋରି, ଡକାୟତି, ଲୁଟ, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ୍ ସହର ତଥା ଖଣି ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## Business

# ଜିଏସ୍‌ଡିପିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୩୬%

**ଆସୋଚାମ ପକ୍ଷରୁ ଓଏମ୍‌ସିର ୨ୟ ସଂସ୍କରଣ**

ଭୁବନେଶ୍ୱର,୧୮।୬: (ଅଭୟ ଦାଶ)




ଆସୋଚାମ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ-୨୦୨୫ (ଓଏମ୍‌ସି)ର ୨ୟ ସଂସ୍କରଣ ବୁଧବାର ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଏଆଇ-ଡ୍ରିଭେନ ମାନୁଫ୍ୟାକ୍ଚରିଂ: ଇନୋଭେଶନ,ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍'ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ସମ୍ମିଳନୀରେ ଏକ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ମାତା, ବୈଷୟିକ କ୍ଷେତ୍ରରେ ପ୍ରବର୍ତ୍ତକ ଓ ଶିକ୍ଷାନୁଷ୍ଠାନଗୁଡିକ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉଲ୍ଲେଖ କରିଥିଲେ, ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମନ୍ତ ଶର୍ମା ପ୍ରିମସ ପାର୍ଟନର୍ସ ସହ ସହଭାଗିତାରେ ଆସୋଚାମ ଷ୍ଟଡି ପେପରର ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ଆସୋଚାମ ଓଡ଼ିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ସିଏସ୍‌ଆର୍ ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ସାମିଲ ଥିଲେ।

ସେହିଭଳି ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁପ୍ରଶଂସା କରିଥିଲେ । ଓଡ଼ିଶାରେ ସ୍ମାର୍ଟ ଓ ସ୍ଥାୟୀ ନିର୍ମାଣକୁ ସକ୍ଷମ କରିବା ପାଇଁ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆହ୍ୱାନ ଦେଇଥିଲେ ।ସେହିପରି ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଆଣ୍ଡ୍ର୍ୟୁ ଫ୍ଲେମିଂ କହିଛନ୍ତି, ଭାରତ ଏବଂ ବ୍ରିଟେନ ଶିଳ୍ପାୟନ ଓ ଉଦ୍ଭାବନର ଏକ ସମୃଦ୍ଧ ଇତିହାସର ଅଂଶୀଦାର ଅଟନ୍ତି। ଏହି ଅବସରରେ ଦୁଇଟି ପ୍ରମୁଖ ପୂର୍ଣ୍ଣାଙ୍ଗ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ସରକାରୀ ଓ ଘରୋଇ ଅଧିକାରୀ, ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଟେକ୍ନୋଲୋଜି ଲିଡର, ଅନ୍ତର୍ଜାତୀୟ ପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଥିଲେ। ପରିଶେଷରେ ଆସୋଚାମ୍ ପୂର୍ବ ଓ ଉତ୍ତରପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୮।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯ (୧୩୮.୬୪) ପଏଣ୍ଟ ହ୍ରାସ ଘଟି ୮୧,୪୪୫ (୮୧,୪୪୪.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୧ (୪୧.୩୫) ପଏଣ୍ଟ କମି ୨୪,୮୧୨ (୨୪,୮୧୨.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କୋଲ୍ ଇଣ୍ଡିଆରେ ସ୍ୱଚ୍ଛତା ପଖୱାଡା

ଭୁବନେଶ୍ୱର,୧୮।୬



ପି.ଏମ୍. ପ୍ରସାଦ

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ପରିସରରେ 'ସ୍ୱଚ୍ଛତା ପଖୱାଡା-୨୦୨୫' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି କୋଲକାତାସ୍ଥିତ ସିଆଇଏଲ୍‌ର କର୍ପୋରେଟ୍ ମୁଖ୍ୟାଳୟଠାରେ ସ୍ୱଚ୍ଛତା ପଖୱାଡା-୨୦୨୫ର ଶୁଭାରମ୍ଭ ଅବସରରେ ସିଆଇଏଲ୍‌ର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଜ୍ଞା ପ୍ରଦାନ କରାଇଥିଲେ। ଏହି ଅବସରରେ ସିଆଇଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ମୁକେଶ ଅଗ୍ରୱାଲ, ନିର୍ଦ୍ଦେଶକ (ବୈଷୟିକ) ଅଚ୍ୟୁତ ଘଟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ (ସ୍ୱଚ୍ଛତା ପଖୱାଡା) ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସ୍ୱଚ୍ଛତା ସମସ୍ତଙ୍କର ବ୍ୟବସାୟ। ଏହି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଏକ ସାମୂହିକ ଦାୟିତ୍ୱ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ। ସେହିପରି ଏହି ଅବଧି ସମୟ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ, ରଥ ମେଳା ସ୍ଥାନରେ ଡଷ୍ଟବିନ୍ ବଣ୍ଟନ, ଆବାସିକ କଲୋନି ଏବଂ ଜଳାଶୟ ସଫା କରିବା ଭଳି ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ବିଶେଷକରି ଏହି ଅବସରକୁ ପାଳନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ନିମନ୍ତେ ଏକ ଇ-ଆବର୍ଜନା ସଂଗ୍ରହ କିଓସ୍କ ଏବଂ ଏକ କପଡ଼ା ଦାନ କିଓସ୍କ ସ୍ଥାପନ କରାଯାଇଛି।

# ୨୦ରୁ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ

ଭୁବନେଶ୍ୱର,୧୮।୬

ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜିଏସ୍‌ଆଇର ତତ୍ତ୍ୱାବଧାନରେ ଜାତୀୟ ବାର୍ଷିକ ମଧ୍ୟକାଳୀନ ସମ୍ମିଳନୀ ଜିଏସ୍‌ଆଇସିଓନ ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ-୨୦୨୫ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେବାକୁ ଯାଉଛି। ଏହି ଅବସରରେ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ। ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ଦ୍ରୁତବୃଦ୍ଧି ସହ ଓଡ଼ିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃ ଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପରିବର୍ତ୍ତନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରିବ। ସେହିଭଳି ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଅଡିଟୋରିୟମଠାରେ ୨୦୨୫ ଜୁନ୍ ୨୦ରୁ ୨୨ ଜୁନ୍ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ।

# କେଭିଆଇସି ପକ୍ଷରୁ ୯୦୬ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୮।୬




ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଦେଶବ୍ୟାପୀ ୯୦୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହି ଋଣ ବିପକ୍ଷରେ ୧୧,୪୮୦ ସେବା କ୍ଷେତ୍ର ହିତାଧିକାରୀମାନଙ୍କୁ ୩୦୦ କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଆଭାସି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୁପ ରାଶିଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାମାନେ ଉପସ୍ଥିତ ଥିଲେ। ସେହିଭଳି ଦେଶର ସମସ୍ତ ୬ଟି ଜୋନ୍ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ଅଧୀନରେ ମୋଟ ୨୪୦୩ଟି ପ୍ରକଳ୍ପ ପାଇଁ ୭୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଏହା ପାଇଁ ମୋଟ ୨୧୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୂର୍ବ ଜୋନ୍ (ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଏବଂ ନିକୋବର ଦୀପପୁଞ୍ଜ) ଅଧୀନରେ ୯୯୬ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲାବେଳେ ଋଣ ମଞ୍ଜୁର ପ୍ରାୟ ୭୧ କୋଟି ଟଙ୍କା ଥିଲା।

# ଟ୍ରାଇ ଡ୍ରାଇଭ ଟେଷ୍ଟରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୧୮।୬

ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓ ଓଡ଼ିଶା ବଜାରରେ ସର୍ବାଧିକ ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଡ୍ରାଇଭ୍ ଟେଷ୍ଟରେ ଜିଓ ଅଗ୍ରଣୀ ବା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଟ୍ରାଇ ଦ୍ୱାରା ୨୦୨୫ ଏପ୍ରିଲ ମାସ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ ପରୀକ୍ଷଣ (ଆଇଡିଟି) ଫଳାଫଳ ଅନୁଯାୟୀ ରିଲାଏନ୍ସ ଜିଓ କଟକ ସହରରେ ବେଶ୍ ପ୍ରଭାବଶାଳୀ ନେଟ୍‌ୱର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍‌ର ଏକ ଅଂଶ ଭାବେ ଏହି ଡ୍ରାଇଭ୍ ପରୀକ୍ଷଣ ୨୦୨୫ ଏପ୍ରିଲ ୧୫ରୁ ୧୮ପର୍ଯ୍ୟନ୍ତ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟ୍‌ୱର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। ସେହିପରି କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ ଜିଓ ଏହାର ନେଟ୍‌ୱର୍କର ପ୍ରାଧାନ୍ୟ ପ୍ରମାଣିତକରି ସର୍ବାଧିକ ୨୩୩.୪୬ ଏମ୍‌ବିପିଏସ୍ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହ ୨୪.୦୪ ଏମ୍‌ବିପିଏସ୍‌ର ଦୃଢ଼ ଅପ୍‌ଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ୨ଗୁଣ ଅଧିକ ରହିଥିଲାବେଳେ ବ୍ୟସ୍ତବହୁଳ ହଟ୍‌ସ୍ପଟ୍‌ଗୁଡ଼ିକରେ ମଧ୍ୟ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମ୍‌ବିପିଏସ୍ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସି ଏବଂ ରିଅଲ୍-ଟାଇମ୍ ଆପ୍ଲିକେଶନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରୁହ

## ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି

ସୋନପୁର,୧୮।୬ (ମୃତ୍ୟୁଞ୍ଜୟ ଶତପଥୀ)


ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି ବୈଠକରେ ଜିଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ସମ୍ପୃକ୍ତ ବିଭାଗ ଦ୍ୱାରା ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନା କରାଯାଇଥିଲା।

ଅତିରିକ୍ତ ଜିଲାପାଳ ମାଝୀ ବିଭାଗମାନଙ୍କ ଦ୍ୱାରା ପ୍ରସ୍ତୁତ ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ସଫଳ ମୁକାବିଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ସମୟ ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ରେ କୌଣସି ପୂର୍ବ ସୂଚନାର ପ୍ରଚାର, ଜନ ସଚେତନତା ଓ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ ସମ୍ପାଦନ କରିବା ସହିତ ଜିଲାରେ ଜିରୋ କାଜୁଆଲିଟି ଉପରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ସହ ଜିଲା, ଉପଖଣ୍ଡ, ବ୍ଲକ ଓ ଅନ୍ୟ ବିଭାଗଗୁଡିକ ନିଜ କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ କରିବାକୁ ଗୁରୁତ୍ୱାରୋପ କରଯାଇଛି । ଜିଲା ପର୍ଯ୍ୟବେକ୍ଷକଭାବେ ଓଡ଼ିଶା ରାଜ୍ୟ ରିଲିଫ କମିଶନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ମୟୁରେଶ ପଣ୍ଡା ଯୋଗଦେଇ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓଡ୍ରାଫ ଓ ଏନ୍‌ଡିଆରଏଫର ଭୂମିକା ଉପରେ ଆଲୋକପାତ କରିଥିଲେ। ଗୁରୁବାର ପୂର୍ବାହ୍ନ ୯ଟାରେ ଜିଲାରେ ଥିବା ୬ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ଅଞ୍ଜଲିନା ପ୍ରଧାନ, ସୋନପୁର ଉପ ଜିଲାପାଳ ଡ. ସୌମ୍ୟରୁପା ରଥ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଉପସ୍ଥିତ ଥିଲେ। ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଇଓ ଉପସ୍ଥିତ ଥିଲେ। ଜିଲା ଜରୁରୀ ଶାଖା ଅଧିକାରୀ ସଂଗ୍ରାମ କେଶରୀ ଜେନା ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

# ଅଭିଯୁକ୍ତଙ୍କୁ ୧୫ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା

ସମ୍ବଲପୁର,୧୮।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କଟରବଗା ଥାନା ଅନ୍ତର୍ଗତ ବାଗୁପାଲି ଗ୍ରାମରେ ୨୦୧୯ ମସିହାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ଅତିରିକ୍ତ ଜିଲାଜଜ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ବାଗୁପାଲିର ପଦ୍ମଲୋଚନ ସିଂ(୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୩୦୭ରେ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୋକ୍‌ସୋ ଆଇନ ଦଫା ୧୦ରେ ଅଭିଯୁକ୍ତଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଭୋଗିବାକୁ ପଡିବ। ଅଭିଯୁକ୍ତ ସମାନ୍ତରାଳ ଭାବେ ଦଣ୍ଡ ଭୋଗିବେ ବୋଲି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ଜିଲା କଟରବଗା ଥାନା ବାଗୁପାଲି ଅଞ୍ଚଳର ପଡ଼ିତା ନାବାଳିକା ୨୦୧୯ ଜୁଲାଇ ୧୫ ତାରିଖ ସକାଳେ ତାଙ୍କ ବାପାଙ୍କ ସହ ପାଣି ମଡ଼ାଇବାକୁ ଗାମୁଛ ବଗିଚାକୁ ଯାଇଥିଲେ। କିଛି ସମୟ କାମ କଲା ପରେ ଝିଅକୁ ଛାଡି ତାଙ୍କ ବାପା ଘରକୁ ଆସିଥିଲେ। ଏହାର କିଛି ସମୟ ପରେ ତାଙ୍କ ସ୍ତ୍ରୀ ବଗିଚାରେ ଝିଅକୁ ନ ପାଇ ଖୋଜାଖୋଜି କରିଥିଲେ। ବଗିଚା ନିକଟ ଏକ ବୁଦାମୂଳେ ଝିଅ ଅର୍ଦ୍ଧନଗ୍ନ ଓ ରକ୍ତ ଜୁବୁଜୁବୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖିଥିଲେ। ପଡ଼ିତାଙ୍କୁ ଉଦ୍ଧାର କରି ପ୍ରଥମେ ରେଙ୍ଗାଲି ଓ ପରେ ବୁର୍ଲା ଭିମ୍‌ସାର ନେଇଥିଲେ। ଚେତା ଫେରିବା ପରେ ପଡ଼ିତା ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପଡ଼ିତାଙ୍କୁ ସାଙ୍ଗରେ ନେଇ ତାଙ୍କ ମା' କଟରବଗା ଥାନାରେ ଏତଲା ଦେଇଥିଲେ। ପଡ଼ିତାଙ୍କ ବୟାନ ଓ ତାଙ୍କ ମା'ଙ୍କ ଏତଲା ଆଧାରରେ ଦଫା ୩୦୭ ଓ ୧୦ ପୋକ୍‌ସୋ ଆଇନରେ ଏକ ମାମଲା(ନଂ.୯୬/୨୦୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ପଦ୍ମଲୋଚନ ସିଂକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ପଡ଼ିତାଙ୍କୁ ଏକାକୀ ପାଇ ବଳାତ୍କାର କରିବାକୁ ନିକଟସ୍ଥ ବୁଦାକୁ ଟାଣି ନେଇଥିଲେ। ମାତ୍ର ପ୍ରତିବାଦ କରିବାରୁ ମାରିପିଟ କରି ସେଠାରୁ ପଳାଇଥିଲେ ବୋଲି ଅଭିଯୁକ୍ତ କହିଥିଲେ। ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଏହାର ଶୁଣାଣି ଆରମ୍ଭ ହୋଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରୁଥିଲେ।

# ପ୍ରୋବେସନର ଆଇଏଏସ୍ ଅଫିସରଙ୍କ ଗାଡ଼ିରେ ନାଲିବତି

## କଳାହାଣ୍ଡି ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬(ରବିନାରାୟଣ ଜେନା)




କଳାହାଣ୍ଡି ଜିଲାରେ ଜଣେ ପ୍ରୋବେସନର ଆଇଏଏସ୍ ଅଫିସର ତାଙ୍କ ଗାଡ଼ିରେ ବୋର୍ଡ ଲଗାଇବା ସହିତ ନାଲିବତି ବ୍ୟବହାର କରିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଏହି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କଠାରୁ ତଦନ୍ତ ରିପୋର୍ଟ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି କଳାହାଣ୍ଡି ଜିଲାପାଳଙ୍କୁ ପତ୍ର ଲେଖି ତୁରନ୍ତ ଘଟଣାର ଅନୁସନ୍ଧାନ କରି ସରକାରଙ୍କୁ ଅବଗତ କରାଇବାକୁ ପତ୍ରରେ ଦର୍ଶାଇଛନ୍ତି।

ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି ଯେ, କେଉଁ କ୍ଷମତା ବଳରେ ସଂପୃକ୍ତ ଅଧିକାରୀ ତାଙ୍କ ଗାଡ଼ିରେ ଏଭଳି ବୋର୍ଡ ଲଗାଇଛନ୍ତି ତାହା ସରକାର ଜାଣିବାକୁ ଚାହୁଁଛନ୍ତି। ତେବେ ରାଜ୍ୟରେ ବହୁ ଗାଡ଼ି ସରକାରଙ୍କ ନିୟମ ଉଲ୍ଲଂଘନ କରି କଳାକାଚ ବ୍ୟବହାର କରିବା ସହ ଗାଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର କରୁଛନ୍ତି। ଏପରିକି ବିକଟାଳ ହର୍ନ ମଧ୍ୟ ଲଗାଉଛନ୍ତି। ଏହାକୁ ନେଇ ନିକଟରେ ଏକ ଧରପଗଡ଼ କରାଯାଇଥିଲା। ତେବେ ଏ କ୍ଷେତ୍ରରେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ନୂତନ ଜିନ୍ଦଲ ଶ୍ରୀଶ୍ରୀ ଏକାଡେମୀ କୋଠା ଉଦ୍‌ଘାଟିତ


ନୂତନ ଜିନ୍ଦଲ ଶ୍ରୀଶ୍ରୀ ଏକାଡେମୀ କୋଠାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧୮।୬(ବି.ଶଙ୍କର)

ଜେଏସ୍‌ଡବ୍ଲୁ ବିପିଏସଏଲ ଟାଉନଶିପ୍‌ରେ ନୂତନ ଜିନ୍ଦଲ ଶ୍ରୀଶ୍ରୀ ଏକାଡେମୀ (ଜେଏସ୍ଏସ୍ଏ) କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି । କମ୍ପାନୀ ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହ ଏବଂ ଜେଏସ୍ଏସ୍ ସ୍କୁଲ କମିଟି ଅଧ୍ୟକ୍ଷା ନୀଲମ ସିଂହ ନୂତନ କୋଠାର ଶୁଭାରମ୍ଭ କରିଥିଲେ । ଉମେଶ ରାୟ ସିଓଓ ଜେଏସ୍‌ଡବ୍ଲ୍ୟୁ–ବିପିଏସଏଲ, ପ୍ରକାଶ ସପ୍ପା ସିନିୟର ଭିପି, ଜେପି ସିଂହ ଭିପି ମାନବ ସମ୍ବଳ ମୁଖ୍ୟ, ମନୋଜ ସିଂହ ଭିପି ପ୍ରଶାସନିକ ମୁଖ୍ୟ ଏବଂ ମନୋଜ ପଟୱାରୀ ଭିପି ଜୋନାଲ ମୁଖ୍ୟଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହା ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ମାରକ । ଯାହା କର୍ମଚାରୀ କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି । ଏଥିସହ ସମାଜ ବିକାଶର ମୂଳଦୁଆ ଭାବେ ଶିକ୍ଷାରେ ଜେଏସଡବ୍ଲ୍ୟୁ–ବିପିଏସଏଲ ଦୀର୍ଘକାଳୀନ ନିବେଶକୁ ସୁଦୃଢ଼ କରିବ । ଏହି ଅବସରରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

## ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ସଚେତନତା ଶିବିର

ସୋନପୁର,୧୮।୬(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଲେପ୍ରା ସୋସାଇଟି ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭେଷଜ ବିଶେଷଜ୍ଞ ଡା. ନରେନ୍ଦ୍ର କୁମାର ମେହେର, ସର୍ଜରୀ ବିଶେଷଜ୍ଞ ଡ଼ା. ବିପିନ ବିହାରୀ ସାହୁ, କର୍ଣ୍ଣ ଓ ନାସା ବିଶେଷଜ୍ଞ ଡ଼ା ଲକ୍ଷ୍ମଣ କୁମାର ପଣ୍ଡା, ଦନ୍ତ ବିଶେଷଜ୍ଞ ଡ଼ା ଆଭାଷ ରଞ୍ଜନ ବାବୁ, ଫିଜିଓଥେରାପିଷ୍ଟ ଡା. ବାଲଗୋପାଳ ସୁନା ଓ ଡା. ଜଗବନ୍ଧୁ ସାହୁ(ଚକ୍ଷୁ ପରୀକ୍ଷକ) ଉପସ୍ଥିତ ରହି ବରିଷ୍ଠ ନାଗରିକ ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପ୍ରତୀକୂଳ ପାଗ ସତ୍ତ୍ୱେ ଶତାଧିକ ଲୋକ ଉପସ୍ଥିତ ରହି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

ଏହି ଅବସରରେ ଲେପ୍ରା ସୋସାଇଟି ସଭାଗୃହରେ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡା. ଜ୍ୟୋତିରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଉପଦେଷ୍ଟା ଗୋରେଖନାଥ ସାହୁ, ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ ତଥା ଜୀବନ ଶୈଳୀ, ଚଳଣୀ ସମ୍ବନ୍ଧୀୟ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଡା. ଆର୍ତ୍ତତ୍ରାଣ ବାବୁ ଓ କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ପୁରୋହିତ ଅଭିମତ ପ୍ରଦାନ କରିଥିଲେ। ଏହି ସଭାରେ ଜିଲାର ଉପାନ୍ତ ଅଞ୍ଚଳରେ ଏଭଳି ସ୍ୱାସ୍ଥ୍ୟ ଶିବିର ତଥା ଜନହିତକର କାର୍ଯ୍ୟକ୍ରମ ସଂଘ ଆନୁକୂଲ୍ୟରେ ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଂଘର କୋଷାଧ୍ୟକ୍ଷ ଦିଲୀପ କୁମାର ରଥ, କାର୍ଯ୍ୟକାରୀ ସଦସ୍ୟ ଦେବକିଶୋର ଦାନୀ, ଦୟାନିଧି ସେଠୀ, ସକ୍ରିୟ ସଭ୍ୟ ତଥା ସଂଘର ଉପଦେଷ୍ଟା ଡ. ସନ୍ତୋଷ କୁମାର ପାଢ଼ୀ, ହରିହର ଶତପଥୀ, ବିଘ୍ନେଶର ପାଣ୍ଡିଆ, ଲୋକନାଥ ପଣ୍ଡା, ମୃତ୍ୟୁଞ୍ଜୟ ଦାସ, ବୈକୁଣ୍ଠ ଶତପଥୀ, ଅନ୍ତରାମ ପାଢ଼ୀ, ରଘୁମଣୀ ଦେହୁରୀ, ବିଜୟ କେତନ ରାଏଗୁରୁ, ଦିଲୀପ ଭୁକ୍ତା, ସନ୍ତୋଷ ଚାନ୍ଦ ଓ ସତ୍ୟନାରାୟଣ ମିଶ୍ର ଆଦି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଲେପ୍ରା ସୋସାଇଟିର ସଂଯୋଜକ ନୃସିଂହ ଚରଣ ମିଶ୍ର ମଞ୍ଚାସୀନ ଅତିଥି, ଡାକ୍ତର ଏବଂ ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏଚ୍‌ଏଆଇ ନିର୍ଦ୍ଦେଶକଙ୍କ ସହ ଭାଜପା ନେତାଙ୍କ ଆଲୋଚନା

ସମ୍ବଲପୁର,୧୮।୬(ବି.ଶଙ୍କର)

ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ସହ ସମ୍ବଲପୁର ଭାଜପା କର୍ମକର୍ତ୍ତାମାନେ ସାକ୍ଷୀପଡ଼ା କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଏନଏଚଏଆଇ ପ୍ରୋଜେକ୍ଟ ଡାଇରେକ୍ଟର ଇଞ୍ଜିନିୟର ପ୍ରେମ ସାହୁଙ୍କ ସହ ଆଲୋଚନା କରିଥିଲେ। ଡାକ୍ତର ସଞ୍ଜିବ ମିଶ୍ର, ଦୁର୍ଗା ମାଧବ ମିଶ୍ର, ଅରବିନ୍ଦ ନାୟକ, ପ୍ରଦୀପ ସୁପକାର, ରଞ୍ଜିତ ବେହେରା, ଅଶୋକ ମିର୍ଦ୍ଧା ସାମିଲ ଥିଲେ। ୫୩ ନମ୍ବର ଜାତୀୟ ରାଜପଥରୁ ବୁର୍ଲା ସହରକୁ ବିପଦପୂର୍ଣ୍ଣ ଭାବେ ଜନସାଧାରଣ ପ୍ରବେଶ କରୁଛନ୍ତି। ଏହି ଜାତୀୟ ରାଜପଥରୁ ଦୁର୍ଗାପାଲି ଓଭର ବ୍ରିଜକୁ ଯିବାକୁ ହେଲେ ରେଳ ଲାଇନ କଡ ଦେଇ ଯିବାକୁ ପଡୁଛି। ବରେଇପାଲିରୁ ଟାଙ୍ଗରପାଲି ଅତ୍ୟାଧୁନିକ ଓଭରବ୍ରିଜ ନିର୍ମାଣ କରାଯାଉଛି। ସେଥିରେ ଝାରସୁଗୁଡ଼ା ଜିଲାରୁ ସମ୍ବଲପୁର ସହରରେ ଦେଇ ଭାରୀଯାନଗୁଡିକ ବରଗଡ଼ ଓ ଦେବଗଡ଼ ରାସ୍ତାକୁ ଯିବାକୁ ହେଲେ ସେଠାରେ ମଧ୍ୟ ରାସ୍ତା ବିପଦପୂର୍ଣ୍ଣ ରହିଛି। ମୌସୁମୀ ବର୍ଷା ଯୋଗୁ ଜାତୀୟ ରାଜପଥରେ ପାଣି ଜମି ରହି କୃତ୍ରିମ ନଦୀର ଭ୍ରମ ସୃଷ୍ଟି ହେଉଛି। ହାତୀବାରୀଠାରେ ସର୍ଭିସ ରୋଡ ସହ ବ୍ରିଜ ନିର୍ମାଣ, ରାଜପଥରେ ତିଆରି ହେଉଥିବା ବ୍ରିଜ କଡରେ ଡିଭାଇଡର କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି।

# ମଦକୋଠି ବନ୍ଦ ନ ହେଲେ ଆନ୍ଦୋଳନ

ନୂଆପଡ଼ା,୧୮।୬ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ ଭାନପୁର ପଞ୍ଚାୟତ ଅଞ୍ଚଳକୁ ମଦମୁକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଅଣ୍ଟା ଭିଡିଛନ୍ତି । ଜିଲାର ପ୍ରତ୍ୟେକ ଗାଁ ଓ ପଡ଼ାରେ ଛତୁ ଫୁଟିଲା ଭଳି ଦେଶୀ ଓ ବିଦେଶୀ ମଦକୋଠି ଖୋଲିବାରେ ଲାଗିଛି। ଏଥିଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ଏହାକୁ ବିରୋଧକରି ମଙ୍ଗଳବାର ଭାନପୁର ପଞ୍ଚାୟତର ଶତାଧିକ ମହିଳା ଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଜିଲାପାଳ ମଧୁସୂଦନ ଦାଶ ଧାରଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନାକରି ମଦମୁକ୍ତ ଗାଁ କରିବା ପାଇଁ ପଦକ୍ଷେପ ନେବେ ବୋଲି କହିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ମର୍ମରେ ମହିଳାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପରେ ସେମାନେ ଜିଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଏକ ଟିମ୍ ଗଠନ କରି ସବୁ ମଦକୋଠି ବନ୍ଦ କରିବା ସହ ସେମାନଙ୍କୁ ଗିରଫକରି କୋର୍ଟଚାଲାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ମହିଳାମାନେ ଶାନ୍ତ ହୋଇଥିଲେ। ୨ ଦିନ ଭିତରେ ମଦକୋଠି ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।


OFFICE OF THE PRINCIPAL
PANCHAYAT SAMITI DEGREE COLLEGE, MURIBAHAL, BALANGIR
TENDER CALL NOTICE

Sealed tenders are hereby invited from the intending manufacturers/authorized stockiest/distributiors for supply of following items for upgrading I.T Infrastructure at Panchayat Samiti Degree College, Muribahal, Dist.: Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 dated 05.05.2025.

| Sl. No. | ITEM/DESCRIPTION | Quantity |
|---|---|---|
| 1 | Desktop (Intel i3 (13100) or Higher, Chipest-Intel H770 or Higher, OS-Windows-11 Home Factory Preloaded), Intel UHD Graphics 770 or Higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, Keyboard, Mouse. | 12 |
| 2 | UPS-600VA/360w, 230 VAC nominal | 12 |
| 3 | MFM Printer (Print, Scan and Copy) A4 and Legal, Print Speed-26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position - Down firing (10W + 10W), Android TV, Storage 16GB, RAM-3GB, WiFi, LAN | 01 |
| 5 | Wireless Mice and Camera (Logitech Master Series Graphite MX Brio4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 25.06.2025 by 5 P.M. through Regd. Post/Speed Post/Email: **degreecollegemurilbahal@gmail.com.** The undersigned reserves the right to cancel part or whole of tender/quotation without specifying any reason thereof.

Sd./- Principal



NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar



OFFICE OF THE PRINCIPAL, RAJSUNAKHALA COLLEGE
RAJSUNAKHALA, DIST.: NAYAGARH - 752065
TENDER/QUOTATION CALL NOTICE

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.

The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.

The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH



रेल पुलिस अधीक्षक का कार्यालय धनबाद

प्रेस विज्ञप्ति
गुमशुदा रौशन कुमार




सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05.2023 धारा 363/भा0द0वि0 में गुमशुदा रौशन कुमार दिनांक–04.05.2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।

गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।

**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 भाखा, रेल धनबाद–8340713828**

ह0/–
PR 355401 Police(25-26)#D पुलिस अधीक्षक, रेल, धनबाद



OFFICE OF THE PRINCIPAL
GOVERNMENT WOMEN'S COLLEGE, BALANGIR
(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha - 767001, India
| womenscollegebalangir.in | womenscollegebalangir@gmail.com |

No. 1579/GWC Dt.17.06.25

NOTICE

A Walk-in-Interview for engagement of Guest Faculties against the existing vacancies of Govt. Women's College, Balangir for the academic session 2025-26 will be held as per the schedule given below. Candidates having a minimum of 55% of marks or equivalent grade in the concerned subject at P.G. level with a minimum Second Class in the Bachelor's Degree are essential. NET/Ph.D. qualified candidates with teaching experience will be given preference. It is mandatory to produce Bio-data of the candidate and all testimonials in original with a set of self-attested copies of the same at the time of interview for verification and evaluation. No T.A./D.A. will be provided by the College for attending interview. For further information, candidates may kindly refer to the College website: **www.gwcbalangir.in**.

| Sl. No. | Wing | Stream | Date and Day | Time of Reporting | Subject | |
|---|---|---|---|---|---|---|
| | | | | | Arts (+3) | Science (+3) |
| 1 | UG & PG | Arts & Science | 26.06.2025 (Thursday) | 10.00 A.M. to 11.00 A.M. | Education, Hindi, History, Home Science, J&MC, Odia, Philosophy, Pol. Science, Psychology, Sanskrit | Botany, Chemistry, Computer Science, Mathematics, Physics, Zoology |

Sd./- Principal
Govt. Women's College, Balangir



GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE EXECUTIVE ENGINEER,
WATER RESOURCES DIVISION No.-1, AMBIKAPUR
e-Procurement Tender Notice
Main Portal: http://cgeprocurement.gov.in
WRD Portal: http://wrd.cgeprocurement.gov.in
(FIRST CALL)
CORRIGENDUM

No. 01/SAC/2025-26 Date: 16.06.2025

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

Note: All other terms and conditions will be remain and unchanged.

Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)
G-252601621/1



रेल पुलिस अधीक्षक का कार्यालय धनबाद

प्रेस विज्ञप्ति
लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10.2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्श, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्श, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।

पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
पुलिस अधीक्षक, रेल धनबाद
PR 355399 Police (25-26)_D

# ଯାହା ଭାବୁଥିଲେ ଅଭିଷେକ..



'ଭାବାନ୍ତର' ଫିଲ୍ମରେ (ବାମରୁ)ସରୋଜ, ସୂର୍ଯ୍ୟମୟୀ, ଅଭିଷେକ

**ବେ**ଳେବେଳେ ମଣିଷ ଯାହା ଚିନ୍ତା କରିଥାଏ, ତାହା ସତରେ ପରିଣତ ହୋଇଥାଏ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି ଓଡ଼ିଆ ସିନେମା 'ଭାବାନ୍ତର'। ଫିଲ୍ମଟି ହିଟ୍ ହେବ ବୋଲି ଆକଳନ କରିଥିଲେ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିବା ଅଭିଷେକ ଗିରି, ଯାହା ସତରେ ପରିଣତ ହୋଇଛି। ଏ ବିଷୟରେ ସେ କହନ୍ତି, ''ଶୁଟିଂ ସମୟରେ ମୋ ମନକୁ ଏକଥା ଆସିଥିଲା ଯେ ଅନନ୍ତ ମହାପାତ୍ରଙ୍କ ଭଳି ବିଶିଷ୍ଟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ବଡ ପରଦାରେ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଉ ଫିଲ୍ମଟି ରିଲିଜ ହେବା ପରେ ତାହା ସତ ହୋଇଛି। ତାଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।'' ଏହାର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ।

# ଭୁଲନ୍ତି ନାହିଁ ବାଣୀ



ବାଣୀ

**ବା**ଣୀ କପୁର ଏବେ ଅଭିନୟ ସହ ଜଡିତ। ହେଲେ ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କଥା ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ବାସ୍କେଟବଲ ଖେଳିବା। ପାଠ ପଢ଼ିବା ସମୟରେ ସେ ଏହି ଖେଳ ସହ ଜଡିତ ଥିଲେ। ଏପରି କି ସେ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ ଖେଳାଳି। ଏ ବିଷୟରେ ବାଣୀ କହନ୍ତି, ''ପାଠ ପଢ଼ିବା ବେଳେ ମୁଁ ବାସ୍କେଟବଲ୍ ପ୍ରତି ଆକର୍ଷିତ ହୋଇଥିଲି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଅଭ୍ୟାସ କରିବାର ସୁଫଳ ମୋତେ ମିଳିଥିଲା। କାରଣ ମୁଁ ଜାତୀୟ ସ୍ତରରେ ବାସ୍କେଟବଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲି। ଏବେ ସମୟ ମିଳିଲେ ମୁଁ ନିଜକୁ ଏହା ସହ ନିୟୋଜିତ ରଖିଥାଏ।'' ଅଭିନୟ ପୂର୍ବରୁ ସେ ମଧ୍ୟ ମଡେଲିଂ ସହ ଜଡିତ ଥିଲେ। ଛୋଟ ପରଦାରେ ମୁହଁ ଦେଖାଇବା ପରେ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ, ଯାହାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହିଥାଆନ୍ତି।

# ଦିଲ୍ ନା ଲଗେ...

**ବ**ଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ନିକଟରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ୍ ନା ଲଗେ..'। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ସୁଦୀପ ଜେନାଙ୍କ ସ୍ୱର ସଂଯୋଜନାରେ ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାକୁ ରେକର୍ଡ କରାଯାଇଛି। ଅପରପକ୍ଷରେ ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ ହୋଇଛି।

# ସମାଧାନର ବାଟ ଖୋଜାଯାଉ

**ଓ**ଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଆମେ କେବଳ ଆଶାରେ ମନ ଦମ୍ଭ କରି ରହୁଛେ। ୯୦ ବର୍ଷର ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ ଏଭଳି କେତେକ ସମସ୍ୟା ରହିଛି ଯାହାର ସମାଧାନ ଜରୁରୀ ହୋଇପଡିଛି। କେବଳ ଭାଷଣ ଦେଲେ ହେବ ନାହିଁ, ସବୁ କାମ ବାସ୍ତବରେ ହେଲେ ଆମ ସିନେମା ଆହୁରି ଆଗକୁ ଯାଇପାରିବ। ପ୍ରଥମ କଥା ହେଲା ପ୍ରେକ୍ଷାଳୟ। ଆମ ରାଜ୍ୟରେ ଏବେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି କହିଲେ ଆଦୌ ଭୁଲ ହେବ ନାହିଁ। ସିନେମା ଶିଳ୍ପ ବଞ୍ଚିବା ପାଇଁ ପ୍ରତି ଜିଲାରେ ସିନେମା ହଲ୍‌ର ଆବଶ୍ୟକତା ରହିଛି। ଛୋଟ ପ୍ରେକ୍ଷାଳୟ ହେଲେ ପ୍ରଯୋଜକମାନେ ସିଧାସଳଖ ଖର୍ଚ୍ଚ ମୁତାବକ କିଛି ଅର୍ଥ ଫେରିପାଇବେ। ମଲ୍‌ରେ ଥିବା ହଲ୍‌ଗୁଡ଼ିକରେ ଟିକେଟର ଦାମ ପ୍ରାୟ ଅଧିକ। ତେଣୁ କେତେକ ଦର୍ଶକ ସେଠାରେ ସିନେମା ଦେଖିବାକୁ ସାହସ କରୁନାହାନ୍ତି। ଓଡ଼ିଶାରେ ଭଲ ସିନେମା ହେଉଛି। କିନ୍ତୁ ପ୍ରେକ୍ଷାଳୟ ଅଭାବରୁ ସିନେମା ସାଧାରଣ ଦର୍ଶକ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ଏବେ ପ୍ରାୟ ୬୦ଟି ରହିଛି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ ସ୍ୱଳ୍ପ ସଂଖ୍ୟାରେ ଦର୍ଶକ ସିନେମା ଦେଖୁଛନ୍ତି।

ନିକଟରେ ଓଡ଼ିଆ ସିନେମା ସୋସାଇଟି ପକ୍ଷରୁ ୪ ଦିନ ଧରି ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଭିନ୍ନ ରାଜ୍ୟର ସିନେମା ସହ ଓଡ଼ିଆ କ୍ଲାସିକ ସିନେମା ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଆ ସିନେମାକୁ ଆଗକୁ ଆଗେଇ ନେବା ପାଇଁ ସରକାରୀ ସ୍ତରରେ ମଧ୍ୟ ଆହୁରି ଉଦ୍ୟମ ହେବା ଦରକାର। ବର୍ତ୍ତମାନ ଆମ ରାଜ୍ୟର ନୂଆ ସରକାର ଏ ନେଇ ଦୃଷ୍ଟି ଦେବେ ବୋଲି ମୋର ଆଶା।

ସିନେମାଟିଏ ନିର୍ମାଣ କରିବା ସମୟରେ ଏହାର କାହାଣୀ, କଳାକାର ଚୟନ, ଗୀତ, ସଙ୍ଗୀତ ସଂଳାପ, ଉପସ୍ଥାପନା ଏପରି କି ପ୍ରଚାର ପ୍ରସାର ପ୍ରତି ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

ଗୋଟିଏ ସିନେମାକୁ ଭଲ ଆୟ ହେଲେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେବେ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ବଜାୟ ରହିବା ଦରକାର। ଆମ ଓଡ଼ିଆ ସିନେମା ଆଗକୁ ଆଗେଇବାକୁ ହେଲେ ସାମ୍‌ନାରେ ଉଭା ହୋଇଥିବା ସମସ୍ୟାଗୁଡିକର ସମାଧାନ ହେବା ନିହାତି ଦରକାର।

**-ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଆପ୍ପା ରାଓର ମନ କଥା

**ଖୁ**ବ୍‌ଶୀଘ୍ର ବଡ ପରଦାରେ ଆପ୍ପା ରାଓ ନିଜର ମନ କଥା କହିବ। ଏଭଳି ଏକ ଚରିତ୍ର ପଛରେ କ'ଣ ରହସ୍ୟ ରହିଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ। ହଁ, ଏପରି ଏକ ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି ସୋସିଆଲ ମିଡିଆର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପ୍ରୀତିରଞ୍ଜନ ପ୍ରଧାନ। ଆଉ ଚଳଚ୍ଚିତ୍ରଟି ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'। ଅବଶ୍ୟ ଏହା ତାଙ୍କ ଅଭିନୀତ ପ୍ରଥମ ସିନେମା ନୁହେଁ। ତେବେ ଏଭଳି ଏକ ଭୂମିକା ବିଷୟରେ ସେ କହନ୍ତି, ''ଏହି ଚରିତ୍ର ପଛରେ ଅନେକ କଥା ଲୁଚି ରହିଛି। ତେଣୁ ଏବେଠାରୁ ମୁଁ ତାହାକୁ ସାମ୍‌ନାକୁ ଆଣିବାକୁ ଚାହୁଁନାହିଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତେ ଭୂମିକା ମିଳିଛି ତନ୍ମଧ୍ୟରୁ ଆପ୍ପା ରାଓ ହେଉଛି ଭିନ୍ନ ଧରଣର। ଯେତେବେଳେ ମୁଁ ଏହି ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ପେସାରେ ଜଣେ ଖେଳ ଶିକ୍ଷକ, ହେଲେ ଅଭିନୟ ମାୟାରେ ସେ ପିଲାଟି ଦିନରୁ ପଡିଯାଇଛନ୍ତି। ବଡ ପରଦାରେ ସୁଯୋଗ ପାଇବା ପୂର୍ବରୁ ସେ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଛନ୍ତି। ଖାସ୍ କଥା ହେଲା, ନିଜର ହୋମ୍ ବ୍ୟାନରରେ ଏଥର ନାୟକ ସାଜୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଅଭିଲିପ୍ସା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଏବଂ ସୋମେଶ ଶତପଥୀ। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ଲଢ଼େଇ' ଫିଲ୍ମରେ ପ୍ରୀତିରଞ୍ଜନ

# ନାମକରଣ ଅନ୍ତରାଳେ

**କି**ଆରା ଆଡ୍‌ଭାନୀ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ଦିନେ ସେ ଯେ ଅଭିନେତ୍ରୀ ସାଜିବେ ଏକଥା କେବେ କଳ୍ପନା କରି ନ ଥିଲେ। ପ୍ରଥମେ ସେ ଏକ ସ୍କୁଲରେ ଶିକ୍ଷକତା କରୁଥିଲେ। ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିବା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ହେଲା 'ଫୁଗଲି' (୨୦୧୪)। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ୱାର ୨' ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି। ତେବେ କିଆରା ହେଉଛି ତାଙ୍କର ସ୍କ୍ରିନ୍ ନେମ୍। ହେଲେ ଏହି ନାମକରଣ ପଛରେ ଏକ ରହସ୍ୟ ଲୁଚି ରହିଛି। ତାଙ୍କର ପ୍ରକୃତ ନାମ ଥିଲା ଆଲିୟା। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ବଦଳାଇବାକୁ ଚାହିଁଥିଲେ। ତେବେ ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଯେତେବେଳେ ମୋର ଏକ କ୍ୟାଚି ସ୍କ୍ରିନ୍ ନେମ୍ ଦେବାକୁ ଚାହିଁଲି ସେତେବେଳେ ଗୋଟିଏ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା। ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା। ବାସ୍, ଏକଥା ମୋ ମନକୁ ଆସିବା ପରେ ମୁଁ ନିଜ ସ୍କ୍ରିନ୍ ନେମ କିଆରା ରଖିଥିଲି।''



କିଆରା



'ରାଜ୍‌ସାବ୍' ଫିଲ୍ମରେ ପ୍ରଭାସ

# ଏଥର ରାଜ୍‌ସାବ୍

**ଦ**କ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଏବେ ଭାରି ଖୁସି। କାରଣ ବର୍ତ୍ତମାନ ସେ ଏଭଳି ଏକ ସିନେମାରେ ଅଭିନୟ କରୁଛନ୍ତି ଯାହା ସୁପରହିଟ୍ ହେବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟିର ଟାଇଟଲ ରହିଛି 'ରାଜ୍‌ସାବ୍'। ଖାସ୍ କଥା ହେଲା ଏହା କେବଳ ମୂଳଭାଷା ତେଲୁଗୁ ନୁହେଁ, ହିନ୍ଦୀ, ତାମିଲ, ମାଲାୟାଲମ ଏପରି କି କନ୍ନଡ ଭାଷାରେ ମଧ୍ୟ ନିର୍ମିତ ହେଉଛି। ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଟିଜରରେ ପ୍ରଭାସ ଏକ କାର୍ ଉପରେ ବସିଛନ୍ତି। ତେବେ ତାଙ୍କର ବସିବା ଷ୍ଟାଇଲ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ହେଉଛି ଏକ ସୁପର ନାଚୁରାଲ ହରର୍ ଫିଲ୍ମ। ଆଉ ଏକ ଖାସ୍ କଥା ଜାଣନ୍ତି ? ଏହି ଫିଲ୍ମରେ ପ୍ରଭାସ ଡବଲ ରୋଲରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହାର ଷ୍ଟାରକାଷ୍ଟରେ ସଞ୍ଜୟ ଦତ୍ତ, ମାଳବିକା ମୋହନନ, ରିଦ୍ଧି କୁମାର ଏବଂ ନିଧି ଅଗ୍ରୱାଲ ଅଛନ୍ତି। ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାରୁତି। ପାଖାପାଖି ୫୦୦କୋଟି ବଜେଟ୍‌ରେ ନିର୍ମାଣ କରାଯାଉଥିବା ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି।

# ଅପେକ୍ଷା କରିଛନ୍ତି ଶୁଭମ୍

**ଓ**ଡ଼ିଆ ସିନେମାରେ ନବାଗତ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଶୁଭମ୍। କିନ୍ତୁ ତାଙ୍କର ଏକ ବଡ ଆଶା ପୂରଣ ହୋଇଛି। ଯେଉଁଭଳି ଏକ ମନଛୁଆଁ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ହଁ, ଶୁଭମ୍‌ଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଶମ୍ଭୁ'। ଏ ବିଷୟରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେସ କରିଛି। ମୋ ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ମୋ ଭିତରେ ଥିବା ଅଭିନୟ ଦକ୍ଷତାକୁ ଦେଖାଇବାକୁ ଏହି ଫିଲ୍ମରେ ମୋତେ ଭରପୂର ସୁଯୋଗ ମିଳିଛି।'' ଉକ୍ତ ଚିତ୍ରଟି ଚଳିତ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଦିଲୀପ ପଣ୍ଡା। ତମନ୍ନା, ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



ଶୁଭମ୍

# ଶ୍ରୀଚୈତନ୍ୟଙ୍କ ବ୍ରହ୍ମଗିରି ପଦାର୍ପଣ

ଜ୍ୱରରେ ପଡ଼ିତ ହୋଇ ଦାରୁବ୍ରହ୍ମ ଶ୍ରୀମନ୍ଦିର ଅଣସର ଘରେ ବିଶ୍ରାମ ନେଉଛନ୍ତି। ଏବେ ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ବିଶ୍ୱାସ ରହିଛି, ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଅଲାରନାଥଙ୍କ ଦର୍ଶନ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ବ୍ରହ୍ମଗିରି ଏକ ପବିତ୍ରତମ ସ୍ଥାନ। ପୌରାଣିକ ଯୁଗରୁ ଏହାର ଖ୍ୟାତି ରହିଛି। ଇନ୍ଦ୍ରଦ୍ୟୁମ୍ନ ଜଣାଯାଏ, ବିଷ୍ଣୁ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମ ନିମନ୍ତେ ମନ୍ଦିରର ପ୍ରତିଷ୍ଠା ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେଉଁ ଗିରିବେଷ୍ଟିତ ଅଞ୍ଚଳରେ ପାଦ ଦେଇଥିଲେ, ସେହି ପବିତ୍ର ଧାମ ହିଁ ବ୍ରହ୍ମଗିରି। ଏହା ଏକ ପବିତ୍ର ସ୍ଥାନ ହୋଇଥିବାରୁ ତଥା ବିଷ୍ଣୁ ଉପାସକ ଆଲୱାରମାନେ ଏଠାରେ ବସବାସ କରୁଥିବାରୁ ସେହି ଆଲୱାର ସାଧୁମାନେ ବ୍ରହ୍ମଗିରିଠାରେ 'ଅଲୋୟାରନାଥ'ଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜା ଉପାସନା କରୁଥିଲେ। ଏଣୁ ଅଲୋୟାରନାଥ ସ୍ଥାନୀୟ ଲୋକଙ୍କ ମୁଖରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହେଲେ। ଶ୍ରୀଅଲାରନାଥଙ୍କ ପୂଜାପଦ୍ଧତିରେ ବୈଷ୍ଣବୀୟ ପରମ୍ପରାର ପ୍ରଭାବ ରହିଛି। ବିଷ୍ଣୁ ମନ୍ତ୍ରରେ ଶ୍ରୀଅଲାରନାଥଙ୍କ ଭୋଗପୂଜା ନୀତି ସମାହିତ ହୋଇଥାଏ। ଅଲୋୟାର ଏକ ଦ୍ରାବିଡ଼ ଶବ୍ଦ, ଯାହାର ଅର୍ଥ ହେଉଛି ଭକ୍ତ। ଅଲୋୟାରନାଥ ଅର୍ଥ 'ଭକ୍ତର ନାଥ'। ମହାପ୍ରଭୁ ଶ୍ରୀଅଲାରନାଥ ପ୍ରକୃତରେ ଭକ୍ତର ନାଥ। ପ୍ରଭୁଙ୍କ ଅଲାରନାଥ ନାମକରଣ ନେଇ ଏକ କିମ୍ବଦନ୍ତୀ ରହିଛି। ଶ୍ରୀଚୈତନ୍ୟଙ୍କ ପ୍ରଥମ ଦର୍ଶନରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଅଲାରନାଥଙ୍କୁ ଏକ ଓ ଅଭିନ୍ନ ବୋଲି ଭାବି ତାଙ୍କ ଅନ୍ତରର ଭକ୍ତି ଅର୍ପଣ କରୁଥିଲେ। ପ୍ରାଚୀନ କବି ଗୋବିନ୍ଦ ଦାସ ବାବାଜିଙ୍କ ବିରଚିତ ଓ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ସମ୍ପାଦିତ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟଙ୍କର ଶ୍ରୀଅଲାରନାଥଙ୍କ ପ୍ରତି ଗଭୀର ଭକ୍ତି ଥିଲା। ୧୫୧୫ ମସିହାରେ ତୀର୍ଥାଟନ ସାରି ଶ୍ରୀଚୈତନ୍ୟ ତାଙ୍କର ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆଗମନ କାଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅନୁଗ୍ରହ ଲାଭକରି ତତ୍କାଳୀନ କାଶୀ ମିଶ୍ରଙ୍କ ଘର ବା ବର୍ତ୍ତମାନର ରାଧାକାନ୍ତ ମଠ ଭାବେ ପରିଚିତ ଗମ୍ଭୀରାରେ ଦୀର୍ଘ ଅଠରବର୍ଷ କାଳ ଅବସ୍ଥାନ କରିଥିଲେ। ସେତେବେଳେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରାଚୀନ ପଞ୍ଚସଖାଙ୍କ ସହିତ ଶିଷ୍ୟବର୍ଗଙ୍କୁ ସାଙ୍ଗରେ ନେଇ ବହୁବାର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ନାମ ସଂକୀର୍ତ୍ତନ କରୁଥିଲେ।

ସୂଚନାଯୋଗ୍ୟ ୧୫୧୦ ମସିହାରେ ଶ୍ରୀଚୈତନ୍ୟ ତାଙ୍କ ଭକ୍ତିଧାରାର ପ୍ରଚାର ପାଇଁ ଶ୍ରୀକ୍ଷେତ୍ର ଆଗମନ



କରିଥିଲେ। ମାତ୍ର ତତ୍କାଳୀନ ରାଗାନୁଗା ପ୍ରେମ ଭକ୍ତି ପ୍ରଚାରର ଅନୁକୂଳ ବାତାବରଣ ନ ଦେଖି ଶ୍ରୀକ୍ଷେତ୍ରରେ ସ୍ୱଳ୍ପକାଳ (ଚୈତନ୍ୟ ଚରିତାମୃତ ମତରେ ୩ ମାସ, ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ମତରେ ୧୮ ଦିନ) ଅବସ୍ଥାନ କରି ସେ ଦକ୍ଷିଣ ଭାରତ ଚାଲିଯାଇଥିଲେ। ୧୫୧୦ରୁ ୧୫୧୫ ମସିହା ପର୍ଯ୍ୟନ୍ତ ସେ ଦକ୍ଷିଣ ଭାରତ, ଉତ୍ତର ଭାରତ, ପଶ୍ଚିମ ଭାରତର ବହୁ ତୀର୍ଥ ଭ୍ରମଣ ସାରି ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରିଆସିଥିଲେ। ସେତେବେଳେ ଦକ୍ଷିଣରୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ବର୍ତ୍ତମାନ ଭଳି ସଡ଼କପଥରେ କୌଣସି ସୁବିଧା ନ ଥିଲା। ଦକ୍ଷିଣରୁ ଆସିବାକୁ ହେଲେ ଚିଲିକା ପାରିହୋଇ ଚିଲିକା ଉପକୂଳ ରାସ୍ତା ଦେଇ ସମୁଦ୍ରକୂଳ ରାସ୍ତା ଦେଇ ମଙ୍ଗଳାଘାଟ ପାର ହୋଇ ଶ୍ରୀକ୍ଷେତ୍ରକୁ ଆସିବାକୁ ପଡୁଥିଲା। ଆସିବା ବାଟରେ ପଡୁଥିଲା ବ୍ରହ୍ମଗିରି ଓ ଶ୍ରୀଅଲାରନାଥ ମନ୍ଦିର। ୧୫୧୫ ମସିହାରେ ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ର ଆସିବା ସମୟରେ ପ୍ରଥମଥର ପାଇଁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥିଲେ। ତାଙ୍କ ଅଲାରନାଥ ଦର୍ଶନ ନେଇ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରେ କୁହାଯାଇଛି– 'ଉତ୍କଣ୍ଠିତ ପ୍ରଭୁ ତଥି ଘାଟିମାନ ବାଟ ଦେଇ, ବ୍ରହ୍ମଗିରି ପଥେ ତଥି ଉପସ୍ଥିତ ହୋଇ'।

**–ଅଜିତ କୁମାର ମହାନ୍ତି, ପୁରୀ**

# ବିଶ୍ୱସ୍ତରୀୟ ଉଦ୍ୟମର ଆବଶ୍ୟକତା ରହିଛି

## ଆଜି ବିଶ୍ୱ ସିକଲ୍ ସେଲ୍ ଦିବସ



ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ 'ବିଶ୍ୱ ସିକଲ୍ ସେଲ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ବିଶ୍ୱସ୍ତରୀୟ ଉଦ୍ୟମ : ଏହାର ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା'। ସିକଲ୍ ସେଲ୍ ଏକ ଗୁଣସୂତ୍ରଜନିତ(ଜେନେଟିକ୍) ରୋଗ ହୋଇଥିବାରୁ ଏହି ସମସ୍ୟା ବିଶ୍ୱ ଜନସଂଖ୍ୟାର ପାଖାପାଖି ୪ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ଥାଏ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଇଥାଆନ୍ତି। ସିକଲ୍ ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅଷ୍ଟମୀ ଚନ୍ଦ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିକୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପ୍ୟାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।

ସିକଲ୍ ସେଲ ରୋଗ ସବୁ ମାତା–ପିତାଙ୍କ ଜିନ୍ (ଗୁଣସୂତ୍ର) ଦ୍ୱାରା ପିଲାମାନଙ୍କୁ ଆସିଥାଏ ଓ ଉଭୟଙ୍କର ତ୍ରୁଟି ଥିଲେ ପିଲାମାନଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ କୌଣସି ଅନ୍ୟ ରୋଗ ହୁଏ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ମେଜରରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍ ସେଲ ପରୀକ୍ଷା କରାଇ ନେବା ଜରୁରୀ। ଶିଶୁଟି ଜନ୍ମ ହେବା ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇ ନେବା ଆବଶ୍ୟକ।

# ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଭିଜିଲାନ୍ସ

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କ ଘର, ଶ୍ୱଶୁର ଘରେ ଚଢ଼ାଉ

**ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)**

ଲାଞ୍ଚ ନେବା ମାମଲାରେ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ରାଜ୍ୟ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସର ୩ଟି ଟିମ୍ ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ଯାଇ ଯାଞ୍ଚ କରୁଥିବା ବୁଧବାର ସୂଚନା ଦିଆଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍ତର ତ୍ରିପୁରା ଜିଲା କାଞ୍ଚନପୁରରେ ଥିବା ଧୀମାନଙ୍କ ବାସଭବନ, ହିମାଚଳପ୍ରଦେଶର କୁଲୁଜିଲା ମନାଲି ଥାନା ଅନ୍ତର୍ଗତ ସମିନାଲା ଏବଂ ଲାହୋଲେ ସ୍ପିତି ଜିଲା କିଲଙ୍ଗ୍ ଥାନା ଅନ୍ତର୍ଗତ ରଙ୍ଗବେସ୍ଥିତ ଶ୍ୱଶୁର ଘର ରହିଛି। ଭିଜିଲାନ୍ସ ଅଧିକାରୀମାନେ ବ୍ୟାଙ୍କ ଜମା ଓ ନିବେଶ ସମ୍ବନ୍ଧୀୟ ଦସ୍ତାବିଜ ଆଦିକୁ ଯାଞ୍ଚ କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଧୀମାନଙ୍କ ଘରେ ଚଢ଼ାଉ ପାଇଁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ୧୩ ତାରିଖରେ ସର୍ଚ୍ଚ ୱାରେଣ୍ଟ ଜାରି ହୋଇଥିଲା। ରବିବାର ଭିଜିଲାନ୍ସ ଟିମ୍ ଦୁଇ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନଙ୍କୁ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ। ମଙ୍ଗଳବାର କୋର୍ଟ ଧୀମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ସୂଚନାଯୋଗ୍ୟ, ବ୍ୟବସାୟିକ ନିୟମରେ ତ୍ରୁଟି ଦର୍ଶାଇ ଧୀମାନ ଜଣେ କ୍ରଶର ମାଲିକଙ୍କୁ କିଛିଦିନ ହେବ ଧମକାଉଥିଲେ। ୨୦ ଲକ୍ଷ ଟଙ୍କା ଟଙ୍କା ଲାଞ୍ଚ ନ ଦେଲେ ବ୍ୟବସାୟ ବନ୍ଦ କରିଦେବେ ବୋଲି ସେ ଚେତାବନୀ ଦେଉଥିଲେ। ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୁନ ୮ରେ ଭିଜିଲାନ୍ସ ଟିମ୍ ଧୀମାନଙ୍କୁ ଗିରଫ କରିଥିଲା। ଏହାପରେ ଧର୍ମଗଡ଼ସ୍ଥିତ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

# ଜୁଲାଇ ୯ରେ ପରବର୍ତ୍ତୀ ଶୁଣାଣି, ପୁଣି ସମୟ ନେଲେ ସରକାର

## ହାଇକୋର୍ଟରେ ସାର୍ବଜନୀନ ପାଠାଗାର ମାମଲା

**କଟକ,୧୮।୬(କାର୍ତ୍ତିକ ସାହୁ)**

ସାର୍ବଜନୀନ ପାଠାଗାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ତଥ୍ୟର ସତ୍ୟପାଠ ଚଳିତ ଶୁଣାଣିରେ ପ୍ରଦାନ କରିପାରିନାହାନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ସରିଛି, ସତ୍ୟପାଠ ଆକାରରେ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଅଧିକ ସମୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲେ ବି ସେହି ଅନୁସାରେ କାର୍ଯ୍ୟକାରୀ ହେଉନାହିଁ। ଅଧିନିୟମର ଧାରା–୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା–୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହୋଇନାହିଁ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel.ukhep@gmail.com, CIN: U40101OR1995SGC003963
**E-Tender NOTICE No.-04/2025-26, Dated 17.06.2025**
**No.CAD-808:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/m to Shifting of Statue near Main Gate Power House, UKHEP, Bariniput and Signage of "UPPER KOLAB POWER HOUSE" UKHEP, Bariniput. | 5,29,462.34/- | 5,294/- | 4,720/- (Rs.40000 + 18% GST) | "C or D" Class | From 10.00 AM of Dt.23.06.2025 to 13.00 Hrs of Dt.30.06.2025 | At 12.30 Hrs. of 01.07.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.
OIPR-04002/11/0099/2526 — **Sd./- Unit Head, UKHEP, Bariniput**

**IN THE COURT OF THE ADDL. DISTRICT JUDGE, KAMAKHYANAGAR**
R.F.A. 37/2022
No.F-28 First Appeal No.155/1983
1. Collector, Dhenkanal representing the State of Odisha At/Po/Ps- Dhenkanal, Dist- Dhenkanal, Others (Defendants)........................ Appeallants.
Vrs
Nityananda Panda and Others (plaintiff)........................ Respondents
**DRAFT PUBLICATION OF NOTICE**
To
1 (a) Nityananda Panda
1 (b) Niranjan Panda
1 (c) Nirakar Panda
1 (d) Prakash Panda
All are sons of Late Kirtan Panda
At/Po- Anlabereni, Ps-Tumusinga, Dist-Dhenkanal
1 (e) Basanti Panigrahi, W/o- Dibakar Panigrahi, D/o- Late Kirtan Panda, Village/Po- Chitalpur, Ps-Tumusinga, Dist-Dhenkanal (plaintiff)........................ Respondents.
Take notice that you are not appearing in the Court in spite of several summons issued to you by this Court, you are directed to appear in the undersigned Court on dt.20.06.25 At 10.30 AM failing which this Appeal shall be heard and decided in your absence.
**Sd./-Addl. District Judge Kamakhyanagar**
OIPR-24065/11/0001/2526

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES — No.CAD-809
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No.IDCO/H.O./P&C/ EST/E-2902/01/2025/ 17317, dated: 13.06.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. **Name of the Work:** Improvement and strengthening of road side berm and construction of balance portion drain with cover slab at I/E Angaragadia, Balasore 2025-26.
2. **Estimated Cost :** Rs.135.15 lakh (Approx.)
3. **Period of Completion:** 05 (Five) Calendar Months
4. **Other details :**

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-17/2025-26 | 24.06.2025 at 17.00 Hrs. | 11.07.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**.
**Sd./- Chief General Manager (P&C) IDCO, Bhubaneswar**
OIPR-14003/11/0178/2526

**ODISHA UNIVERSITY OF TECHNOLOGY AND RESEARCH**
**P.O. : MAHALAXMI VIHAR, BHUBANESWAR - 751 029**
Notice No. OUTR/Transport/2025-26/08Date:12/06/2025
**No.KK-87 : Sealed Tenders are invited** under two bid systems from reputed Registered Tour & Travel Agencies/ Experienced & financially sound Companies/ Private Individuals/ Partnership Firm for providing Light Commercial Vehicle (AC) on monthly/ daily basis to **OUTR, Bhubaneswar**.
Date of available in University Website : 12-06-2025 06:00 P.M.
Last date and time of submission of Bid : 14-07-2025 upto 03.00 P.M.
For details : Please visit : http://www.outr.ac.in
For any query please contact : Prof. Bishnu Narayan Mohapatra
Phone No- 7735430820, Email :- bnm@outr.ac.in
OIPR-16005/11/0095/2526 — **Sd./- REGISTRAR**

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in
**INVITATION FOR BIDS (e-Procurement)**
**Bid identification no:- VI-08(06)/SERIFED/2025-26/ 747**
**No.CAD-802** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 19.06.2025 to 17.00 hours up to dt. 25.06.2025. Online bids shall be received till 17.00 hours dt. 25.06.2025 & shall be opened at 11.30 AM on Dt. 26.06.2025. Any addendum / corrigendum / cancellation of tender can also be seen in the said website.
OIPR-39036/11/0051/2526 — **Sd./- MANAGING DIRECTOR**

**DISTRICT PROJECT MANAGEMENT UNIT PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email- deojajpurtown13@gmail.com, dnojajpurmdm@gmail.com
**NO. 153/DPMU/DATE: 13.06.2025**
**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN & MM POSHAN YOJANA**
**No.n-73** : Sealed tenders in the prescribed form are invited from the intending firms/individuals/ Companies/Corporations/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN & MM POSHAN YOJANA of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the District Website i.e. **https://jajpur.odisha.gov.in**. The cost of tender paper is Rs.10,500/- (Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of **DISTRICT EDUCATION OFFICER DPMU MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING "TRANSPORTATION WORK OF FOODGRAINS(RICE) UNDER PM POSHAN & MM POSHAN YOJANA"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post /Speed Post only so as to reach before **5 P.M. of 25.06.2025**. The tender shall be opened **at 11 A.M on 26.06.2025** by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/ cancel any or all the tenders without assigning any reason thereof.
**Sd./- Collector & District Magistrate, Jajpur**
OIPR-27021/11/0001/2526

See Career Appointment on every Wednesday & Saturday

**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**QUOTATION CALL NOTICE No. 08 of 2025-26**
**No.O-302** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-10 KVA & Replacement of Spray Chamber for ICP-MS) |
| 2 | No. of Item | 02(two) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.20.06.2025 (10.00 A.M.) to Dt.30.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.30.06.2025 up to 4.00 P.M. |
| 7 | Date & time of opening of Quotation | Dt.01.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.
**Sd./- Superintending Engineer, RWS&S Division, Bhubaneswar**
OIPR-25011/11/0018/2526

**OFFICE OF THE MUNICIPAL COUNCIL : KHORDHA**
H & UD Department, Govt. of Odisha, Khordha - 752055
E-Mail : khurda_municipality@yahoo.co.in, Phone No. 06755-220674
**"e" Procurement Notice**
**No.1977 / Date : 13.06.2025**
**No.C-535** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.
1. Tender Reference No. : KMPLTY/01/2025-26
2. Name of the Work : Civil Construction works as mentioned in website
3. No. of works : 2 Nos.
4. Eastimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date. **17.06.2025** at **11:00 A.M.**
8. Last date & time for receipt of bids in the portal : Date. **24.06.2025** up to **05:30 P.M.**
9. Bids received online shall be opened on : Date. **26.06.2025** from **11:00 A.M.**
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.
**Sd./- Executive Officer Khordha Municipality**
OIPR-13082/11/0021/2526

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR** — No.C-534
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.13.06.2025**
1 Nos. of works : 02 Nos (Two Nos)
2 Estimate cost : Rs.364.76 Lakhs & Rs.106.36 Lakhs
3 Period of completion : 03 (Three) Months & 12 (Twelve) Months
4 Class of contractor : B & A Class
5 Date & Time of availability of bid document in the portal : From 11.00 A.M. of Dt. 18.06.25 to 5.00 P.M. of 08.07.2025
6 Last date / time of receipt of bids in the portal : 5.00 P.M. of 08.07.2025
7 Last date & time of seeking clarification : 5.00 P.M. of 23.06.2025
8 Date & time of opening of bids : At 12.30 P.M. of 09.07.2025
9 Name and address of the Officer Inviting Bid : General Manager, WATCO Division-II, BBSR
Further details can be seen from the e-Procurement portal "https://www.tendersorissa.gov.in".
**Sd./- GENERAL MANAGER WATCO DIVISION-II, BHUBANESWAR**
OIPR-13089/11/0022/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1904, **1st Corrigendum Notice** Date:12.06.25
**1st Corrigendum to Bid Identification No. Tender Online RCK-10/25 invited this Office Letter No.1729, Dt.30.05.2025**
**No.O-304:**The changes as detailed below are hereby made in the above N.I.T.:-
**1 Clause No.-06 of NIT modified below:-**

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-10/25 | From 09.06.2025 at 11.00 AM to 23.06.2025 upto 05.00 PM | From 21.06.2025 at 05.00 PM to 09.07.2025 upto 05.00 PM | 23.06.2025 upto 02.00 PM | 09.07.2025 upto 02.00 PM | 24.06.2025 at 11.00 AM | 10.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.
**Chief Construction Engineer Rural Works Circle, Kendrapara-Jajpur**
OIPR-25129/11/0054/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1902, **2nd Corrigendum Notice** Date:12.06.25
**2nd Corrigendum to Bid Identification No. Tender Online RCK-09/25 invited this Office Letter No.1575, Dt.19.05.2025**
**No.O-305:**The changes as detailed below are hereby made in the above N.I.T.:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-09/25 | From 28.05.2025 at 11.00 AM to 21.06.2025 upto 05.00 PM | From 21.06.2025 at 05.00 PM to 05.07.2025 upto 05.00 PM | 21.06.2025 upto 02.00 PM | 05.07.2025 upto 02.00 PM | 21.06.2025 at 11.00 AM | 06.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.
**Sd./- Chief Construction Engineer Rural Works Circle, Kendrapara-Jajpur**
OIPR-25129/11/0055/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଏଣ୍ଟ ଖାତା ଖୋଲିଲା ବ୍ଲାକ୍ ଟାଇଗର୍ସ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୮।୬

ସ୍ଥାନୀୟ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଦେଶର ସର୍ବପ୍ରଥମ ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରଥମ ୨ଟି ମ୍ୟାଚରେ କ୍ରମାଗତ ପରାଜୟ ପରେ ଏହି ଦଳ ବୁଧବାର ଚେନ୍ନାଇ ବୁଲ୍ସ ବିପକ୍ଷ ମ୍ୟାଚକୁ ୨୬-୨୬ ପଏଣ୍ଟରେ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇ ବୁଲ୍ସ ପ୍ରତିଯୋଗିତାରେ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଚେନ୍ନାଇକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବ୍ଲାକ୍ ଟାଇଗର୍ସ। ଫଳରେ ଦଳ ପାଇଁ ମ୍ୟାଚ ଡ୍ର ରଖିବା ସହଜ ହୋଇ ନ ଥିଲା। ତେବେ ଅଧିକାଂଶ ସମୟ ପଛୁଆ ରହିଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ୪ ମ୍ୟାଚରୁ ଚେନ୍ନାଇ ବୁଲ୍ସର ପଏଣ୍ଟ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୩ ମ୍ୟାଚରୁ ୨ ପଏଣ୍ଟ ହାସଲ କରିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ହିରୋଜଠାରୁ ୧୪-୨୪ ଓ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ନିକଟରୁ ୧୦-୩୫ ପଏଣ୍ଟରେ ହାରିଥିଲା। ତୃତୀୟ ମ୍ୟାଚରେ ଦଳ ଚମତ୍କାର ପ୍ରଦର୍ଶନ କରି ଟେବୁଲ ଟପ୍ପର ଚେନ୍ନାଇ ବୁଲ୍ସ ବିପକ୍ଷରେ ମ୍ୟାଚ ଡ୍ର ରଖିଛି। ଚେନ୍ନାଇ ଦଳ ନିଜର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଡ୍ରିମର୍ସକୁ ୨ଟି ମ୍ୟାଚରେ ୨୪-୫ ଓ ୩୧-୧୭ ଏବଂ ଦିଲ୍ଲୀ ରେଜ୍‌କୁ ୨୧-୭ରେ ପରାସ୍ତ କରିଥିଲା। ବୁଧବାର ଦ୍ୱିତୀୟ ମ୍ୟାଚ ମୁମ୍ବାଇ ଡ୍ରିମର୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଅନୁଷ୍ଠିତ ହେଉଛି।



**ଜନ୍ମଦିନ ଶୁଭେଚ୍ଛା**



**ଶୁଭଶ୍ରୀ ପୃଷ୍ଟି(ଗୁଗୁଲୁ)**
ବାଜପୁର, କାକଟପୁର

ତୋର ୨୬ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଆଈ, ବୁବୁଲୁ, ଡୁଡୁଲୁ

# ଆଜିଠୁ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ଗୁରୁବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓ ପକ୍ଷରୁ ଏହା ହେବ ୩ୟ ଇଭେଣ୍ଟ। ୬ରେଡ୍ ଫର୍ମାଟ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ୪୦ ଖେଳାଳି ଅଂଶଗ୍ରହଣ ପାଇଁ ସ୍ୱିକୃତି ଦେଇ ସାରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌ଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ ବ୍ରେକ୍ ପାଇଁ ୫,୦୦୦ ଓ ସର୍ବାଧିକ (୭୫) ପଏଣ୍ଟ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ବିଏସ୍‌ଏଓ ସମ୍ପାଦକ ସମିର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ତଥା ମାଲିକ ଅମିୟ ରଞ୍ଜନ ନାୟକ, ପାର୍ଟନର ସତ୍ୟଦୀପ ଦାସ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିବା ଟେମ୍ବା ବାଭୁମାଙ୍କ ଦଳକୁ ବୁଧବାର ଦକ୍ଷିଣ ଆଫ୍ରିକାରେ ଭବ୍ୟ ସ୍ୱାଗତ କରାଯାଇଛି।

# ଜରୁରିକାଳୀନ ବୈଠକ ଡକାଇଲେ ଇସି ସଦସ୍ୟ

## ଏଆଇଟିଏ ବିବାଦ ଘନେଇଲା

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନକୁ ନେଇ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଗତ ବର୍ଷ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ସଭାପତି ଅନୀଲ ଜୈନ ଗତ ମେ’ ୨୬ ତାରିଖରେ ଫେଡେରେଶନ ନିର୍ବାଚନକୁ ବାତିଲ କରିବା ଲାଗି ଦିଲ୍ଲୀ ହାଇକୋର୍ଟକୁ ଅନୁରୋଧ କରିଥିଲେ। ଏହାର ପ୍ରତିକ୍ରିୟାରେ ଫେଡେରେଶର କାର୍ଯ୍ୟକାରୀ କମିଟି(ଇସି) ସଦସ୍ୟମାନେ ଆସନ୍ତା ୨୭ ତାରିଖରେ ବୈଠକ ଲାଗି ଡାକରା ଦେଇଛନ୍ତି।

ଜୈନ ବ୍ୟକ୍ତିଗତ ଫାଇଦା ଲାଗି ଫେଡେରେଶନରେ ନିଜ ପଦବୀକୁ ବ୍ୟବହାର କରିଥିବା ନେଇ ଅଭିଯୋଗ ସହ ଏଆଇଟିଏର ଏକ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନ ପକ୍ଷରୁ ଅନସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପରେ ଅନାସ୍ଥା ପ୍ରସ୍ତାବକୁ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା। ଏଜିଏମ୍‌ରେ ନୂଆ କାର୍ଯ୍ୟକାରୀ କମିଟି ଲାଗି ସଦସ୍ୟ ନିର୍ବାଚିତ ହୋଇଥିଲେ। ହେଲେ ପୂର୍ବତନ ଖେଳାଳି ସୋମଦେବ ବର୍ମନ ଓ ପୁରବ ରାଜା ନିର୍ବାଚନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେବେଠାରୁ ନିର୍ବାଚନର ଫଳାଫଳ ବନ୍ଦ ଲିଫାପାରେ କୋର୍ଟଙ୍କ ନିକଟରେ ରହିଛି। ଏଥିଯୋଗୁ ନବ ନିର୍ବାଚିତ ସଦସ୍ୟ ଏପର୍ଯ୍ୟନ୍ତ ନିଜ ଦାୟିତ୍ୱ ସମ୍ଭାଳି ପାରିନାହାନ୍ତି।

ବର୍ମନଙ୍କ ଆବେଦନରେ ପ୍ରତିକ୍ରିୟା ରଖି ଜୈନ ଗତ ମେ’ ୨୬ ତାରିଖରେ ନିଜ ଅନୁରୋଧରେ କହିଥିଲେ ଯେ, ଏଆଇଟିଏ ନିର୍ବାଚନକୁ ବାତିଲ କରାଯିବା ଉଚିତ। କିନ୍ତୁ ଫେଡେରେଶନର ପରିଚାଳନା ପାଇଁ ପ୍ରଶାସନିକ କମିଟି (ସିଓଏ)କୁ ନିଯୁକ୍ତ ନକରିବାକୁ ଅନୁରୋଧ କରିଥିଲେ। ନହେଲେ ସିଓଏକୁ ନିଯୁକ୍ତ କରାଯିବା ଦ୍ୱାରା ଆନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଓ ଏସିଆନ ଟେନିସ ମହାସଂଘ (ଏଟିଏଫ୍) ଆପତ୍ତି ଉଠାଇବେ ଏବଂ ଏଆଇଟିଏ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି, ଯାହାକି ଫେଡେରେଶନର କାର୍ଯ୍ୟରେ ବାଧକ ସାଜିବ। ଅନ୍ୟପକ୍ଷରେ ଜୈନ କୋର୍ଟରେ ତାଙ୍କ ପ୍ରତିକ୍ରିୟା ରଖିବା ପୂର୍ବରୁ ସେମାନଙ୍କ ପରାମର୍ଶ ନେଇନଥିଲେ ବୋଲି ଇସି ସଦସ୍ୟମାନେ ଦାବି କରିଛନ୍ତି। ଏଭଳି ପ୍ରତିକ୍ରିୟା ରଖିବା ଲାଗି ଇସି ସଦସ୍ୟଙ୍କର ସହମତି ଦରକାର। ସେ ଏହାକୁ ସିଧାସଳଖ କୋର୍ଟରେ ଦାଖଲ କରିପାରିବେ ନାହିଁ। ଇସିକୁ ପ୍ରଥମେ ପ୍ରସ୍ତାବ ପାରିତ କରିବାର ଥିଲା। ତା’ ପରେ କୋର୍ଟରେ ଉତ୍ତର ରଖାଯାଇପାରିବ। ଜୈନ ସମସ୍ତ ସଦସ୍ୟଙ୍କୁ ଅଯୋଗ୍ୟ କରିବାକୁ ଚେଷ୍ଟା କରୁଛନ୍ତି। ଆଜି ବି ସ୍ୱୀକୃତି ପାଇନଥିବା ବ୍ୟକ୍ତି ଫେଡେରେଶନ ପରିଚାଳନା କରୁଛନ୍ତି ବୋଲି ହିରନ୍ମୟ ଚାଟାର୍ଜୀ କହିଛନ୍ତି। ହିରମନ ଆସନ୍ତା ୨୭ ତାରିଖରେ ଇସି ବୈଠକ ଲାଗି ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ଜୈନ କହିଛନ୍ତି ଯେ, ମୁଁ ଏବେ ବି ଏଆଇଟିଏ ସଭାପତି। ସାଧାରଣ ସମ୍ପାଦକଙ୍କ ବିରୋଧରେ ରିଟ ପିଟିସନ ଦାଖଲ କଲା ବେଳେ ସେମାନେ ମୋ ପରାମର୍ଶ ନେଇନଥିଲେ। ସେମାନଙ୍କର ଲୁକାୟତ ଉଦ୍ଦେଶ୍ୟ ରହିଛି। ମୁଁ ନିର୍ବାଚନ ପ୍ରକ୍ରିୟାରେ ଖୁସି ନଥିଲି। ଏଣୁ ମୁଁ ନାମାଙ୍କନ ଦାଖଲ କରି ନଥିଲି। ସେମାନେ ସ୍ପୋର୍ଟ୍ସ କୋର୍ଡର କାର୍ଯ୍ୟକାଳ ଗାଇଡ୍ ଲାଇନ ପାଳନ କଲେ ନାହିଁ। ଏଆଇଟିଏ ସ୍ପୋର୍ଟ୍ସ କୋଡ୍ ପାଳନ କରିବା ଉଚିତ। ସେମାନେ ଡକାଇଥିବା ଇସି ବୈଠକ ବେଆଇନ। ସାଧାରଣ ସମ୍ପାଦକ ଏହାକୁ ଡକାଇ ନାହାନ୍ତି ଏବଂ ମୋ ପରାମର୍ଶ ମଧ୍ୟ ନିଆଯାଇ ନାହିଁ। ସେମାନେ ମୋ ବିରୋଧରେ ଖରାପ ଓ ଭିତ୍ତିହୀନ ଆଧାରରେ ମୋ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣିଥିଲେ।

**Classified Everyday**
0674-2580101, 9692975378



**REAL ESTATE**

**SALE**

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**A Commercial Plot Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76467

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 8658088274. D-974

**LOST**

ମୁଁ ଓ୍ୱହିଦ ଶାହା, ବୟସ ୬୧ ବର୍ଷ, ପିତା- ଖଲିଲ ଶାହା ମରହୁମ, ସା- ଦହନାଶୁଣୀ (କାଜିବଜାର), ପୋଷ୍ଟ- ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ଏକ ଘରବାଡ଼ି ବୃତ୍ତି ପାଇଁ ତୋହିଦ ଶାହାଙ୍କ ଠାରୁ ରେଜିଷ୍ଟ୍ରି ଦଲିଲ ନମ୍ବର ୩୭୩୧ ଗତ ୦୨।୧୧।୨୦୧୭ ରେ ଖରିଦ କରିଥିଲୁ। ଉକ୍ତ ଦଲିଲ ଘରୁ କଚେରି ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପରଲିଖିତ ଦଲିଲ ପାଇବାରେ ସକ୍ଷମ ହୋଇନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋନ୍- 8249554228, 9776189770 D-985

**AFFIDAVIT**

I, Suresh Kumar Peddina, S/o Late Pedina Ananta Rao, Resident of ward No.-5, At- Dera Sahi, Gudari, P.O./P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated- 21.05.2025, that now onwards I shall be known as Suresh Kumar Pedina for all future purposes. D-980

By virtue of affidavit sworn before the Executive Magistrate, Bhubaneswar, on dated- 17th June 2025, I Smt. Prabhati Badatya, Address: At- Baliapata Basti, GGP Colony, Bhubaneswar- 751025, Odisha, have changed my Minor son name from " Santosh Badadia (old name) to Santosh Badatya" ( new name). Henceforth my minor son shall be known as " Santosh Badatya" for all purposes. D- 972

By virtue of an affidavit sworn before the Notary Public, Sonepur, dated- 10.06.2025, I, Pinki Biswal, At/P.O.- Bhimtikira, P.S.- Binka, Dist.- Subarnapur, Odisha- 767019 declare that I have changed my name from Pinki Swain to Pinki Biswal. Henceforth, I Shall be known as Pinki Biswal for all purposes. D-977

By virtue of an affidavit No.- 1616, dated- 17.06.25, sworn before Executive Magistrate, Bhandaripokhari. I Balaram Sahoo(39) S/o Narahari Sahoo, Vill- Kaharapokhari, P.O.- Piripur, P.S.- Bhandaripokhari, Dist.- Bhadrak, declare that my real name is Balaram Sahoo as per Aadhar xxxx xxxx 2643 & SBI A/C. But in LIC pol. NO.- 586231371, wrongly mentioned as Balabhadra Sahoo. So Balaram Sahoo, Balabhadra Sahoo one & same person for future purposes. D-981

By virtue of an affidavit sworn before the Executive Magistrate, Titilagarh, No.- 413, dated- 10.06.2025, I Anita Poddar, W/o- Late Govind Poddar, R/o. At/P.O./P.S.- Titilagarh, Dist.- Balangir, Odisha, PIN- 767033, declare that I have changed my daughter's name from Krapali Poddar to Kripali Poddar. Henceforth she shall be known as Kripali Poddar for all purposes.
Anita Poddar D-979

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Executive Magistrate, Boudh No.- 938, dated- 11.06.25, I Seshadev Meher, R/o. Village- Baghapali, P.O.- Sarasara, P.S./ Dist.- Boudh, Odisha, PIN- 762026, declare that I have changed my son's name from Dipak Meher to Deepak Meher. Henceforth he shall be known as Deepak Meher for all Purposes.
Seshadev Meher D-978

By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN- 758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes. D-976

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**✓ ଜୁରିଆ ମୁଦୁଲି**
ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ। D-976

## ମାଷ୍ଟର୍ସ କପ୍ ହକି ଆରମ୍ଭ

# କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ, ୧୮।୬

ହକି ଇଣ୍ଡିଆ ଆନୁକୂଲ୍ୟରେ ବହୁ ପ୍ରତୀକ୍ଷିତ ସର୍ବପ୍ରଥମ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ମହିଳା ବିଭାଗରେ ୮ଟି ଶ୍ରେଷ୍ଠ ଦଳ ଓଡ଼ିଶା, କର୍ନାଟକ, ହରିୟାଣା, ହିମାଚଳ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ଓ କେରଳ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଚଣ୍ଡିଗଡ଼, ହରିୟାଣା, କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, କେରଳ, ପୁଡୁଚେରୀ ଓ ମଣିପୁର ଆଦି ୧୧ଟି ଦଳ ପରସ୍ପର ସହ ମୁକାବିଲା କରିବେ। ୨୭ ତାରିଖରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସରେ ମର୍ନାଟକ ଓ ମହାରାଷ୍ଟ୍ର ମହିଳା ଏବଂ ପଞ୍ଜାବ ଓ ତାମିଲନାଡୁ ପୁରୁଷ ବିଭାଗରେ ବିଜୟ ହାସଲ କରିଛନ୍ତି।

ଦିବସର ପ୍ରଥମ ମ୍ୟାଚରେ କର୍ନାଟକ ମହିଳା ଦଳ ୭-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ନେହା ସି. ୧୫, ୧୭ ଓ ୫୦ତମ ମିନିଟରେ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା କେ.କେ. କାର୍ତ୍ତିକ ୪୨ ଓ ୫୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫-୦ ଗୋଲରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗର ପ୍ରଥମ ମ୍ୟାଚରେ ପଞ୍ଜାବ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପଞ୍ଜାବ ବାଜି ମାରିଛି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ ୮-୦ ଗୋଲରେ କେରଳକୁ ହରାଇଛି। ତାମିଲନାଡୁ ପକ୍ଷରୁ ରାମାଦୋସ ଭି. ୧୪ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

## ସଂକ୍ଷେପରେ

### ଘାଟିରେ ୪୦ଫୁଟ୍ ତଳକୁ ଖସିଲା ଟ୍ରକ୍

**ଲାଞ୍ଜିଗଡ଼,୧୮।୬ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର-ବିଶ୍ୱନାଥପୁର ରାସ୍ତାର ହାତୀଶାଳା ଘାଟିରେ ବୁଧବାର ଏକ ସୁରୁମା ବୋଝେଇ ଟ୍ରକ୍ ୪୦ଫୁଟ୍ ତଳକୁ ଖସି ପଡିଥିବାବେଳେ ଡ୍ରାଇଭର ଓ ସହଯୋଗୀ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ଦିଲ୍ଲୀରୁ ଏକ ଟ୍ରକ୍ ରାୟଗଡା ନିକଟରେ ଥିବା କାରଖାନାରୁ ସୁରୁମା ବୋଝେଇ କରି ଜାଣି ନ ପାରି ହାତୀଶାଳ ଘାଟି ରାସ୍ତାରେ ଚାଲିଆସିଥିଲା। ଘାଟି ବୁଲାଣିରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ତଳକୁ ଓଲଟି ପଡିଲା। ଡ୍ରାଇଭର ଓ ସହଯୋଗୀ ବହୁ କଷ୍ଟରେ ଟ୍ରକ୍‌ରୁ ବାହାରି ଜୀବନ ବଞ୍ଚାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଡାକ୍ତରଖାନାକୁ ପଠାଇଥିଲେ। ଏହି ଘାଟି ରାସ୍ତାକୁ ପ୍ରଶସ୍ତ କରା ନ ଗଲେ ଆଗାମୀ ଦିନରେ ବଡ ଦୁର୍ଘଟଣା ଘଟିବା ସମ୍ଭାବନା ରହୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଖଡିଆଳ ବ୍ଲକରେ ବିଡିଓ ନିଯୁକ୍ତି ପାଇଁ ଦାବି

**ନୂଆପଡ଼ା,୧୮।୬ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକରେ ସ୍ଥାୟୀ ବିଡିଓ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ବୁଧବାର କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ର୍ଦାଯାଇଛି, ଖଡିଆଳ ବ୍ଲକରେ ଦୀର୍ଘ ୬ ମାସ ହେବ ଉର୍ଦ୍ଧ ସ୍ଥାୟୀ ବିଡିଓ ନାହାନ୍ତି। ଫଳରେ ବିଭିନ୍ନ କାର୍ଯ୍ୟରେ ବ୍ଲକକୁ ଆସୁଥିବା ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଖଡିଆଳ ତହସିଲଦାର ନରସିଂ ଗଡବା ବିଡିଓ ଦାୟିତ୍ୱରେ ରହିଛନ୍ତି। ଜଣେ ଲୋକଙ୍କ ପାଇଁ ଦୁଇଟି ଦାୟିତ୍ୱ ତୁଲାଇବା କାଠିକର ପାଠ ହୋଇଛି। ଆଗାମୀ ୭ଦିନ ଭିତରେ ବିଡିଓ ନିଯୁକ୍ତ କରା ନ ଗଲେ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେବାକୁ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କୁ ଜଣାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

### କୂଅରେ ପଡିଥିବା ଗାଈ ଉଦ୍ଧାର



**କୋକସରା,୧୮।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ନୂଆପଡ଼ା ନିକଟ ନାଗପଡା ଗ୍ରାମର ଏକ କୂଅରେ ପଡିଥିବା ଗାଈକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନାଗୁପଡା ଗ୍ରାମର କେଶରୀ ନାଗଙ୍କ ଗାଈ ବୁଧବାର ଚରିବାକୁ ଯାଇ କୂଅ ମଧ୍ୟରେ ପଡିଯାଇଥିଲା। ଏହାକୁ ଉଦ୍ଧାର କରିବାକୁ ଗ୍ରାମବାସୀ ଉଦ୍ୟମ କରି ଅସଫଳ ହୋଇଥିଲେ। ପରେ ସେମାନେ ଏ ନେଇ କୋକସରା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅରୁ ଗାଈକୁ ଉଦ୍ଧାର କରିଥିଲେ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ

**ଧର୍ମଗଡ଼, ୧୮।୬ (ଘାସିରାମ ଜଗତ):** ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ 'ଟେବୁଲ ଟପ ଏକ୍ସରସାଇଜ' ବୈଠକ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପୂର୍ବରୁ ଓ ପରେ ସମ୍ଭାବ୍ୟ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତାହାକୁ ନେଇ ଅଧିକାରୀମାନେ ଆଲୋଚନା କରିଥିଲେ। ବୈଠକରେ ଉପାଧ୍ୟକ୍ଷା ମନୀଷା ମିଶ୍ର, ଉପଖଣ୍ଡ ଚିକିତ୍ସାଳୟର ମ୍ୟାନେଜର ସୁମେଶ ନାଏକ, ଏବିଇଓ ବିଶ୍ୱଜିତ ବେହେରାଙ୍କ ସମେତ ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନିଅର ଆସିଷ୍ଟାଣ୍ଟ ରବୀନ୍ଦ୍ର ପରିଡ଼ା, ଏମଆଇଏସ ଆଶିଷ ପଣ୍ଡା, ଗୋଷ୍ଠୀ ସଂଗଠକ ଯଶୋବନ୍ତ ମହାପାତ୍ର ପରିଚାଳନା କରିଥିଲେ।

# ୧୪କୋଟିର ୟୁସି ଖୋଜୁଛି ଶିକ୍ଷା ବିଭାଗ

**ଭବାନୀପାଟଣା,୧୮।୬ (ଉତ୍ତମ କୁମାର ଦାଶ)**



- କଳାହାଣ୍ଡି ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା
- ପ୍ରଧାନ ଶିକ୍ଷକମାନେ ୟୁସି ନ ଦେଲେ ଦରମା ବନ୍ଦ ଚେତାବନୀ

ଜିଲା ଶିକ୍ଷା ବିଭାଗର ଏକ ନିର୍ଦ୍ଦେଶନାମା ଏବେ ଶିକ୍ଷକମାନଙ୍କୁ ଅଡୁଆରେ ପକାଇଛି। ସର୍ବଶିକ୍ଷା ଅଭିଯାନ ସମୟର ସିଭିଲ କାର୍ଯ୍ୟର ଖର୍ଚ୍ଚ ଗଣିତ ତୁଟୁନାହିଁ। ୨୦୧୬ ସୁଦ୍ଧା ଯେତିକି ସିଭିଲ ୱାର୍କ ହୋଇଛି ସେଗୁଡିକର ୟୁ.ସି. ବିଭାଗ ଚାହୁଁଛି। କାରଣ ମାତ୍ର କେତୋଟି ବର୍ଷ ମଧ୍ୟରେ କୋଠାବାଡ଼ି, ପାଇଖାନା ଇତ୍ୟାଦି ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବା ଅର୍ଥର ୟୁ.ସି. ପାଉନାହିଁ ଅଫିସ। ପ୍ରାୟ ୧୬କୋଟି ଟଙ୍କାର ହିସାବ ନାହିଁ କି ୟୁ.ସି. ମିଳୁ ନ ଥିଲା। ବଡ଼ କଷ୍ଟରେ ୨କୋଟି ଟଙ୍କାର ୟୁସି ଆଡଜଷ୍ଟ ହୋଇଥିବା ଜଣାପଡିଛି। ଅବଶିଷ୍ଟ ୧୪କୋଟିର ୟୁ.ସି. ଯୁଦ୍ଧକାଳୀନ ଭିତ୍ତିରେ ଦେବାଲାଗି ଶିକ୍ଷାକମାନଙ୍କୁ ସୂଚାଇ ଦିଆଯାଇଛି। ନଚେତ ଶିକ୍ଷକଙ୍କ ଦରମା ବନ୍ଦ ମଧ୍ୟ ହୋଇପାରେ। ପଣସ ଖାଇଲା କିଏ ଅଠା କାହା ମୁଣ୍ଡରେ ବୋଳାହେବ ସେ ନେଇ ଶିକ୍ଷକଗୋଷ୍ଠୀ ପ୍ରମାଦ ଗଣୁଛନ୍ତି। ଏହି ୟୁସି ଦାଖଲ ଘଟଣାକୁ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗ ଗୁରୁତର ସହ ଗ୍ରହଣ କରିଛି। ଗତ ଦେଢ଼ମାସ ହେବ ଜିଲା ଶିକ୍ଷା ଅଧିକାରୀ ଓ ସିନିୟର ଟେକ୍‌ନିକାଲ କନସଲଟାଣ୍ଟଙ୍କ ଦରମା ବନ୍ଦ କରାଯାଇଛି। ତେଣୁ ଶିକ୍ଷକମାନଙ୍କ ଦରମା ବନ୍ଦ ଚେତାବନୀ କିଛି ବଡ କଥା ନୁହେଁ। କେମିତି ଏତେ ଟଙ୍କାର ୟୁସି ଆଦାୟ ହେବ ସେ ବାଟ ଖୋଜିବାକୁ ପଡୁଛି। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କ ଯୁଗ୍ମ ଦସ୍ତଖତରେ ଥିବା ଆକାଉଣ୍ଟରୁ ଟଙ୍କା ଖର୍ଚ୍ଚ ହୋଇଛି। କେଉଁଠି ଟଙ୍କା ଖର୍ଚ୍ଚ ହୋଇଛି ତ ଅନ୍ୟ କେଉଁଠି କାମ ନ ହେବା ଓ ଟଙ୍କା ନ ଆସିବା ପରିସ୍ଥିତି ମଧ୍ୟ ରହିଛି। ବର୍ତ୍ତମାନ ପୁରୁଣା ସ୍କୁଲ ପରିଚାଳନା କମିଟି ବିଭିନ୍ନ ସ୍ଥାନରେ ପରିବର୍ତ୍ତନ ହୋଇଥିବାବେଳେ କେତେକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ତ ପୁଣି କେତେଜଣ ଅବସର ନେଇସାରିଛନ୍ତି। କିନ୍ତୁ ଶିକ୍ଷା ବିଭାଗ କହିବା କଥା ବର୍ତ୍ତମାନ ଯେଉଁମାନେ ଯେଉଁ ସ୍କୁଲରେ କାର୍ଯ୍ୟ କରୁଛନ୍ତି ସେମାନେ ପରିସ୍ଥିତିକୁ ଦେଖି ୟୁସି ପ୍ରସ୍ତୁତ କରିବାକୁ ବାଧ। ଅନେକ ସ୍କୁଲର ପ୍ରଧାନ ଶିକ୍ଷକ ୟୁସି ଦାଖଲ କରିବା ଆରମ୍ଭ କରିଛନ୍ତି। ଜିଲା ସ୍ତରରେ ସିଭିଲ ୱାର୍କର ସୁପରିଚାଳନା ଉଦ୍ଦେଶ୍ୟରେ ସିନିୟର ଟି.ସି. (ଟେକ୍‌ନିକାଲ କନସଲଟାଣ୍ଟ) ଓ ପ୍ରତି ବ୍ଲକ ପାଇଁ ଟିସି ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ବଦଳି ହୋଇ କୁଆଡେ ଗଲେଣି। ଏବେ ୧୩ ବ୍ଲକ ପାଇଁ କେବଳ ୫ଜଣ ଟିସି ଦାୟିତ୍ୱ ସମ୍ଭାଳୁଛନ୍ତି। ସେମାନଙ୍କ ଭିତରୁ କାର୍ଯ୍ୟରେ ଅନିୟମିତତା ଲାଗି ଜଣେ ଟିସିଙ୍କ ଦରମା ଦୀର୍ଘମାସ ଧରି ବନ୍ଦ କରାଯାଇଥିବା କଥା ସମଗ୍ର ବ୍ୟବସ୍ଥା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେ ସମୟରେ ଟି.ସି.ମାନେ ମେଜରମେଣ୍ଟ ବୁକ (ଏମବି)ରେ କଣ କରିଛନ୍ତି ତାହା ଜାଣିବା ଜରୁରୀ ଥିଲା। ସ୍କୁଲ ପରିଚାଳନା କମିଟି ସହାୟତାରେ ଏକ ରେଜୁଲେସନ ମାଧ୍ୟମରେ ରିପୋର୍ଟ ଦେବାକୁ କୁହାଯାଉଛି। ଦୀର୍ଘବର୍ଷ ପରେ ଶିକ୍ଷା ବିଭାଗର ୟୁ.ସି. ଦାଖଲ ପାଇଁ କଡା ନିର୍ଦ୍ଦେଶ ଶିକ୍ଷକ ସମାଜ ପାଇଁ ଏକପ୍ରକାର ଝଟ୍‌କା ସଦୃଶ ହୋଇଛି।

## ଜ୍ୟୋତି ନାଏକ ନିର୍ଦ୍ୱନ୍ଦ୍ୱରେ ବିଜୟୀ



ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ସମର୍ଥକଙ୍କ ସହ ବ୍ଲକ ଅଧ୍ୟକ୍ଷା

**କଳମପୁର,୧୮।୬(ଗଣେଶରାମ ବାଗ)**

**କଳମପୁର ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ**

କଳାହାଣ୍ଡି ଜିଲା କଳମପୁର ବ୍ଲକରେ ବୁଧବାର ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ସମର୍ଥିତ କଳମପୁର ସମିତି ସଭ୍ୟ ଜ୍ୟୋତି ନାଏକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମୋତୀ ବିହାରୀ ଅନାସ୍ଥାରେ ହାରିବା ପରେ ବୁଧବାର ସରକାରଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ ଅଧିକାରୀ କୋକସରା ବିଡ଼ିଓ ଡ. ହିମାଚଳ ମାଝୀଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାଜପା ସମର୍ଥନରେ ଏକମାତ୍ର ପ୍ରାର୍ଥୀ ଭାବରେ କଳମପୁର ପଞ୍ଚାୟତର ସମିତି ସଭ୍ୟା ଜ୍ୟୋତି ନାଏକ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଭରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ନାମାଙ୍କନ ନ ଭରିବାରୁ ଜ୍ୟୋତି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ କଳମପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ମୋତୀ ବିହାରୀ ଅନାସ୍ଥା ଭୋଟରେ ପଦ ହରାଇଥିଲେ। ଏପଟେ ଜ୍ୟୋତି ବ୍ଲକ ଅଧ୍ୟକ୍ଷା ଘୋଷିତ ହେବାପରେ ସମର୍ଥକ ଓ ଭାଜପା କର୍ମୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜୟୀ ହେବା ପରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟଠାରୁ କଳମପୁର ସହରକୁ ପଦଯାତ୍ରା କରି ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ନିର୍ମାଲ୍ୟ କ୍ଷେତ୍ରରେ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଆଗକୁ କଳମପୁରର ଉନ୍ନତି ଲକ୍ଷ୍ୟ ରହିବ ଓ କଳମପୁର ବ୍ଲକକୁ ଏକ ଆଦର୍ଶ ବ୍ଲକ ରୂପେ ଗଢି ତୋଳିବୁ ବୋଲି ଅଧ୍ୟକ୍ଷା ଜ୍ୟୋତି ପ୍ରକାଶ କରିଥିଲେ।

## ସମବାୟ ବିଭାଗ ପକ୍ଷରୁ କବାଡ଼ି ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ।

**ନୂଆପଡ଼ା,୧୮।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ବିକାଶ ମେଳା ଓ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ ସମବାୟ ବିଭାଗ ନୂଆପଡା ପକ୍ଷରୁ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରିଡାବିତ୍ ତଥା ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ନୂଆପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲିପ ନିର୍ମଲକର, ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ନୂଆପଡା ଓ କୋମନା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଏଥିରେ ନୂଆପଡା ଦଳ କୋମନାକୁ ୨୬-୨୩ ପଏଣ୍ଟରେ ପରାସ୍ତ କରି ବିଜୟୀ ହୋଇଥିଲା। ବିକାଶ ମେଳା ମଞ୍ଚରେ ବିଜେତା ଓ ଉପବିଜେତା ଦଳକୁ ଜିଲାପାଳ ପୁରସ୍କୃତ କରିଥିଲେ । ଖେଳ ପରିଚାଳନା କରିଥିବା ରେଖରାମ ଦଣ୍ଡସେନା, ରିଙ୍କି ଦଣ୍ଡସେନା, ବିଦ୍ୟାଧର ମାଝି, ମଦନ ଲାଲ ଦଣ୍ଡସେନା, ଭରତ ପ୍ରଧାନ, ଯିବଲାଲ ନାଏକ, ଅନୀଲ କୁମାର ରାଉତ, ଦେବେନ୍ଦ୍ର ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ।

## ଜିଲାସ୍ତରୀୟ ଟେବୁଲ ଟପ୍ କର୍ମଶାଳା

**ଭବାନୀପାଟଣା,୧୮।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲା ସ୍ତରୀୟ ଟେବୁଲ ଟପ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ରାଜ୍ୟସ୍ତରରୁ ପର୍ଯ୍ୟବେକ୍ଷକ ଭାବରେ ଜୟ ଜଗତ ସାହୁ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ଉପରେ ଓସଡମାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା ଯୋଗଦେଇ ଜିଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ସମସ୍ତ ବିଭାଗ, ଅଗ୍ନିଶମ ବାହିନୀର ଅଧିକାରୀମାନେ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର କିପରି ମୁକାବିଲା କରିବେ ସେ ଦିଗରେ ନିଜ ବିଭାଗର ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଗୁରୁବାର ଜିଲାର ୪ଟି ବନ୍ୟା ଆଶ୍ରୟସ୍ଥଳୀରେ ଟେବୁଲ ଟପ୍ ଓ ମକ୍‌ଡ୍ରିଲ ଅନୁଷ୍ଠିତ ହେବ।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**କୋକସରା,୧୮।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ସଭାପତିତ୍ୱ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ବ୍ଲକ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ।

## ପିଣ୍ଡି ନିର୍ମାଣର ବର୍ଷେ ବିତିଲା, କାମରେ ଲାଗୁନି



ସାପ୍ତାହିକ ବଜାର ପାଇଁ ନିର୍ମାଣ ହୋଇଥିବା ପିଣ୍ଡି।

**ଥୁଆମୂଳ ରାମପୁର,୧୮।୬ (ଦୁର୍ଗା କୀର୍ତ୍ତି)**

**ରାସ୍ତାକଡ଼ରେ ବସୁଛନ୍ତି ବ୍ୟବସାୟୀ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ମୁଖ୍ୟାଳୟଠାରେ ସାପ୍ତାହିକ ବଜାର ବସିବା ପାଇଁ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ବର୍ଷେ ପରେ ବି ବ୍ୟବସାୟୀମାନେ ଏଠାରେ ଦୋକାନ ଖୋଲିବା ବଦଳରେ ରାସ୍ତାପାର୍ଶ୍ୱରେ ପସରା ମେଲାଉଥିବା ଦେଖାଯାଉଛି। ବ୍ଲକ୍ ମୁଖ୍ୟାଳୟ ପେଟ୍ରୋଲ ପମ୍ପ ନିକଟ ପଡ଼ିଆରେ ବ୍ଲକ ପ୍ରଶାସନ ଓ ରାଜସ୍ୱ ବିଭାଗ ଦ୍ୱାରା ଜାଗା ଚିହ୍ନଟ ହେବା ପରେ ଆର୍ଥିକ ବର୍ଷ ୨୦୨୩-୨୪ରେ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ସେଠାରେ ସାପ୍ତାହିକ ବଜାର ବସିବା ବଦଳରେ ଥୁଆମୂଳ ରାମପୁରସ୍ଥିତ ଦେଶୀ ମଦଭାଟି ପାଖ ଘାଟି ତଳେ ୧ବର୍ଷରୁ ଅଧିକ ସମୟ ଧରି ବଜାର ବସିଆସୁଛି। ଏହାଦ୍ୱାରା ଗ୍ରାମପଞ୍ଚାୟତ ରାଜସ୍ୱ ହରାଇବାରେ ଲାଗିଛି। ବ୍ଲକ୍ ଓ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ନୂତନ ଭାବେ ନିର୍ମାଣ କରାଯାଇଥିବା ପିଣ୍ଡିକୁ ସାପ୍ତାହିକ ବଜାର ସ୍ଥାନାନ୍ତର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ ଓ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକଙ୍କୁ ପଚାରିବାରୁ ଅନେକ ଥର ନୋଟିସ ମାଧ୍ୟମରେ ଉକ୍ତ ଦୋକାନୀମାନଙ୍କୁ ଅବଗତ କରିଛନ୍ତି। ହେଲେ ସେମାନେ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ କଥାରେ ପଡ଼ି ଏ କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## କ୍ଷୁଦ୍ର ଶସ୍ୟ ଚାଷ କରିବାକୁ ଅଣ୍ଟା ଭିଡ଼ିଲେ ଏସ୍‌ଏଚ୍‌ଜି ମହିଳା

**କର୍ଲାମୁଣ୍ଡା,୧୮।୬(ପ୍ରଦୀପ କୁମାର ସାହୁ)**



ଜମି ପ୍ରସ୍ତୁତିରେ ଲାଗିଛନ୍ତି ମହିଳାମାନେ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଚାଲୁରହିଛି। ଏଥିରେ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷକମାନଙ୍କୁ ବିହନ ଓ ପ୍ରୋତ୍ସାହନ ରାଶି ଯୋଗାଇବା ସହ ଇଣ୍ଡୋ ଗ୍ଲୋବାଲ ସର୍ଭିସ ସୋସାଇଟି ଓ ଜୟ ଥୁଆମୂଳ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମିଳିତ ଉଦ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଏଥିରେ ଆଗ୍ରହ ପ୍ରକାଶ କରି ବ୍ଲକର ଜୋରାଡ଼ବରା ପଞ୍ଚାୟତ ଟେର୍ଚାପଲା ଗ୍ରାମର ୪ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ୨୪ ଏକର ଆଁଟ କିସମ ଜମିରେ ମାଣ୍ଡିଆ, କଦୋ, ଗୁରଜି ଭଳି କ୍ଷୁଦ୍ର ଶସ୍ୟ ଚାଷ କରିବା ପାଇଁ ଜମି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ପାରମ୍ପରିକ ଶଷ୍ୟର ପୁନଃ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇଥିବା ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଆକାଶୀ ମାଝୀ, ସମ୍ପାଦିକା ଉସତୀ ବାଗ, ମା' ସମଲେଶ୍ୱରୀ ଗ୍ରୁପ ସଭାନେତ୍ରୀ ତପସ୍ୱିନୀ ଜାଲ, ସମ୍ପାଦିକା ଛାୟା ଭୋଇ, ମା' କମଳିନୀ ଗ୍ରୁପ ସଭାନେତ୍ରୀ ନୀଳାବତୀ ମାଝୀ, ସମ୍ପାଦିକା ସନ୍ତୋଷିନୀ ମାଝୀ, ଜଗନ୍ନାଥ ଗ୍ରୁପ ସଭାନେତ୍ରୀ ସରିତା ମାଝୀ ଓ ସମ୍ପାଦିକା ମିନା ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ୧୦ଦଫା ଦାବିରେ ସଚେତନ ନାଗରିକ ମଞ୍ଚର ଧାରଣା

**କେସିଙ୍ଗା,୧୮।୬(ତୁମେଶ୍ୱର ସାହୁ)**

୧୦ଦଫା ଦାବି ନେଇ କଳାହାଣ୍ଡି ଜିଲା କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ରାଜୀବ ଗାନ୍ଧୀ ଛକଠାରେ ଅନୁଷ୍ଠାନର ସଭାପତି ଉତ୍ତର କୁମାର ମହଲାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଏଥିରେ ଅନେକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ପ୍ରମୁଖ ଦାବି ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା କୋଣାର୍କ ସୂତାକଳ ପୁନଃ ଉଦ୍ଧାର, କେସିଙ୍ଗା ରେଳ ଷ୍ଟେଶନଠାରୁ ରାଜଧାନୀ ଭୁବନେଶ୍ୱରକୁ ଦୈନିକ ସିଧାସଳଖ ଟ୍ରେନ ସୁବିଧା, ସହରରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ, ସହର ଉପକଣ୍ଠ ଦେଇ କନ୍ଦେଶିରଠାରୁ ଜୋଲକୋ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ, କେସିଙ୍ଗାକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନ ଆଦି ଅନ୍ୟତମ।

## ଭଟାଙ୍ଗପଦର ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା

**ଲାଞ୍ଜିଗଡ଼,୧୮।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ କାର୍ଯ୍ୟାଳୟ ଗୋଷ୍ଠୀ କେନ୍ଦ୍ର ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମ ପର୍ଯ୍ୟାୟ ୧ ଅକ୍ଟୋବର ୨୦୨୪ଠାରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା ହୋଇଥିଲା। ଏହାକୁ ଭଟାଙ୍ଗପଦର ପଞ୍ଚାୟତର ଭିଆର୍‌ପି ଟିମ ଦ୍ୱାରା ୩ଜୁନ ୨୦୨୫ଠାରୁ ୧୮ ଜୁନ ୨୦୨୫ ତିଥି ପର୍ଯ୍ୟନ୍ତ ପଞ୍ଚାୟତର ସମସ୍ତ ଗାଁକୁ ଯାଇ ଉପରୋକ୍ତ ଯୋଜନାରେ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରାଯାଇଥିଲା। ଏହାପରେ ବୁଧବାର ପଞ୍ଚାୟତର ଅନେକ ଜବ୍‌କାର୍ଡଧାରୀ, ରାଶନ କାର୍ଡ଼ଧାରୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ଉପସ୍ଥିତିରେ ସାମାଜିକ ସମୀକ୍ଷା ଗ୍ରାମସଭା କରାଯାଇଥିଲା। ଗାଁ ସ୍ତରରେ କିଭଳି କାର୍ଯ୍ୟ କରାଯାଉଛି, ଶ୍ରମିକମାନେ ଠିକ୍ ସମୟରେ ପାରିଶ୍ରମିକ ପାଇପାରୁଛନ୍ତି କି ନାହିଁ ସେ ନେଇ ଆଲୋଚନା ହୋଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ବିମଲ ବାଗ ପରିଚାଳନା କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ, ସରପଞ୍ଚ ଦଶମୀ ମାଝୀ, ସମିତି ସଭ୍ୟ ରୁପେନ୍ଦ୍ର ଛତ୍ରିଆ, ଏଡିଇଓ ତପି ସାହୁ, ଯୋଗାଣ ସହାୟକ ପ୍ରତାପ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମସଭାରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

# ୨ ମାସରେ ରାଜସ୍ୱ ଆଦାୟ: କଳାହାଣ୍ଡି ଜିଲା ପ୍ରଥମ

**ଭବାନୀପାଟଣା,୧୮।୬(ଉତ୍ତମ କୁମାର ଦାଶ)**



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର କାର୍ଯ୍ୟସୂଚୀ ଉପରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ବୈଠକର ନିଷ୍ପତ୍ତି ଅନୁଯାୟୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇ ଅତିରିକ୍ତ ଜିଲାପାଳ ଦରୱାନ ନିର୍ଦ୍ଦେଶ ଦେଇଥିଲେ। କଳାହାଣ୍ଡି ଜିଲା ଏମ୍.ଭି. ରାଜସ୍ୱ ଆଦାୟରେ ପ୍ରୋଗ୍ରେସିଭ ହାରରେ ଗତ ଦୁଇ ମାସ ଧରି ୯.୦୫ କୋଟି ଧାର୍ଯ୍ୟ ଥିଲାବେଳେ ୮.୪୦ କୋଟି ସଂଗ୍ରହ କରି ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ସାମନ୍ତରାୟ ସୂଚନା ଦେଇଥିଲେ। ହାତୀବ୍ରିଜ ସଂଯୋଗ କରୁଥିବା ବାସୁଗୁଡ଼ା ରାସ୍ତାର ଗାଡୱାଲ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣାରୁ ସତ୍ତୁଗୁଡା ନବରଙ୍ଗପୁରକୁ ସଂଯୋଗ କରୁଥିବା ଢୁଲୁଘାଟି ରାସ୍ତାର ଗାଡ଼ୱାଲ ନ ଥିବାରୁ ବହୁ ସମୟରେ ଦୁର୍ଘଟଣାର ଶୀକାର ହୋଇ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଜୟପାଟଣା-ପରୁଆଗୁଡ଼ା, ତେମେରା-ବଡ଼ଚେରଗାଁ, ବଡକୁରୁରୁ-ପାତ୍ରବସା, ଫର୍ଲିଝରଣ-ଜାଖମ, ଗଡିସାଲ-ଲାଞ୍ଜିଗଡ ଆଦି ରାସ୍ତା ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ୱାଲ ନିର୍ମାଣ ତୁରନ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ବଳଦିଆମାଲ ଛକଠାରୁ କେସିଙ୍ଗା ପର୍ଯ୍ୟନ୍ତ ସୌର ଶକ୍ତି ଚାଳିତ ଆଲୋକୀକରଣ ନିମନ୍ତେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କଳମପୁରରୁ ଥୁଆମୂଳ ରାମପୁର, ଜୟପାଟଣାରୁ ମହୁଲପାଟଣା ରାସ୍ତାର ମରାମତି ପାଇଁ ଅତିରିକ୍ତ ଜିଲାପାଳ ଦରୱାନ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଆଞ୍ଚଳିକ ପରିବହନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡ ବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କମିଟି ସଦସ୍ୟ, ବରିଷ୍ଠ ଖବରଦାତା ଉମାଶଙ୍କର କର, କଳାହାଣ୍ଡି ଘରୋଇ ବସ୍ ସଂଘ ସଭାପତି ପ୍ରବୋଧ କୁମାର ରଥ, ଜିଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଜରୁରିକାଳୀନ ପରିସ୍ଥିତିରେ ଆଗୁଆ ପ୍ରସ୍ତୁତି, ଜନସଚେତନତା ଉପରେ ଗୁରୁତ୍ୱାରୋପ

## ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲଟପ ଅଭ୍ୟାସ ବୈଠକ

ସୁନ୍ଦରଗଡ଼,୧୮।୬(ଜୟ ନାରାୟଣ ମେଣ୍ଡୁଲି)



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜିଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଟେବୁଲଟପ ଅଭ୍ୟାସ ବୈଠକ ବୁଧବାର ସ୍ଥାନୀୟ ସଦଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା. ଶ୍ରୀବାଶିଷ ମହାରଣା, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା, ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ଏବଂ ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ, ଓଡ୍ରାଫ, ସିଭିଲ ସପ୍ଲାଏ, ରାସ୍ତା ଏବଂ କୋଠାବାଡ଼ି, କୃଷି, ଉଦ୍ୟାନ କୃଷି, ପଶୁପାଳନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ, ସୁନ୍ଦରଗଡ଼ ପୌରପାଳିକା, ଟିପିଡବ୍ଲ୍ୟୁଓଡିଏଲ, କ୍ଷୁଦ୍ର ଜଳସେଚନ, ଶିକ୍ଷା ବିଭାଗର ଅଧିକାରୀ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଅଭ୍ୟାସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଡେପୁଟି କଲେକ୍ଟର ପଣ୍ଡା କହିଥିଲେ, ଏହି ଟେବୁଲଟପ ଅଭ୍ୟାସ ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବ, ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବ ଏବଂ ବିପର୍ଯ୍ୟୟ ସମୟରେ ଜିଲା ପ୍ରଶାସନର ପ୍ରସ୍ତୁତିକୁ ସୁଦୃଢ଼ କରିବ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଜରୁରୀକାଳୀନ ପରିସ୍ଥିତିରେ ଆଗୁଆ ପ୍ରସ୍ତୁତି, ଜନସଚେତନତା ଏବଂ ଦୃଢ଼ ପ୍ରତିକ୍ରିୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମସ୍ତ ବିଭାଗକୁ ବର୍ଷା ପୂର୍ବରୁ ସେମାନଙ୍କର ଆକସ୍ମିକ ଯୋଜନାକୁ ଅପଡେଟ କରିବା ଏବଂ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭ୍ୟାସ ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବୈଷୟିକ ସହାୟତା ପ୍ରଦାନ କରିଥିଲା। କାର୍ଯ୍ୟକ୍ରମରେ ଓସଡମାର ପ୍ରଶିକ୍ଷକ ଦେବୀ ପ୍ରସାଦ କହିଥିଲେ, ଏହା ପ୍ରାକୃତିକ ଏବଂ ମାନବକୃତ ବିପର୍ଯ୍ୟୟ ପାଇଁ ଜିଲାର ପ୍ରସ୍ତୁତି ଏବଂ ପ୍ରତିକ୍ରିୟାଶୀଳତାକୁ ବହୁଳ ଭାବରେ ଉନ୍ନତ କରିବ। ଡିପିଏଚଓ ଡ଼ା. ଶ୍ରୀବାଶିଷ ମହାରଣା ବର୍ଷା ଋତୁରେ ସାପ କାମୁଡ଼ାର ବର୍ଦ୍ଧିତ ଘଟଣା ଏବଂ ସମୟୋଚିତ ଚିକିତ୍ସା ଏବଂ ସାମୁଦାୟିକ ସଚେତନତାର ଆବଶ୍ୟକତା ଉପରେ ଚିନ୍ତା ପ୍ରକଟ କରିଥିଲେ। ସେ ଦୂଷିତ ପାଣି ଏବଂ ଖରାପ ପରିମଳ ବ୍ୟବସ୍ଥା ଯୋଗୁ ବର୍ଷା ଋତୁରେ ଦ୍ରୁତ ଗତିରେ ବ୍ୟାପିଥିବା ଜଳବାହିତ ରୋଗ ବିରୋଧରେ ସତର୍କ ମଧ୍ୟ କରାଇଥିଲେ। ଏହି ଅଭ୍ୟାସ କାର୍ଯ୍ୟକ୍ରମ ବନ୍ୟା, ବଜ୍ରପାତ ଏବଂ ସର୍ପାଘାତ ଭଳି ବିପର୍ଯ୍ୟୟର ପରିସ୍ଥିତି ଉପରେ ଆଧାରିତ ଥିଲା। ଯାହା ବିଭାଗ ଗୁଡ଼ିକୁ ସେମାନଙ୍କର ପ୍ରସ୍ତୁତି ମୂଲ୍ୟାଙ୍କନ କରିବାରେ ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ ସାହାଯ୍ୟ କରିବ ବୋଲି କହିଥିଲେ।

## ଅପମିଶ୍ରିତ, ବାସିଖାଦ୍ୟ ନଷ୍ଟ



ଅଧିକାରୀମାନେ ରେଷ୍ଟୁରାଣ୍ଟ ଓ ହୋଟେଲ ଉପରେ ଚଢ଼ାଉ କରୁଛନ୍ତି।

ସୁନ୍ଦରଗଡ,୧୮।୬(ଜୟ ନାରାୟଣ ମେଣ୍ଡୁଲି)

- ୨୭ ହଜାର ଟଙ୍କା ଜରିମାନା ଆଦାୟ
- ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ

ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି। ସୁନ୍ଦରଗଡ ଓ ରାଜଗାଙ୍ଗପୁର ପୌରାଞ୍ଚଳରେ ଗତ ୧୭ ଓ ୧୮ତାରିଖରେ ୨ ଦିନ ଧରି ଚଢ଼ାଉ ଚାଲିଥିବାବେଳେ ଅପମିଶ୍ରିତ, ବାସି ଖାଦ୍ୟ ସବୁ ନଷ୍ଟ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶ, ଅପମିଶ୍ରିତ ଓ ବାସି ଖାଦ୍ୟ ବନ୍ଦ କରିବାକୁ ଦୋକାନ ଓ ହୋଟେଲ ମାଲିକମାନଙ୍କୁ ତାଗିଦ କରାଯାଇଛି। ବିଭାଗ ପକ୍ଷରୁ ଏନେଇ ସୁନ୍ଦରଗଡ ପୌରାଞ୍ଚଳର ୧୪ଟି ଦୋକାନରେ ଯାଞ୍ଚ କରାଯାଇ ୧୯ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ୪୦ କେଜି ଅସ୍ୱାସ୍ଥ୍ୟକର ଖାଦ୍ୟ ଜବତ କରି ନଷ୍ଟ କରାଯାଇଛି। ଏନେଇ ୨୭ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଛି। ସେହିପରି ରାଜଗାଙ୍ଗପୁର ପୌରାଞ୍ଚଳରେ ମିଳିତ ଚଢ଼ାଉ କରାଯାଇ ୨୩ଟି ଦୋକାନରେ ଯାଞ୍ଚ କରାଯାଇଥିଲା। ୨୫କେଜି ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇ ସେହି ଦୋକାନୀମାନଙ୍କୁ ତାଗିଦ କରାଯାଇଛି। ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତାପ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ ତହସିଲଦାର କେ.ରଣବିତା, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ରାଜଗାଙ୍ଗପୁର ଖାଦ୍ୟ ନିରାପତ୍ତା ଅଧିକାରୀ କୁନ୍ଦନ ଲୋହାରଙ୍କ ସମେତ ପୌରପାଳିକାର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ, ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ବିଭାଗ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

## ପଞ୍ଜୀକୃତ ହେବାର ୧୫ ଦିନ ମଧ୍ୟରେ ମିଳିବ ଭୋଟ ପରିଚୟ ପତ୍ର

ସୁନ୍ଦରଗଡ଼,୧୮।୬(ଜୟ ନାରାୟଣ ମେଣ୍ଡୁଲି)

ଭୋଟରଙ୍କୁ ଭୋଟ ପରିଚୟପତ୍ର ଶୀଘ୍ର ପ୍ରଦାନ କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ ଏକ ନୂତନ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରଚଳନ କରିଛନ୍ତି। ଯାହା ଦ୍ୱାରା ଭୋଟର ତାଲିକାରେ ପଞ୍ଜିକୃତ ହେବାର ୧୫ ଦିନ ମଧ୍ୟରେ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇପାରିବ। ଏଥିରେ ଭୋଟରଙ୍କ ନୂତନ ନାମଲେଖା କିମ୍ବା ପୂର୍ବରୁ ଥିବା କୌଣସି ଭୋଟର ବିବରଣୀରେ ପରିବର୍ତ୍ତନ ଅନ୍ତର୍ଭୁକ୍ତ ରହିବ। ଏହି ପଦକ୍ଷେପ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହିତ ଡ. ସୁଖବୀର ସିଂହ ସାନ୍ଧୁ ଏବଂ ଡ. ବିବେକ ଯୋଶୀଙ୍କ ଦ୍ୱାରା ପରିକଳ୍ପିତ। ନୂତନ ବ୍ୟବସ୍ଥା, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦ୍ୱାରା ଭୋଟର ପରିଚୟ ପତ୍ର ପ୍ରସ୍ତୁତି ଠାରୁ ଡାକ ବିଭାଗ ମାଧ୍ୟମରେ ଭୋଟରଙ୍କୁ ବିତରଣ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟର ପ୍ରକୃତ ସମୟ ଟ୍ରାକିଂ ସୁନିଶ୍ଚିତ କରିବ। ଭୋଟରମାନେ ପ୍ରତ୍ୟେକ ପର୍ଯ୍ୟାୟର ସୂଚନା ଏସଏମଏସ ମାଧ୍ୟମରେ ମଧ୍ୟ ପାଇବେ। ଯାହା ସେମାନଙ୍କୁ ତାଙ୍କ ଭୋଟ ପରିଚୟପତ୍ରର ସ୍ଥିତି ବିଷୟରେ ଅବଗତ କରାଇବ। ସମସ୍ତ ଭୋଟରଙ୍କୁ ତୁରନ୍ତ ଏବଂ ଦକ୍ଷ ନିର୍ବାଚନୀ ସେବା ଯୋଗାଇବା ହେଉଛି ନିର୍ବାଚନ ଆୟୋଗର ଏକ ପ୍ରମୁଖ ଲକ୍ଷ୍ୟ। ଏହା ମନେ ପକାଇ ଦିଆଯାଇପାରେ ଯେ, ଗତ ଚାରି ମାସ ମଧ୍ୟରେ ନିର୍ବାଚନ ଆୟୋଗ ଭୋଟର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ଲାଭ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ସୂଚନୀତ କରାଯାଇଛି।

## ଜିଲାସ୍ତରୀୟ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ



ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

କୁତ୍ରା,୧୮।୬(ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ମଙ୍ଗଳବାର ଜିଲା ସ୍ତରୀୟ ଗ୍ରୀଷ୍ମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପଞ୍ଚ ଦିନାତ୍ମକ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ତାଙ୍କର ଅନ୍ତର୍ନିହିତ ଗୁଣାବଳୀ ବିକାଶ କରିବା ପାଇଁ ଏହି ଶିବିର ସହାୟକ ହେବ ବୋଲି କହି ଗ୍ରୀଷ୍ମ ଶିବିରର ଜର୍ସି ଓ ଟୋପିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସିଡିଓ ସୁରଞ୍ଜନ ସାହୁ, ଟ୍ରେନି ଆଇଏସ ହବି ରସିଦ, ଡିଏମଏଫ ସିଇଓ ଶୁଶମା ବିଲୁଙ୍ଗ, ବିଡିଓ ଯୁଗଳକିଶୋର ବିଶ୍ୱାଳ, ବିଇଓ ଅନନ୍ତ ନାଏକ, ଡିଏମଏଫ ଶିକ୍ଷା ପରାମର୍ଶ ଦାତ୍ରୀ ପୂଜା କୁମାରୀ, ଜିଲା ବିଜ୍ଞାନ ନୀରିକ୍ଷକ ଚନ୍ଦ୍ର ଶେଖର ସା ଉପସ୍ଥିତ ଥିଲେ। ଏହି ଗ୍ରୀଷ୍ମ ଶିବିରର ପ୍ରଥମ ଦିନରେ ପିଲାମାନଙ୍କୁ ସୋନପୁରର ସୁଦାମ ରଣା ଟେରାକୋଟା ଶିକ୍ଷା ଦେଇଥିଲେ। ସମସ୍ତେ ମାଟିରେ ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥିଲେ। ଏହାସହିତ ପିଲାଙ୍କୁ ଯୋଗ ଶିକ୍ଷା, ଷ୍ଟୋରି ଟେଲିଙ୍ଗ, କ୍ୟାରିଅର କାଉନ୍ସିଲିଂ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହାସହିତ କୁତ୍ରା ମେଡିକାଲର ଡାକ୍ତର ଗଣେଶ ସରାଫ ଯୋଗଦେଇ ବିଭିନ୍ନ ପ୍ରକାର ହେଲଥ ଟିପ୍ସ ପ୍ରଦାନ କରିଥିଲେ। ଏହି ଶିବିରରେ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକର ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ଦିଲିପ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କୁଆଁରମୁଣ୍ଡାରେ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ




ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିମାନେ।

କୁଆଁରମୁଣ୍ଡା,୧୮।୬(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ତହସିଲଦାର, ପାନପୋଷ ବିଶ୍ୱଜିତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମ, ବ୍ଲକ ଶିକ୍ଷା ଅଧିକାରୀ ନମିତା ମହାପାତ୍ର, ସିଡିପିଓ ତପସ୍ୱିନୀ ବେସନ, ଏବିଡ଼ିଓ ପ୍ରଶାନ୍ତ ଜେନା, ବିଏଫଓ ଅନୁରଞ୍ଜନ ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା, ବଜ୍ରପାତ ତଥା ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଭାବେ ଆମେ ପ୍ରସ୍ତୁତ ରହିବା ସେ ବିଷୟରେ କୁଆଁରମୁଣ୍ଡା ଦମକଳ କେନ୍ଦ୍ର ତରଫରୁ ସଚେତନ କରାଯାଇଥିଲା।

## ଦୁର୍ଘଟଣାରେ ସ୍କୁଟିଚାଳକ ମୃତ

କୁତ୍ରା,୧୮।୬ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ତଥା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅନ୍ତର୍ଗତ ଛଡିଆନ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭିକ୍ଟର ଖେସ (୪୫)ଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ଜଣା ପଡ଼ିଛି ଯେ, ଝାଡଖଣ୍ଡ ରାଜ୍ୟ ବୋଲବା ଥାନା ଅନ୍ତର୍ଗତ ସମସେରା ଗ୍ରାମର ଭିକ୍ଟର ଏକ ସ୍କୁଟି ଯୋଗେ ନିଜ କର୍ମସ୍ଥଳ ରାଉରକେଲାକୁ ଯାଉଥିବା ବେଳେ ଛଡିଆନ ଗ୍ରାମ ନିକଟରେ ନିୟନ୍ତ୍ରଣ ହରାଇ ରାସ୍ତା କଡର ଏକ ପିଲରକୁ ଧକ୍କା ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଲାଞ୍ଜିବେର୍ଣ୍ଣା ଫାଣ୍ଡି ପୋଲିସ ମୃତଦେହ ଜବତ କରି ରାଜଗାଙ୍ଗପୁର ମର୍ଗ ହାଉସରେ ରଖିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

## ଲଇକେରା, କନକତୁରାରେ ବିକାଶ ବାହନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ହେମଗିର,୧୮।୬(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଲଇକେରା ପଞ୍ଚାୟତଠାରେ ବୁଧବାର ବିକାଶ ବାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ହେମଗିର ବିଡିଓ ରିନା ନାଏକ, ସମ୍ମାନିତ ଅତିଥି ସରପଞ୍ଚ ଦିନେଶ କୁମାର ନାଏକ, ସମିତି ସଭ୍ୟ କାନ୍ତି ଧୁଆ, ଡବ୍ଲୁଇଓ ଅମିତ୍ କୁମାର ମିଶ୍ର, ଜିପିଓ ଦୁର୍ଗା ପ୍ରସାଦ ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ଜନହିତକର ଯୋଜନା ଉପରେ ପଞ୍ଚାୟତବାସୀଙ୍କୁ ବୁଝାଇବା ସହିତ ଏହାର ଲାଭ କିପରି ପାଇପାରିବେ ସେ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ବନ, ଯୋଗାଣ, କୃଷି ଆଦି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପରେ ମା'ନାମରେ ଗଛଟିଏ ଅଭିଯାନ ମାଧ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିପେନ ପଟେଲ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ବୁଧବାର କନକତୁରା ପଞ୍ଚାୟତଠାରେ ବିକାଶ ବାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ହେମଗିର ବିଡିଓ ରିନା ନାଏକ, ସମ୍ମାନିତ ଅତିଥି ସରପଞ୍ଚ ମଙ୍ଗଳବତି ଓରାମ, କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆପରାଧିକ ଆଇନ ସମ୍ପର୍କିତ ଯୁଗ୍ମ ତାଲିମ କର୍ମଶାଳା

ସୁନ୍ଦରଗଡ,୧୮।୬(ଜୟ ନାରାୟଣ ମେଣ୍ଡୁଲି)

ଭାରତୀୟ ନ୍ୟାୟ ସଂହିତାର ନୂତନ ଆପରାଧିକ ଆଇନ ସମ୍ପର୍କିତ ଏକ ଦିନିକିଆ ଯୁଗ୍ମ ତାଲିମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପୋଲିସ ବିଭାଗ ପକ୍ଷରୁ ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ଏହି କର୍ମଶାଳାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ କହ୍ନେଇଲାଲ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପବ୍ଲିକ ପ୍ରସିକ୍ୟୁଟର ଦିଲୀପ କୁମାର ମୁର୍ମୁ, ଅତିରିକ୍ତ ପବ୍ଲିକ ପ୍ରସକ୍ୟୁଟର ପ୍ରିୟମ୍ବଦା ନାଏକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ ପ୍ରସାଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ ଜିଲାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ମେଡିକାଲ ଅଫିସର ଓ ପୋଲିସ ଅଫିସରମାନେ ଯୋଗ ଦେଇଥିଲେ। ସାଧାରଣ ଲୋକଙ୍କୁ ନ୍ୟାୟ, ଦୋଷୀଙ୍କୁ ଦଣ୍ଡ ବିଧାନ ପାଇଁ ନୂତନ ଅପରାଧିକ ଆଇନର ଠିକ କାର୍ଯ୍ୟକାରିତା, ଉପଯୁକ୍ତ ତଦନ୍ତ ଉପରେ ଅଧିକାରୀମାନେ ଧ୍ୟାନ ଦେବା ଉପରେ କର୍ମଶାଳାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ।

## ଓଏମ୍‌ସି ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର

ବଣାଇଁ, ୧୮।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁଟୁଡା ପଞ୍ଚାୟତରେ ଥିବା ଓଡ଼ିଶା ଖଣି ନିଗମ ଲି଼.ର କୁମିତାର ଲୌହ ଖଣି ଖଣ୍ଡାଧାର ତରଫରୁ ଆନ୍ତର୍ଜାତିକ ଯୋଗ ଶିବିରର ଅଭ୍ୟାସ ବର୍ଗ ଗତ ୧୪ ତାରିଖରୁ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଗରେ ଖଣି କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକମାନେ ଭାଗ ନେଇଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ଶିବିର ଚାଲିବ। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁନ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ। ଯୋଗ ଶରୀର ଓ ପୃଥିବୀ ପାଇଁ ଏକ ବଡ ଆବଶ୍ୟକତା ଅଛି ବୋଲି ଖଣି ପ୍ରବନ୍ଧକ ସମସ୍ତ ଅଭ୍ୟାସକାରୀଙ୍କୁ ଜଣାଇଥିଲେ। ବ୍ୟବସାୟିକ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପ୍ରବନ୍ଧକଙ୍କ ଜରିଆରେ ଯୋଗ ଶିବିରରେ ଆଖପାଖ ଗ୍ରାମର ଯୁବତୀଯୁବକମାନେ ଭାଗନେବା ପାଇଁ ଓ ଯୋଗ ବିଷୟରେ ସଚେତନତା କରାଯିବା ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଉଛି।



ଯୋଗ ଅଭ୍ୟାସ କରାଯାଉଛି।

## ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ସୁନ୍ଦରଗଡ଼,୧୮।୬(ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା ଜିଲା ସ୍ତରୀୟ ବିକାଶ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଯତରା ପଡ଼ିଆଠାରେ ଏହା ଆୟୋଜିତ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ତାହାର ସଫଳ କାର୍ଯ୍ୟାନ୍ୱୟନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାଜନ ସଫଳ ଭାବେ ବିକାଶ ମେଳା ସମାପନ ହୋଇଥିବାରୁ ସମସ୍ତ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ଏକ ବଜାର ବ୍ୟବସ୍ଥା ଉପଲବ୍ଧ ହୋଇଥିଲା। ଯେଉଁଥିରେ ସେମାନେ ତାଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ କରିପାରିଥିଲେ। ବିଭିନ୍ନ କୃଷି ଉପକରଣ ମଧ୍ୟ ବିକ୍ରୟ ହୋଇଥିଲା। ଏହି ଅବସରରେ ବିକାଶ ମେଳାରେ ଭାଗ ନେଇ ଭଲ ବ୍ୟବସାୟ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲା ସମାଜ ମଙ୍ଗଳ ବିଭାଗ, ହସ୍ତଶିଳ୍ପ ବିଭାଗ ଆଦି ହିତାଧିକାରୀଙ୍କୁ ଭଲ ପ୍ରଦର୍ଶନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଯୋଜନା ଅନ୍ତର୍ଗତ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ସେହିଭଳି ମେଳାରେ ଅତ୍ୟାବଶ୍ୟକୀୟ ସେବା ଯୋଗାଇଥିବା ବିଭାଗ ଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବିକାଶ ମେଳାରେ ଜିଲା ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ ଏବଂ ପରିବେଶ, ଯୋଜନା ଓ ସଂଯୋଜନ, କୃଷି ଏବଂ କୃଷକ ସଶକ୍ତିକରଣ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲା ସମାଜ ମଙ୍ଗଳ ବିଭାଗ, ନଗର ଉନ୍ନୟନ ବିଭାଗ, ସୁନ୍ଦରଗଡ଼ ପୌରପାଳିକା, ଓଡ଼ିଶା ଜୀବିକା ମିଶନ, ହସ୍ତଶିଳ୍ପ, ଜିଲା ଖଣିଜ ପ୍ରତିଷ୍ଠାନ, ଜଳସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ସୂଚନା ଶିକ୍ଷା ଯୋଗାଯୋଗ ଷ୍ଟଲ ସ୍ଥାନିତ ହୋଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ନିଜର ଉତ୍ପାଦିତ ଦ୍ରବ୍ୟ ସାମଗ୍ରୀ ଗୁଡ଼ିକ ବିକ୍ରୟ କରିଥିଲେ। ସେହିଭଳି ବିଭିନ୍ନ ଶିଳ୍ପ ସଂସ୍ଥା ଏମସିଏଲ, ଜିଏମଡିସି, ଜିନ୍ଦଲ ଫାଉଣ୍ଡେଶନ, ଡାଲମିଆ, ଟାଟା ଷ୍ଟିଲ, ସେଲ ଆଦି ମଧ୍ୟ ଏଥିରେ ଭାଗ ନେଇଥିଲେ। ଏଥିରେ ଜଳ ବିଭାଜିକା, ଓଡ଼ିଶା କୃଷି ଶିଳ୍ପ ନିଗମ ଆଦି ବିଭାଗ ଦ୍ୱାରା ଉପକରଣ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ୭ ଦିନିଆ ବିକାଶ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାରର ପିଠା ପଣା ସହିତ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ବ୍ୟଞ୍ଜନ ଉପଲବ୍ଧ ହୋଇଥିଲା। ସେହିଭଳି ପ୍ରତ୍ୟେକ ସନ୍ଧ୍ୟାରେ ଜିଲାର ବିଭିନ୍ନ କଳାକାର, ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଉଦଯାପନୀ କାର୍ଯକ୍ରମରେ ନୃତ୍ୟ ପରିବେଷଣ ହେଉଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଆରୋହୀ ମୃତ

ଉଲୁଣ୍ଡା, ୧୮।୬(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଖେମାଲୋଏ ନିକଟରେ ବୁଧବାର ଅପରାହ୍ଣରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଖୁଷୁଲାପାଲିର ଅମରୀଶ ଦାସ(୫୦)। ଅମରୀଶ ଏକ ବାଇକଯୋଗେ ନିଜ ଘରକୁ ଫେରୁଥିବାବେଳେ ଖେମାଲୋଏ ନିକଟରେ ଭାରସାମ୍ୟ ହରାଇ ବିଲ ଭିତରକୁ ପଶି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ପୋଲିସ କହିଛି। ଅମରୀଶ ଉଲୁଣ୍ଡା ରେଞ୍ଜ କୋଟସମଲେଇ ସେକ୍ସନରେ କେନ୍ଦୁପତ୍ର ବିଭାଗରେ ଚେକର୍ ଭାବରେ କାମ କରୁଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ବିନିକା, ୧୮।୬(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ରାମପୁର-ବିନିକା ମୁଖ୍ୟରାସ୍ତାର ସାଲମାଟିକ୍ରା ରାସ୍ତା ପାଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ସ୍ୱାମୀ ସୁନୀଲ ସେଠୀ(୪୫)ଙ୍କର ମୃତ୍ୟୁ ଘଟିଛି। ସ୍ତ୍ରୀ ପୁଷ୍ପାଞ୍ଜଳି(୪୦) ଗୁରୁତର ହୋଇଛନ୍ତି। ସ୍ତ୍ରୀଙ୍କ ସହିତ ସୁନୀଲ ବାଇକରେ ବିନିକା ଦଣ୍ଡସେନା ପଡ଼ାସ୍ଥିତ ତାଙ୍କ ଘରକୁ ଫେରୁଥିବା ବେଳେ ସଲମାଟିକ୍ରା ରୋଡ ପାଖରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡିକୁ ନେଇ ଡ୍ରାଇଭର ପଳାଇ ଯାଇଥିଲେ। ସ୍ତ୍ରୀ, ସ୍ୱାମୀଙ୍କୁ ସ୍ଥାନୀୟ କେତେକ ଯୁବକ ବିନିକା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ପୁଷ୍ପାଞ୍ଜଳିଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା। ବିନିକା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା (ନଂ.୧୦୭/୨୫) ରୁଜୁ ହୋଇଛି।

### ମୁର୍ମୁରି ଜୋର ବ୍ରିଜରେ ବସ୍ ଦୁର୍ଘଟଣା




ବିନିକା, ୧୮।୬(ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମୁର୍ମୁରି ଜୋର ବ୍ରିଜ ଉପରେ ବୁଧବାର ସକାଳେ ୯ଟାରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୪୦ଯାତ୍ରୀଙ୍କୁ ନେଇ ବରଗଡ଼ରୁ ବୌଦ୍ଧ ଯାଉଥିବା ଘରୋଇ ବସ୍ ଶୁଭଲକ୍ଷ୍ମୀ(ନଂ. ଓଆର ୧୭-୭୮୪୨)ବ୍ରିଜ ପାଖରେ ଥିବା ସୁରକ୍ଷା ଖୁଣ୍ଟରେ ବାଡେଇ ହୋଇ ରହିଯାଇଥିଲା। ଫଳରେ ବସ୍‌ରେ ଥିବା ୨୦ଜଣ ଯାତ୍ରୀ ଖଣ୍ଡିଆ ଖାବରା ହୋଇଥିବା ବେଳେ ଅନ୍ୟମାନଙ୍କର ବିଶେଷ କିଛି କ୍ଷତି ହୋଇନାହିଁ। ଡ୍ରାଇଭର ମୋବାଇଲରେ କଥା ହୋଇ ବସ୍ ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଯାତ୍ରୀମାନେ ଅଭିଯୋଗ କରିଥିଲେ। ଆହତ ଯାତ୍ରୀମାନେ ବିନିକା ଡାକ୍ତରଖାନାରେ ଆଶୁ ଚିକିତ୍ସା ପରେ ନିଜ ଘରକୁ ଫେରି ଯାଇଛନ୍ତି।

### ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ଗୃହ

ବିନିକା, ୧୮।୬ (ରାମ ଗୋପାଳ ବାଘ)

ବିନିକା ସହରାଞ୍ଚଳ ସ୍ପୋର୍ଟ୍ସକ୍ଲବ କାର୍ଯ୍ୟାଳୟରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନୀ ପଧାନ, ସମ୍ମାନୀତ ଅତିଥିଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସ୍ପୋର୍ଟ୍ସ କ୍ଲବ ସଭାପତି ସୋମନାଥ ମିଶ୍ର, ମେଡିକାଲ ଅଫିସର ମନୋଜ କୁମାର ପଧାନ, ଜନସ୍ୱାସ୍ଥ୍ୟ ଅଧିକାରୀ ଏ.କୁମାର ମୂର୍ତ୍ତି, ସାମାଜିକ କର୍ମୀ ଦୀପାନ୍ୱିତା ମାହାଣା, ଅଗ୍ନିଶମ ଅଧିକାରୀ ତେଜରାଜ ସାହୁ, ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷକ ଗୁଲଠୁ ମିନ, ରୋହନ ଡାଙ୍ଗ ଯୋଗଦେଇ ବିପର୍ଯ୍ୟୟ ଆସିଲେ କିପରି ତା'ର ମୁକାବିଲା କରିହେବ ସେ ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ପଧାନ ସମସ୍ତ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବୌଦ୍ଧରୁ ଟ୍ରେନ୍ ଚଳାଚଳକୁ ନାଗରିକ କମିଟିର ସ୍ୱାଗତ

ବୌଦ୍ଧ, ୧୮।୬(ଅଜିତ କୁମାର ବାରିକ୍)

ବୌଦ୍ଧବାସୀଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେବାକୁ ଯାଉଛି। ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନେରେନ୍ଦ୍ର ମୋଦୀଙ୍କ ଓଡିଶା ଗସ୍ତ ଅବସରରେ ଆଭାସୀ ଜରିଆରେ ବୌଦ୍ଧ ଓ ପୁରୁଣାକଟକରୁ ରେଳ ସେବାକୁ ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜଣାଯାଇଛି। ବୌଦ୍ଧରୁ ଟ୍ରେନ ଚଳାଚଳ ନେଇ ବିଭାଗୀୟ ପ୍ରସ୍ତୁତି ପରେ ଦୀର୍ଘଦିନରୁ ଦାବି କରିଆସୁଥିବା ବୌଦ୍ଧ ନାଗରିକ କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବୁଧବାର ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ବୈଠକରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହିତ ବୌଦ୍ଧ ଓ ପୁରୁଣାକଟକରୁ ଭାୟା ସମ୍ବଲପୁର ହୋଇ ଭୁବନେଶ୍ୱରକୁ ସାପ୍ତାହିକ ବଦଳରେ ଦୈନନ୍ଦିନ ଟ୍ରେନ ଚଳାଚଳ ପାଇଁ ଦାବି କରାଯାଇଛି। ସେହିପରି ପୁରୁଣାକଟକରୁ ବିଶାଖାପାଟଣାକୁ ଏକ ଏକ୍ସପ୍ରେସ ଟ୍ରେନ ଭୈରବୀ ଏକ୍ସପ୍ରେସ ନାମରେ ଚଳାଚଳ ପାଇଁ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ଟ୍ରେନ ଚଳାଚଳ ହେଲେ ଜିଲାବାସୀ ବ୍ୟବସାୟିକ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇପାରିବେ। ସେହିପରି ବୌଦ୍ଧ ବସଷ୍ଟାଣ୍ଡ ମଧ୍ୟରେ ଚାଲୁଥିବା



ବୌଦ୍ଧରେ ନାଗରିକ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ରେଳ ଟିକଟ ରିଜର୍ଭେସନ କାଉଣ୍ଟରକୁ ଉଠାଇନେବାକୁ ମସୁଧା ଚାଲିଥିବାବେଳେ ନାଗରିକ କମିଟି ଏହାର ପ୍ରତିବାଦ କରିବା ସହିତ ମୁଖ୍ୟଷ୍ଟେସନ ଏଠାରୁ ୪ କିଲୋମିଟର ଦୂର ହୋଇଥିବାବେଳେ ସହରବାସୀଙ୍କ ପାଇଁ ବସଷ୍ଟାଣ୍ଡ ମଧ୍ୟରେ କାର୍ଯ୍ୟକ୍ଷମ ରେଳଟିକଟ କାଉଣ୍ଟର ଅତ୍ୟନ୍ତ ଉପଯୋଗୀ ହୋଇପାରୁଛି। ନାଗରିକ କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବା ସହିତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୌଦ୍ଧ ଚାରିଛକ ମଧ୍ୟରେ ରାମ୍ବିକଟା ଠାରେ ଖୁବଶୀଘ୍ର ଟୋଲଗେଟ ଖୋଲିବାକୁ ଯାଉଥିବାବେଳେ ଜିଲାର ଗାଡିଗୁଡିକୁ ଟୋଲ ଛାଡ କରିବାକୁ ଦାବି କରାଯାଇଛି। ଆବଶ୍ୟକ ହେଲେ ଏଥିପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ବୌଦ୍ଧ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ, ବୌଦ୍ଧ କଲେଜରେ ସ୍ନାତକୋତ୍ତର ବିଭାଗ ଖୋଲିବା, ବୌଦ୍ଧ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ଡିଗ୍ରୀ ପାଠ୍ୟକ୍ରମ, ପୁରୁଣାକଟକ, ହରଭଙ୍ଗା ଓ ବାଉଁଶୁଣୀ ମହାବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନ ବିଭାଗ, ହରଭଙ୍ଗା କଲେଜରେ ଯୁକ୍ତତିନି ପାଠ୍ୟକ୍ରମ ଓ ବୌଦ୍ଧରେ ଏକ ବିଇଡି କଲେଜ ଖୋଲିବା ପାଇଁ ଦାବି କରାଯାଇଛି। ଜିଲାର ପର୍ଯ୍ୟଟନକୁ ପ୍ରୋତ୍ସାହନ ସହିତ ବନ ବିଭାଗ ପକ୍ଷରୁ ଡମ୍ବରୁଗଡ ଓ

**ବସଷ୍ଟାଣ୍ଡସ୍ଥିତ ରେଳଟିକଟ ରିଜର୍ଭେସେନ କାଉଣ୍ଟର ଉଠାଇବାକୁ ବିରୋଧ**

ମର୍ଜାକୁଦରେ ଖୋଲାଯାଇଥିବା ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା, ଅତଲସରାଠାରେ ଇକୋରିଟ୍ରିଟ ନିର୍ମାଣ, ଶିମିଳିପାଳ ଓ ଡେବ୍ରିଗଡ ଭଳି ବୌଦ୍ଧ ହରଭଙ୍ଗା ବ୍ଲକର ଅଭୟାରଣ୍ୟ ମଧ୍ୟରେ କୁଶଙ୍ଗ ଠାରୁ ଶିତଳପାଣି ଓ ପଦ୍ମତୋଳା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ବୁଲିବା ପାଇଁ ଅନୁମତି ପ୍ରଦାନ କରିବା, ବୌଦ୍ଧବାସୀଙ୍କ ସ୍ୱପ୍ନର ପ୍ରକଳ୍ପ ନନ୍ଦନବନ ପରିବେଶ ପାର୍କ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ନାଗରିକ କମିଟି ପକ୍ଷରୁ ଦାବି କରାଯିବା ସହିତ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଚାଷୀ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଜିଲାର ଚାଷୀଙ୍କ ଜୀବନ ଜୀବିକା ପାଇଁ ଗୁରୁଜୀମୁଣ୍ଡାଠାରେ ଡେମ ନିର୍ମାଣ ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରି କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ବୈଠକରେ ସହରର ଅନେକ ବୁଦ୍ଧିଜିବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି




ବୈଠକରେ ଉପସ୍ଥିତ ଅଧିକାରୀମାନେ।

ବୀରମହାରାଜପୁର, ୧୮।୬(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ବୁଧବାର ଅପରାହ୍ଣ ୨ଟା୩୦ରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଜରୁରୀକାଳୀନ ଅଧିକାରୀ ସଂଗ୍ରାମ କେଶରୀ ଜେନା ଯୋଗଦେଇ ବ୍ଲକରେ ବାତ୍ୟା, ବନ୍ୟା ଭଳି ପରିସ୍ଥିତି ଉପୁଜିଲେ ତା'ର ମୁକାବିଲା କିଭଳି ଭାବେ କରାଯାଇପାରିବ ତା' ଉପରେ ଆଲୋଚନା କରିଥିଲେ। ବନ୍ୟା ସମୟରେ ନଈ କୂଳିଆ ଅଞ୍ଚଳରେ ସଚେତନତା କରିବା ସହିତ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ପ୍ରକାରର ଔଷଧ, ଯଥା ଆଣ୍ଟିସ୍ନେକ ଭାକସିନ, ଝାଡ଼ାବାନ୍ତି ଭଳି ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଗୋଖାଦ୍ୟ, ସେମାନଙ୍କ ପାଇଁ ଆବଶ୍ୟକ ଔଷଧ, ଜରୁରୀ ସେବା ପାଇଁ ଅଗ୍ନିଶମ ବିଭାଗ, ପାନୀୟ ଜଳ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ଓ ରାଜସ୍ୱ ବିଭାଗ ସବୁବେଳେ ପ୍ରସ୍ତୁତି ରହିବାକୁ କହିଥିଲେ। ଏଥିରେ ଯେଉଁ ବିଭାଗ ଅବହେଳା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ପ୍ରଧାନ, ବ୍ଲକ ଅତିରିକ୍ତ ନିର୍ବାହୀ ଅଧିକାରୀ ସୁବନାଥ ମାଝୀ, ବ୍ଲକ ସେକ୍ସନ ଅଫିସର ଜଗଜିତ ନାଏକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରତିଭା ପ୍ରଦର୍ଶନ କଲେ କିଶୋରୀ



ମେଳାରେ କିଶୋରୀମାନଙ୍କ ସହ ଅତିଥିମାନେ।

ସୋନପୁର, ୧୮।୬(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ପ୍ରକଳ୍ପସ୍ତରୀୟ ରଜ ରଙ୍ଗ ମେଳା**

ଆଦ୍ରିକା କିଶୋରୀ ସୁଭଦ୍ରା ଦିବସ ଅବସରରେ ସୋନପୁର ପ୍ରକଳ୍ପସ୍ତରୀୟ ରଜ ରଙ୍ଗ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫ରୁ ୧୯ବର୍ଷ ବୟସର କିଶୋରୀମାନେ ମୁଁ ଆଦ୍ରିକା ରାଜ ପରବର ରାଣୀ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। କିଶୋରୀମାନେ ପାରମ୍ପରିକ ବେଶ ପୋଷାକରେ ସଜ୍ଜିତ ହେବା ସହ ରଜ ମୁକୁଟ ପିନ୍ଧି ରଜ ଦୋଳି ଖେଳିଥିଲେ। ପରେ ନୃତ୍ୟ ପରିବେଷଣ ସହ ପୁଚି ଓ ରାମ୍ପ ଶୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଙ୍ଗନୱାଡି କର୍ମୀ ଓ କିଶୋରୀମାନଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଆ ଖାଦ୍ୟ ଓ ରଜ ପିଠା ପ୍ରସ୍ତୁତ କରାଯାଇଥିଲା। ସୋନପୁର ସିଡିପିଓ ସାଗରିକା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ସୋନପୁର ବିଡିଓ ପ୍ରତୀକ କର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଓଡ଼ିଶାର ମହାନ ପରମ୍ପରା ତଥା ରଜପର୍ବ ସହ ସମନ୍ୱୟରେ ଯୁବପିଢ଼ି, ପରିଚୟ ଓ ସଶକ୍ତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ଯୋଗଦେଇ ରଜପର୍ବର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ସୁଦେଷ୍ଣା ମେହେର, ବାସନ୍ତି ଭୋଇ, ପୋଷଣ ଜିଲା ସଂଯୋଜକ ସଞ୍ଜିବ ମିଶ୍ର ଓ ସାନନ୍ଦ କର୍ମୀ ଉପସ୍ଥିତ ଥିଲେ। ରଜ କୁଇନ୍ ଏବଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କିଶୋରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୦ରେ ବୌଦ୍ଧ, ପୁରୁଣାକଟକରୁ ଗଡ଼ିବ ରେଳ

**ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଲେ ବିଧାୟକ, ଜିଲାପାଳ**

ବୌଦ୍ଧ, ୧୮।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେବାକୁ ଯାଉଛି। ଖୋର୍ଦ୍ଧା-ବଲାଙ୍ଗିର ରେଳପଥରେ ବୌଦ୍ଧ ଓ ପୁରୁଣାକଟକ ରେଳ ଷ୍ଟେଶନରୁ ଆସନ୍ତା ୨୦ ତାରିଖରେ ରେଳଗାଡ଼ି ଗଡ଼ିବ ବୋଲି ଜଣାପଡିଛି। ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ଅବସରରେ ଆଭାସୀ ଜରିଆରେ ବୌଦ୍ଧ ଓ ପୁରୁଣାକଟକରୁ ରେଳସେବାକୁ ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜଣାଯାଇଛି। ବୁଧବାର ଅପରାହ୍ଣରେ ଏନେଇ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଓ ଜିଲାପାଳ ସୁବ୍ରତ କୁମାର ପଣ୍ଡା ବୌଦ୍ଧ ମୁଖ୍ୟଷ୍ଟେଶନରେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଛନ୍ତି। ବୌଦ୍ଧ ଓ ପୁରୁଣାକଟକଠାରୁ ଏକ ସଙ୍ଗରେ ଦୁଇଗୋଟି ଟ୍ରେନ ସେବା ଆରମ୍ଭ ହେବ। ବୌଦ୍ଧ ଓ ପୁରୁଣାକଟକରୁ ଭୁବନେଶ୍ୱରକୁ ଏହି ଦୁଇଟି ଟ୍ରେନ ଚଳାଚଳ କରିବାକୁ ସ୍ଥିର ହୋଇଛି। ରେଳ ବିଭାଗ ପକ୍ଷରୁ ଷ୍ଟେଶନଗୁଡିକରେ ଏହାର ରହଣି ଓ ଛାଡିବା ସମୟ ସ୍ଥିର ହୋଇସାରିଥିବା ଜଣାଯାଇଛି। ସାପ୍ତାହିକ ଭାବରେ ଏହି ଟ୍ରେନ ଯାତ୍ରା କରିବ ବୋଲି ଜଣାପଡିଛି।

# ପ୍ରାକୃତିକ ଚାଷ ତାଲିମ ନେଲେ ୪୦ କୃଷିସଖୀ




ତାଲିମ ଶିବିରରେ ମଞ୍ଚାସୀନ କୃଷି ଅଧିକାରୀ।

ଅମରପାଲି, ୧୮।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଜନକପୁର ଗ୍ରାମରେ କୃଷି ଓ ଉଦ୍ୟାନ କୃଷି ବିଭାଗ ତରଫରୁ ବୁଧବାର ପ୍ରାକୃତିକ ଚାଷକୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ଓ ବୀରମହାରାଜପୁର କୃଷି ଅଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ପ୍ରାକୃତିକ କୃଷି ମିଶନ ଅଧିନରେ ୪୦ଜଣ କୃଷିସଖୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ଯୋଗଦେଇ ପ୍ରାକୃତିକ କୃଷିର ବହୁମୁଖୀ ଉପକାରିତା ଏବଂ କୃଷକମାନଙ୍କ ରୀତିଗତ ଅଭ୍ୟାସରୁ ପ୍ରକୃତିକ କୃଷିକୁ କିପରି ପରିବର୍ତ୍ତନ କରିବା ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଧର ଦାସ, ସହକାରୀ କୃଷି ଅଧିକାରୀ ଯଶୋବନ୍ତ ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଦର୍ଶନୀ ଝାଙ୍କର, ଗୋଷ୍ଠୀ ବୈଷୟିକ ପରିଚାଳକ ଜିତେନ୍ଦ୍ର ମେହେର ଏବଂ ଓମ କୌଶଲ୍ୟା କୃପାସିନ୍ଧୁ ଜୈବିକ ଫାର୍ମ ପରିଚାଳକ କାଳିନ୍ଦୀ ଚରଣ କର୍ଣ୍ଣ ଯୋଗଦେଇ ପ୍ରକୃତିକ ଉପାୟରେ ଚାଷ କଲେ ସମାଜ ଓ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡ଼ିବ ସେନେଇ ଉପସ୍ଥିତ କୃଷିସଖୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ତାଲିମାର୍ଥୀମାନଙ୍କୁ ଉଦ୍ୟାନ ଓ କୃଷି ବିଭାଗ ସହିତ ପ୍ରାକୃତିକ ଚାଷ ଉପରେ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଉଭୟ ତତ୍ତ୍ୱଭିତ୍ତିକ ଜ୍ଞାନ ଏବଂ ପ୍ରୟୋଗିକ ତାଲିମ ଦିଆଯାଇଛି । ପ୍ରକୃତିକ ଚାଷ ପାଇଁ ବୀରମହାରାଜପୁର ବ୍ଲକରେ ପ୍ରତି କୃଷିସଖୀମାନଙ୍କୁ ୨୫ ହେକ୍ଟର ଆୟତନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ମହାନଦୀ ଆଜି ବି ସଙ୍କଟରେ




ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଓ ଅନ୍ୟମାନେ।

ବୌଦ୍ଧ, ୧୮।୬(ଅଜିତ କୁମାର ବାରିକ)

**ମହାନଦୀ ସୁରକ୍ଷା ନେଇ ବୌଦ୍ଧରେ ଖବରଦାତା ସମ୍ମିଳନୀ**

ମହାନଦୀ ଜଳ ବିବାଦ ସମସ୍ୟା ଓ ସମାଧାନ ପାଇଁ ବୌଦ୍ଧ ନାଗରିକ ମଞ୍ଚ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ଶିବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଯୋଗଦେଇ ଓଡିଶାର ଜୀବନରେଖା ମହାନଦୀ ଆଜିବି ସଙ୍କଟରେ ବୋଲି ମତବ୍ୟକ୍ତ କରିଥିଲେ। ଦାସ ଆନ୍ଦୋଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ । ମହାନଦୀ ପାଣିକୁ ନେଇ ଓଡ଼ିଶା ଓ ଛତିଶଗଡ଼ ସରକାର ମଧ୍ୟରେ ଦୀର୍ଘ ବର୍ଷ ହେବ ବିବାଦ ଲାଗିରହିଥିବା ବେଳେ ଏହାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଏହି ଜଳ ବିବାଦରେ କେନ୍ଦ୍ର ସରକାର ହସ୍ତକ୍ଷେପ ପରେବି ଏହାର କିଛି ସମାଧାନର ବାଟ ବାହାରିନାହିଁ । ଏହି ଜଳ ବିବାଦ ଟ୍ରିବ୍ୟୁନାଲ ପାଖରେ ରହିଥିବା ବେଳେ ସମାଧାନ ହୋଇପାରୁନାହିଁ। ବର୍ତ୍ତମାନ କେନ୍ଦ୍ରରେ ଯେଉଁ ସରକାର, ଛତିଶଗଡରେ ସେହି ସରକାର ଓ ଓଡିଶାରେ ସେହି ସରକାର କହିବାକୁ ଗଲେ ଗୋଟିଏ ସରଳରେଖାରେ ଅଛନ୍ତି। ଏଣୁ ଏହାର ସମାଧାନ ପାଇଁ ତତ୍ପର ପ୍ରକାଶ କରିବା ଜରୁରି ପଦକ୍ଷେପ ନେବା ଆବଶ୍ୟକ ବୋଲି କହିବା ସହ ଏକାଠି ହେଲେ ଏହାର ସମାଧାନ ହୋଇପାରିବ। ମହାନଦୀରେ ଅଣ ମୌସୁମୀ ସମୟରେ ଯେତିକି ପାଣି ରହିବା କଥା ତାହା ଆଜି ରହୁନାହିଁ। ରାଜ୍ୟରେ ମହାନଦୀ କୂଳରେ ୧୫ଟି ଜିଲାର ନାଳନର୍ଦ୍ଦମା ପାଣି ମିଶୁଥିବା ବେଳେ ଏନେଇ ପ୍ରଶାସନ ଓ ପୌରାଞ୍ଚଳର ଅଧିକାରୀମାନେ ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ। ଏହା ସହ ମହାନଦୀରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ମାଛ ମରାଯାଉଥିବା ନେଇ ମଧ୍ୟ ମହାନଦୀର କ୍ଷତି ହେଉଥିବା ଦାସ କହିଥିଲେ। ଏହା ସହ ମହାନଦୀର ଅବାହିକାରେ ଜଙ୍ଗଲ ସୃଷ୍ଟି କରିବାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଇଂ. ସଞ୍ଜୟ କୁମାର ପଣ୍ଡା, ନବ କୁମାର ମିଶ୍ର, ଦେବାଶିଷ ପୁରୋହିତ, ପ୍ରଭାତ ସାହୁ, ସୁଧିର କର୍ଣ୍ଣ, ବିଜୟ ପ୍ରଧାନ, ବିରଜା ମହାପାତ୍ର ମହାନଦୀ ସୁରକ୍ଷା ନେଇ ମତ ରଖିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ବୌଦ୍ଧ ଶାଖା ଗଠନ କରାଯାଇଥିଲା । ଶେଷରେ ବିଶ୍ୱନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଖବରଦାତା ସମ୍ମିଳନୀରେ ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଭାଜପାର ମଣ୍ଡଳସ୍ତରୀୟ କର୍ମଶାଳା




ମେଘେଲା ମଣ୍ଡଳସ୍ତରୀୟ କର୍ମଶାଳାରେ ଉପସ୍ଥିତ ଭାଜପା ନେତୃବର୍ଗ।

ବିନିକା, ୧୮।୬ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା କଲ୍ୟାଣ ମଣ୍ଡପରେ ବୁଧବାର ଭାଜପା ମେଘେଲା ଓ ଚରଦେଇ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମେଘେଲା ମଣ୍ଡଳ କର୍ମଶାଳା ମଣ୍ଡଳ ସଭାପତି ଦାମୋଦର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମଣ୍ଡଳ ପ୍ରଭାରୀ ଉସତ କର, ଭାଜପା ଜିଲା ଉପସଭାପତି ଅଶୋକ ପୃଷ୍ଟି, ଜିଲ୍ଲା ପରିଷଦ ସଭ୍ୟା ପ୍ରମିଳା ଅଳତା, ପୂର୍ବତନ ଜିଲା ପରିଷଦ ସଭ୍ୟା ରୋହିଣୀ ଡାଙ୍ଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ଚରଦେଇ ମଣ୍ଡଳ ସଭାପତି ଉଦ୍ଧବ ମହାକୁର, ଭାଗିରଥି ବାଘ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୋମ୍ୟରଞ୍ଜନ ନାଏକ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୧ ବର୍ଷର ସଫଳତା ଓ ରାଜ୍ୟ ସରକାରଙ୍କ ୧ ବର୍ଷରେ ସଫଳତାର ଉପରେ କହିବା ସହ ଲୋକଙ୍କ ପାଖରେ ପହଞ୍ଚିଇବାକୁ ଆହ୍ୱାନ ଦିଆଯାଇଥିଲା। ଉଭୟ ମଣ୍ଡଳ ପକ୍ଷରୁ କିପରି ଚାଷୀ ମାନଙ୍କ ରବି ଧାନ ଠିକରେ ଉଠିବ ସେନେଇ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଅବଗତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ସେହିଭଳି ଚରଦେଇ ମଣ୍ଡଳ ସଭାପତି ଉଦ୍ଧବ ମହାକୁରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା।

## ଦିବ୍ୟାଙ୍ଗଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ବ୍ରଜରାଜନଗର,(ବିଜୟ ବରାଡ଼): ବ୍ରଜରାଜନଗର ପୌରାଞ୍ଚଳ ଅଧୀନ ୨ ନମ୍ବର ୱାର୍ଡରେ ଥିବା ରାମଗଡ଼ ଅଙ୍ଗନୱାଡି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ୟ ସଙ୍ଗଠନର ସଭାପତି କିରଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଏଥିରେ ଦିବ୍ୟାଙ୍ଗଙ୍କ ଡକ୍ୟୁମେଣ୍ଟ ରେଜିଷ୍ଟ୍ରେଶନ କରିବା, ସାର୍ଟିଫିକେଟ ଚେକ୍ କରିବା, ସେମାନଙ୍କ ପାଇଁ ବସ୍ ଓ ଟ୍ରେନ୍‌ରେ ପାସ୍ ବ୍ୟବସ୍ଥା କରାଇବା ସହ ସରକାରୀ ସୁବିଧା ଯୋଗାଇଦେବା ଉପରେ ସଚେତନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ନଳିନୀ ନାୟକ, ରଞ୍ଜିତା ନାୟକ ଓ ରୁକ୍‌ସାନା ବେଗମ୍ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଦୁର୍ବଳ ବନ୍ଧ ମରାମତି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଦେବଗଡ଼,୧୮।୬(ଶଶାଙ୍କ ଶେଖର ଝାଙ୍କର)**


ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ।

### ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ

ମୌସୁମୀ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଏଭଳି ପରିସ୍ଥିତିର ସମ୍ମୁଖୀନ ହେବା ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟଖସଡ଼ା ପ୍ରସ୍ତୁତକରି ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ, କିରୋସିନ, ଆବଶ୍ୟକ ବିହନ, କୀଟନାଶକ ଏବଂ ସାର ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ଦୁର୍ବଳ ଥିବା ବନ୍ଧ, ପୋଲ ଏବଂ ରାସ୍ତା ମରାମତି ନିମନ୍ତେ ପଦକ୍ଷେପ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ନଳକୂପଗୁଡ଼ିକର ବିଶୋଧନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ସଦର ମହକୁମା ଡାକ୍ତରଖାନା, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାବଶ୍ୟକ ଔଷଧ, ଓଆର୍‌ଏସ୍ ପ୍ୟାକେଟ୍ ଏବଂ ସାପକାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଉପଜିଲାପାଳ ପରିକ୍ଷିତ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ହେମନ୍ତ ସିଂ, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ତାପସ ମହାନ୍ତ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଅଧିକାରୀ ଓ ଅନ୍ୟମାନେ।

**ଝାରସୁଗୁଡ଼ା,୧୮।୬(ଆଶିଷ ରଞ୍ଜନ ଦାଶ)**

ମୌସୁମୀ ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟେବୁଲ ଟପ୍ ଅଭ୍ୟାସ ପାଇଁ କୁହାଯାଇଛି। ଏଥିରେ ସମସ୍ତ ଲାଇନ୍ ବିଭାଗ ଅଧିକାରୀ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ସେମାନଙ୍କ ପ୍ରସ୍ତୁତି ପ୍ରଦର୍ଶନ କରିଥିଲେ। ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ଶୁଭମ୍ ତମାଙ୍ଗଙ୍କୁ ଓସ୍‌ଡମା ଦ୍ୱାରା ନିଯୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ୫ଟି ବ୍ଲକ ଏବଂ ୩ଟି ପୌରପାଳିକାର ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ ସେମାନଙ୍କ କାର୍ଯ୍ୟାଳୟରେ ଟେବୁଲ ଟପ୍ ଅଭ୍ୟାସ ଆୟୋଜନ କରାଯାଇଥିଲା। ଗୁରୁବାର ଲଖନପୁର ବ୍ଲକର ମହୁଦି ଏବଂ କନକତୋରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ କରାଯିବ। ଜିଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନବୀକରଣ ଗୋଶାଳା ଉଦ୍‌ଘାଟିତ

**ଝାରସୁଗୁଡ଼ା,୧୮।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ପୌରାଞ୍ଚଳର ମାରୱାଡି ପଡ଼ାଠାରେ ଥିବା ଗୋଶାଳାର ନବୀକରଣ କାର୍ଯ୍ୟ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇଛି। ଏହି ଅବସରରେ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୀର୍ଘବର୍ଷର ପୁରୁଣା ଗୋଶାଳାର ନବୀକରଣ ପ୍ରକ୍ରିୟାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ କହିଛନ୍ତି, ଏହି ଗୋଶାଳାର ଉନ୍ନତି ପାଇଁ ଅଞ୍ଚଳବାସୀଙ୍କ ବହୁ ସାହାଯ୍ୟ ସହଯୋଗ ରହିଛି। ଏହାର ଉନ୍ନତି ନିମନ୍ତେ ଅନେକ ଯୋଜନା ହାତକୁ ନିଆଯିବ। ଜିଲାରେ ଗୋସେବା, ଗୋପାଳନ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସବ୍‌ସିଡି ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ବିଧାୟକ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ନୀଲମ୍ ସିଂ, ଏଚ୍‌ଓଡି ସିଭିଲ ମିହିର ମିଶ୍ର, ସିଏସ୍‌ଆର୍ ବିଶାଳ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଗୋଶାଳା ସଭାପତି ସନ୍ଦୀପ ଅବସ୍ଥି ସଭାପତିତ୍ୱ କରିଥିଲେ।


ବିଧାୟକ ଟଙ୍କଧର ତ୍ରିପାଠୀ ନବୀକରଣ ଗୋଶାଳାକୁ ଉଦ୍‌ଘାଟନ କରୁଛନ୍ତି।



ଝାରସୁଗୁଡ଼ାସ୍ଥିତ ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ବିକାଶ ମେଳାର ବୁଧବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

**ଝାରସୁଗୁଡ଼ା,୧୮।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାସ୍ଥିତ ବିଟିଏମ୍ ପଡ଼ିଆରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ବିକାଶ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବିକାଶ ମେଳାରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମୂହକୁ ନେଇ ଷ୍ଟଲ୍ ମାଧ୍ୟମରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଥିସହ ପ୍ରତିଦିନ ବିଭିନ୍ନ ବିଭାଗ ପକ୍ଷରୁ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅତିଥି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୁଧବାର ସନ୍ଧ୍ୟା ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଷ୍ଟଲ୍ ପାଇଁ ଉଦ୍ୟାନ କୃଷି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ କର୍ମଶାଳା ଆୟୋଜନ ଲାଗି ଜିଲା ସମାଜ ମଙ୍ଗଳ ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧୀରଜ ରୋଶନ ପ୍ରଧାନ ଓ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲିସ୍ ପଟେଲ, ରାଜେଶ ସେଠ୍, ରୁଦ୍ରନାରାୟଣ ଦାଶ, ମହମ୍ମଦ ସହାନବାଜ ଓ ଅଙ୍କିତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୯୫ ପ୍ରତିଶତ ଦିବ୍ୟାଙ୍ଗ ଉଜ୍ଜ୍ୱଳ ପାଇଲେ ୩୫୦୦ ଟଙ୍କା ଭତ୍ତା

**ଝାରସୁଗୁଡ଼ା,୧୮।୬(ଆଶିଷ ରଞ୍ଜନ ଦାଶ)**

**ଧରିତ୍ରୀ ପ୍ରଭାବ**

ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ସରବାହାଲ ୧ ନମ୍ବର ୱାର୍ଡରେ ରହୁଥିବା ଦିବ୍ୟାଙ୍ଗ ଉଜ୍ଜ୍ୱଳ ତନ୍ତି ୩,୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ଯେଉଁମାନେ ୮୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ପାଇଥିବେ ସେମାନଙ୍କୁ ୩,୫୦୦ ଭତ୍ତା ପ୍ରଦାନ ପାଇଁ ସରକାରୀ ନିୟମ ରହିଛି। ଏହି ନିୟମ ଅନୁଯାୟୀ ଉଜ୍ଜ୍ୱଳ ୯୫ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ୩,୫୦୦ ଭତ୍ତା ପାଉ ନ ଥିଲେ। ଏନେଇ ଉଜ୍ଜ୍ୱଳଙ୍କ ବାପା ସୁରେନ୍ଦ୍ର ଝାରସୁଗୁଡ଼ା ପୌରପରିଷଦରେ ଅଭିଯୋଗ କରିଥିଲେ। ପରିଷଦର ଅଧିକାରୀମାନେ ଉଜ୍ଜ୍ୱଳଙ୍କ ପ୍ରମାଣପତ୍ରକୁ ଡିଜିଟାଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ସୁରେନ୍ଦ୍ର ଏହି ପ୍ରମାଣପତ୍ରକୁ ଡିଜିଟାଲ କରି ୫ ମାସ ହେବ ପୌରପରିଷଦରେ ଦାଖଲ କରିଥିଲେ ମଧ୍ୟ ଉଜ୍ଜ୍ୱଳଙ୍କୁ ୩,୫୦୦ ଟଙ୍କା ମିଳି ନ ଥିଲା। ଏ ସମ୍ପର୍କରେ ଗତ ୧୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉଜ୍ଜ୍ୱଳଙ୍କ ଭତ୍ତା ପାଇଁ ତାଙ୍କ ମା' ସୈରେନ୍ଦ୍ରୀ ଏବଂ ବାପା ସୁରେନ୍ଦ୍ର ଧରିତ୍ରୀ ମାଧ୍ୟମରେ ପ୍ରଶାସନକୁ ଜଣାଇଥିଲେ। ଝାରସୁଗୁଡ଼ା ପୌର ପରିଷଦ ଏହା ଉପରେ ତୁରନ୍ତ ବିଚାରକରି ସୋମବାର ଉଜ୍ଜ୍ୱଳଙ୍କୁ ୩,୫୦୦ ଟଙ୍କା ଭତ୍ତା ପ୍ରଦାନ କରିଛି। ସେ ୩,୫୦୦ ଟଙ୍କା ଭତ୍ତା ପାଇଥିବାରୁ ତାଙ୍କ ମା'ବାପା ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

# ପରିବେଶଗତ ଆଇନ ପାଇଁ ସମ୍ମାନିତ ହେଲେ ଅଙ୍କିତା

**ଭୁବନେଶ୍ୱର,୧୮।୬(ବନ୍ଦନା ସେଠୀ)**

ପରିବେଶଗତ ଆଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଦେବଗଡ଼ର ଅଙ୍କିତା ଗଙ୍ଗ ଦେବ। ଏଥିପାଇଁ ତାଙ୍କୁ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ମୁମ୍ବାଇ(ଆଇଆଇଟି ମୁମ୍ବାଇ) ପକ୍ଷରୁ ସମ୍ମାନିତ କରାଯାଇଛି। 'ବୈଦିକ ସଂସ୍କୃତି ଏବଂ ପରିବେଶଗତ ନ୍ୟାୟଶାସ୍ତ୍ର:ଏକ ତୁଳନାତ୍ମକ ବିଶ୍ଳେଷଣ' ଉପରେ ପ୍ରସ୍ତୁତ ତାଙ୍କର ସନ୍ଦର୍ଭ ଉପସ୍ଥାପନା ସମସ୍ତଙ୍କ ଦ୍ୱାରା ପ୍ରଶଂସା ପାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହ ଅଙ୍କିତାଙ୍କ କଠିନ ପରିଶ୍ରମ ଏବଂ ପରିବେଶଗତ କାରଣ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଥିଲା। ପରିବେଶଗତ ଆଇନ ଏବଂ ନୀତି କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକାର କରି ତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଙ୍କିତାଙ୍କ ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଦେଇଛି।


ଆଇଆଇଟି ମୁମ୍ବାଇ ପକ୍ଷରୁ ଦେବଗଡ଼ର ଅଙ୍କିତା ଗଙ୍ଗ ଦେବଙ୍କୁ ସମ୍ମାନିତ କରାଯାଉଛି।

# ଚାପମୁକ୍ତ ହେବ ବିଟିଓଏ ନିର୍ବାଚନ

**ବ୍ରଜରାଜନଗର,୧୮।୬(ବିଜୟ ବରାଡ଼)**

ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ(ବିଟିଓଏ)ର ନିର୍ବାଚନ ଆସନ୍ତା ଜୁଲାଇ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବ। ଏନେଇ ସ୍ପଷ୍ଟ କରିଛନ୍ତି ବର୍ତ୍ତମାନର ସଂଘ ସଭାପତି ଦେବପ୍ରସାଦ ଦାସ। ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ସଭ୍ୟ ସଂଖ୍ୟା ସାର୍ବଜନୀନ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ସଦସ୍ୟତାକୁ ନେଇ ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ରଜରାଜନଗର ୟୁଥ୍ ଏଗ୍ରେଷ୍ଟ କରପ୍‌ଶନର ସଦସ୍ୟ ରବି ସୋନି ଏହି ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ତରଫରୁ ଏଡିଏମ୍ କିଶୋର ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ସଦସ୍ୟତା ଯାଞ୍ଚ କରିବା ଲାଗି ବିଟିଓଏକୁ ଚିଠି କରିଥିଲେ। ବର୍ତ୍ତମାନ ଯେଉଁ ସଦସ୍ୟ ଅଛନ୍ତି ସେମାନଙ୍କ ନାମ ଦେବା ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ଏ ସମ୍ପର୍କରେ ସଂଘ ସଭାପତି ଦାସ କହିଛନ୍ତି, ଏବେ ସଂଘର ସଦସ୍ୟ ସଂଖ୍ୟା ୭୬୦ ରହିଛି। ଚଳିତବର୍ଷ କୌଣସି କାରଣ ପାଇଁ ଯେଉଁ ସଦସ୍ୟଙ୍କ ମୃତ୍ୟୁ ଘଟିଛି, ଯେଉଁମାନେ ଗାଡ଼ି ବିକ୍ରି କରିଛନ୍ତି କିମ୍ବା ବ୍ରଜରାଜନଗର ଛାଡ଼ି ଅନ୍ୟଆଡ଼େ ଚାଲିଯାଇଛନ୍ତି ସେମାନଙ୍କ ସଦସ୍ୟତା ରଦ୍ଦ କରାଯିବ। କିନ୍ତୁ ସେମାନଙ୍କ ଜାଗାରେ ନୂତନ ସଦସ୍ୟଙ୍କୁ ନିଆଯିବ ନାହିଁ। ଫଳରେ ଚଳିତବର୍ଷ ନିର୍ବାଚନରେ ସଦସ୍ୟଙ୍କ ସଂଖ୍ୟା ୭୬୦ରୁ କମ୍ ରହିବ। ସଂଘ ଚଳାଇବାକୁ ବିଭିନ୍ନ ସମୟରେ ବଡ଼ବଡ଼ିଆଙ୍କ ଚାପ ରହୁଛି। ତେଣୁ ଚଳିତ ନିର୍ବାଚନକୁ ଚାପମୁକ୍ତ ସହ ସଦସ୍ୟଙ୍କ ସଂଖ୍ୟା ସ୍ୱଚ୍ଛ ରହିବ ବୋଲି ସେ କହିଛନ୍ତି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବେଲପାହାଡ଼ ମିରର୍ ଥିଏଟର ପକ୍ଷରୁ ପରିବେଷିତ ନାଟକ 'ରମାଦେବୀ'ର ଏକ ଦୃଶ୍ୟ।

# ୩୭୬ ହିତାଧିକାରୀ ପାଇଲେ ଜମିପଟ୍ଟା

**ଦେବଗଡ଼,୧୮।୬(ଶଶାଙ୍କ ଶେଖର ଝାଙ୍କର)**

### ବିକାଶ ମେଳାର ୬ଷ୍ଠ ଦିବସ

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଦେବଗଡ଼ ଜିଲା ପ୍ରଧାନପାଟ ବଡ଼ବଗିଚାଠାରେ ବିକାଶ ମେଳା ଅନୁଷ୍ଠିତ ହେଉଛି। ବୁଧବାର ଏହାର ଷଷ୍ଠ ଦିବସ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅବକାରୀ ଅଧୀକ୍ଷକ ବାସନ୍ତୀପ୍ରଭା ନାଏକ, ଡିଭିଜନାଲ ଲେବର କମିଶନର ଇତିଶ୍ରୀ ଗାଗରାଇ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଜିଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜିଲା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବସୁନ୍ଧରା ଯୋଜନାରେ ଗ୍ରାମାଞ୍ଚଳର ୩୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଶ୍ରମ ବିଭାଗର ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ତରଫରୁ ୭୦ ଜଣଙ୍କୁ ପରିଚୟ ପତ୍ର, ରିଆମାଳ ବ୍ଲକ ଗମ୍ଭାରୀପାଳ ଗ୍ରାମର ପ୍ରତାପ ବିଶ୍ୱାଳ, ସତ୍ୟନାରାୟଣ ବେହେରା, ପୌରପରିଷଦ ଗୁରୁଡିପା ସାହିର ଚନ୍ଦ୍ରଶେଖର ପାତ୍ର, ବାରକୋଟ ବ୍ଲକ ବଲମ ଗ୍ରାମର ସରସ୍ୱତୀ କିଶାନଙ୍କୁ ମୃତ୍ୟୁକାଳୀନ ସହାୟତା ପାଇଁ ଦୁଇ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ପଙ୍କଜିନୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ଟି ବ୍ଲକ ଅଞ୍ଚଳର ବହୁସଂଖ୍ୟକ ଶ୍ରମିକ ଓ ଜନସାଧାରଣ ଯୋଗଦେଇଥିଲେ।


ବିକାଶ ମେଳାରେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଛି।

# ବର୍ଷାରେ ସୁକର ବଜାର ରାସ୍ତା କର୍ଦ୍ଦମାକ୍ତ

### ବ୍ୟବସାୟୀ, ଗ୍ରାହକ ହଇରାଣ

**ଝାରସୁଗୁଡ଼ା,୧୮।୬(ଆଶିଷ ରଞ୍ଜନ ଦାଶ)**

ଲଗାଣ ବର୍ଷା ଯୋଗୁ ଝାରସୁଗୁଡ଼ା ସହରର ସବୁଠୁ ବଡ଼ ସୁକର ବଜାର ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି। ଏଥିଯୋଗୁ ବ୍ୟବସାୟୀ ଓ ଗ୍ରାହକମାନେ ହଇରାଣ ହେଉଛନ୍ତି। ସୂଚନା ଅନୁଯାୟୀ, ସୁକର ବଜାରକୁ ସମ୍ବଲପୁର ଜିଲା ବାମରା, କୋଲକାତାର ହାୱଡ଼ା, ବରଗଡ଼, ଛତିଶଗଡ଼ ରାଜ୍ୟର ରାୟଗଡ଼ ଅଞ୍ଚଳରୁ ଶତାଧିକ ବ୍ୟବସାୟୀ ପନିପରିବା, ଫୁଲ, ପାଳଛତୁ ଆଦି ବିକ୍ରି କରିବା ପାଇଁ ଆସିଥାନ୍ତି। ହେଲେ ଏହି ବଜାରର ଚତୁଃପାର୍ଶ୍ୱରେ ରେଲ୍‌ୱେ କାମ ଚାଲିଥିବାରୁ ବଜାର ରାସ୍ତା କାଦୁଅମୟ ହେବାସହ ପାଣି ଜମିରହିଛି। ଫଳରେ ଗ୍ରାହକ ବିଭିନ୍ନ ସାମଗ୍ରୀ କିଣିବାବେଳେ ଗୋଡ଼, ହାତ ଅପରିଷ୍କାର ହୋଇଯାଉଛି। ସେହିପରି ବ୍ୟବସାୟୀମାନେ କାଦୁଅ ଯୋଗୁ ସେମାନଙ୍କ ବିକ୍ରି ସାମଗ୍ରୀ ଭଲ ଭାବରେ ରଖିପାରୁନାହାନ୍ତି। ଅପରିଷ୍କାର ପରିବେଶ ଯୋଗୁ ଅଧିକାଂଶ ଗ୍ରାହକ ଏହି ବଜାରକୁ ଆସିବା ପାଇଁ ରାଜି ହେଉନାହାନ୍ତି। ଏଥିଯୋଗୁ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ତେଣୁ ପାଣିକାଦୁଅ ଜମିଥିବା ସ୍ଥାନରେ ପ୍ରଶାସନ ତୁରନ୍ତ ମାଟି କିମ୍ବା ମୋରମ ପକାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ବର୍ଷା ଯୋଗୁ ସୁକର ବଜାର ରାସ୍ତାରେ ପାଣି ଜମିରହିବା ସହ କାଦୁଅ ହୋଇଯାଇଛି।

# ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବେ

**ହେଡିଂଲେ,୧୮।୬(ପି.ଟି.)**

ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଶୁବମନ ଗିଲ ନଂ-୪ ଓ ଉପ ଅଧିନାୟକ ରିଷଭ ପନ୍ତ ନଂ-୫ ପୋଜିଶନରେ ବ୍ୟାଟିଂ କରିବେ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପନ୍ତ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ଅବସର ଯୋଗୁ ନଂ-୪ ପୋଜିଶନ ଲାଗି ନୂଆ ବ୍ୟାଟର ଖୋଜିବା ବାଧ୍ୟତାମୂଳକ ଥିଲା। ଏହି ପୋଜିଶନରେ ଗିଲ୍ ବ୍ୟାଟିଂ କରିବେ।

ମୋ ମତରେ ନଂ-୩ ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ନେଇ ଏବେ ବି ଆଲୋଚନା ଚାଲିଛି। କିନ୍ତୁ ନଂ-୪ ଓ ୫ ବ୍ୟାଟିଂ ପୋଜିଶନ ଫିକ୍ସ ରଖାଯାଇଛି। ମୋ ମତରେ ଶୁବମନ ନଂ-୪ ଏବଂ ମୁଁ ପଞ୍ଚମ କ୍ରମରେ ବ୍ୟାଟିଂ କରିବୁ। ବଳକା ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ସମ୍ପର୍କରେ ଆମେ ଚର୍ଚ୍ଚା ଜାରି ରଖିଛୁ ବୋଲି ପନ୍ତ କହିଛନ୍ତି। ଏତଦ୍ ବ୍ୟତୀତ ଅଧିନାୟକ ଗିଲ୍‌ଙ୍କ ସହ ବନ୍ଧୁତା ସମ୍ପର୍କରେ ପନ୍ତ ପ୍ରକାଶ କରିଛନ୍ତି ଯେ, ଗିଲ ଓ ମୁଁ ଫିଲ୍ଡ ବାହାରେ ବହୁତ ଭଲ ବନ୍ଧୁ। ଯଦି ଫିଲ୍ଡ ବାହାରେ ତୁମେ ଭଲ ବନ୍ଧୁ, ତେବେ ତାହା ଫିଲ୍ଡରେ ମଧ୍ୟ ଦେଖାଯିବ। ଆମେ ପରସ୍ପର ସହିତ ସହଜ ଅନୁଭବ କରୁ ଏବଂ ବହୁତ କଥା ହେଉ। ଗତ ୧୯ ବର୍ଷରେ ପ୍ରଥମ ଥର ପାଇଁ ଇଂଲଣ୍ଡ ଦଳ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ପନ୍ତ କହିଛନ୍ତି ଯେ, ଆଣ୍ଡରସନ ଓ ବ୍ରଡ ଏଥର ନଖେଳିବା ଆମ ପାଇଁ ନିଶ୍ଚିତ ଭାବେ ଭଲ ଖବର।



ଖବରଦାତା ସମ୍ମିଳନୀରେ ରିଷଭ ପନ୍ତ।

କାରଣ ସେମାନେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡ ପାଇଁ ଖେଳୁଥିଲେ। ମୁଁ କେବଳ ଦୁଇଟି ଟୁରରେ ସେମାନଙ୍କ ବିପକ୍ଷରେ ଖେଳିଛି। କିନ୍ତୁ ସେମାନଙ୍କ ଅନୁପସ୍ଥିତି ପରେ ବି ଇଂଲଣ୍ଡ ନିକଟରେ ଯଥେଷ୍ଟ ଦକ୍ଷ ପେସ ବୋଲର ରହିଛନ୍ତି। ଆମେ କାହାକୁ ବି ହାଲୁକା ଭାବେ ନେବାକୁ ଚାହୁଁନୁ। କାରଣ ଆମ ଦଳରେ ପ୍ରାୟ ଯୁବ ଖେଳାଳି ରହିଛନ୍ତି। ସେମାନେ ଏବେ ବି ନିଜକୁ କ୍ରିକେଟର ଭାବେ ଇମ୍ପ୍ରୁଭ କରୁଛନ୍ତି। କିନ୍ତୁ ଆମକୁ କ୍ରିକେଟ ଖେଳିବାର ଅଛି ଏବଂ ଦରକାର ଥିଲା ବେଳେ ପ୍ରତିପକ୍ଷ ବୋଲରଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିବାକୁ ପଡ଼ିବ।





ହେଡିଂଲେରେ ବୁଧବାର ଭାରତୀୟ ଦଳର ନେଟ୍ସ ସେସନରେ ଅଧିନାୟକ ଶୁବମନ ଗିଲ୍ ଓ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଆଲୋଚନା। ଯଶପ୍ରୀତ୍ ବୁମ୍‌ରାଙ୍କ ଅଭ୍ୟାସ।

# ଗ୍ରୁପ୍-୧ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ, ୧୮।୬**

**ଜୁନ୍ ୧୪ରେ ପାକିସ୍ତାନକୁ ଭେଟିବ ଭାରତ**

ଇଂଲଣ୍ଡରେ ହେବାକୁଥିବା ୨୦୨୬ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ଓ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଆଉ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୧ରେ ଖେଳିବେ। ଆୟୋଜକ ଇଂଲଣ୍ଡ, ଗତଥରର ଚାମ୍ପିୟନ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଅନ୍ୟ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୨ରେ ସ୍ଥାନ ପାଇବେ। ଓଭାଲରେ ୨ଟି ଯାକ ସେମିଫାଇନାଲ ଏବଂ ଲର୍ଡ୍ସରେ ଫାଇନାଲ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡର ୭ଟି ଭେନ୍ୟୁରେ ଏହା ୨୪ ଦିନଧରି ଖେଳାଯିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଭାଲ ଏବଂ ଲର୍ଡ୍ସ ବ୍ୟତୀତ ମ୍ୟାଚ୍‌ଗୁଡ଼ିକ ଓଲ୍ଡ ଟ୍ରାଫୋର୍ଡ, ହେଡିଂଲେ, ସାଉଥ୍ୟାମ୍ପଟନ, ବ୍ରିଷ୍ଟଲ ଓ ଏଜ୍‌ବାଷ୍ଟନରେ ୩ଟି ଭିନ୍ନ ଭିନ୍ନ ସମୟ ପୂର୍ବାହ୍ନ ୧୦ଟା ୩୦, ଅପରାହ୍ନ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଜୁନ୍ ୧୨ରେ ଉଦ୍‌ଘାଟନୀ ମ୍ୟାଚ୍ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନଠାରେ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ସେମିଫାଇନାଲର ରିମ୍ୟାଚ୍ ସଦୃଶ ହେବ। ଚାମ୍ପିୟନ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ସାଉଥ୍ୟାମ୍ପଟନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ଅଷ୍ଟ୍ରେଲିଆ ୨୦୨୪ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ। ଜୁନ୍ ୧୪ରେ ଏଜ୍‌ବାଷ୍ଟନରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍-୧ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରେ ଜୁନ୍ ୨୧ରେ ମାଞ୍ଚେଷ୍ଟରରେ ଭାରତ-ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ଲର୍ଡ୍ସଠାରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ହେବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ପ୍ରତିଯୋଗିତାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ହେବ। ସେହିପରି ପାକିସ୍ତାନ ଜୁନ୍ ୧୭ରେ ଦକ୍ଷିଣ ଆଫ୍ରିକା ଓ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ।

ଗ୍ରୁପ୍-୨ରେ ଥିବା ଇଂଲଣ୍ଡ ଏହାର ମ୍ୟାଚ୍‌ଗୁଡ଼ିକ ୫ଟି ଭେନ୍ୟୁରେ ଖେଳିବ। ଏହି ଦଳ ଜୁନ୍ ୨୪ରେ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ଓ ୨୭ରେ ଓଭାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଶ୍ରୀଲଙ୍କା ଜୁନ୍ ୧୬ରେ ସାଉଥ୍ୟାମ୍ପଟନରେ ନ୍ୟୁଜିଲାଣ୍ଡ ଓ ୨୧ରେ ବ୍ରିଷ୍ଟଲରେ ୱେଷ୍ଟଇଣ୍ଡିଜ ସହିତ ମୁକାବିଲା କରିବ। ଆୟୋଜକ ଇଂଲଣ୍ଡ ଏବଂ ୨୦୨୪ ବିଶ୍ୱକପ୍‌ର ଟପ୍-୫ ଦଳ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସ୍ୱାଭାବିକଭାବେ ଯୋଗ୍ୟତା ହାସଲ କରିଛନ୍ତି। ପାକିସ୍ତାନ ଓ ଶ୍ରୀଲଙ୍କା ସେହିବର୍ଷ ଅକ୍ଟୋବର ୨୧ ବେଳକୁ ପରବର୍ତ୍ତୀ ୨ ଶ୍ରେଷ୍ଠ ର୍ୟାଙ୍କପ୍ରାପ୍ତ ଦଳ ଥିବାରୁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ୪ଟି ଦଳ ୨୦୨୬ ପ୍ରାରମ୍ଭରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଆସିବେ। ୧୦ ଦଳକୁ ନେଇ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ବାଂଲାଦେଶ, ସ୍କଟ୍‌ଲାଣ୍ଡ, ଆମେରିକା, ନେପାଳ ଓ ଥାଇଲାଣ୍ଡ ମନୋନୀତ ହୋଇସାରିଛନ୍ତି। ୟୁରୋପ, ଆଫ୍ରିକା ଏବଂ ଇଷ୍ଟ ଏସିଆ-ପାସିଫିକ କ୍ୱାଲିଫାୟର୍ସଗୁଡ଼ିକ ହେବାକୁ ବାକିଅଛି।

# କଙ୍ଗନା ବ୍ରାଣ୍ଡ୍ ଆମ୍ବାସାଡର

**ନୂଆଦିଲ୍ଲୀ,୧୮।୬(ପି.ଟି.)**

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ବୁଧବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି। ଏହି ଟୁର୍ନାମେଣ୍ଟ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ନୂଆଦିଲ୍ଲୀରେ ହେବ। 'ଫ୍ୟାଶନ' ଓ 'କ୍ୱିନ୍' ଭଳି ଫିଲ୍ମରେ ନିଜ ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୩୯ ବର୍ଷୀୟା କଙ୍ଗନା ବର୍ତ୍ତମାନ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଏମ୍‌ପି ଅଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ପ୍ରତ୍ୟେକ ଦିନ ଯାହା ସମ୍ଭବ ତାହା କରି ଦେଖାଉଛନ୍ତି। ସେମାନଙ୍କୁ ସମର୍ଥନ



କଙ୍ଗନା ରାଣାୱତ୍

ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି। ଆମ ଚାମ୍ପିୟନଙ୍କ ସହ ଛିଡ଼ାହୋଇଥିବାରୁ ମୁଁ ଗର୍ବିତ ବୋଲି ରାଣାୱତ୍ କହିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ତଥା ଭାଜପା ନେତା ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି ଯେ, ଭାରତୀୟ ଆଥ୍‌ଲେଟଙ୍କ ପ୍ରତି ତାଙ୍କର ପ୍ୟାଶନ, ପ୍ରଭାବ ଓ ପ୍ରତିବଦ୍ଧତା କଙ୍ଗନାଙ୍କୁ ନୂଆଦିଲ୍ଲୀରେ ହେବାକୁଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଉପଯୁକ୍ତ ଆମ୍ବାସାଡର ଭାବେ ବିବେଚିତ କରୁଛି। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ ଭାଗନେବେ।

# ଇଂଲଣ୍ଡ ଭଲ ସର୍ଫେସ୍ ଚାହୁଁଛି: ଲିଡ୍ସ କ୍ୟୁରେଟର

**ଲିଡ୍ସ,୧୮।୬(ପି.ଟି.)**

ଆସନ୍ତା ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହା ଉଭୟ ବ୍ୟାଟିଂ ଓ ବୋଲିଂକୁ ସୁହାଉଥିବା ପିଚ୍‌ରେ ଖେଳାଯିବ ବୋଲି ଲିଡ୍ସର ହେଡ୍ ଅଫ୍ ଗ୍ରାଉଣ୍ଡ୍ସ ରିଚାର୍ଡ ରବିନସନ କହିଛନ୍ତି। ଲିଡ୍ସରେ ସାଧାରଣତଃ ସିରିଜ୍‌ର ମଧ୍ୟବର୍ତ୍ତୀ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ଦୀର୍ଘବର୍ଷ ପରେ ଲିଡ୍ସ କୌଣସି ସିରିଜ୍‌ର ପ୍ରଥମ ଟେଷ୍ଟ ଆୟୋଜନ କରିବାକୁ ଯାଉଛି। ଏଣୁ ମ୍ୟାଚ୍‌ରେ କେଉଁଭଳି ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଇଂଲଣ୍ଡ ଦଳ ଏକ ଭଲ ସର୍ଫେସ୍ ଚାହୁଁଛି। ଏଣୁ ପିଚ୍ ପର୍ଯ୍ୟାୟକ୍ରମେ ଉଭୟ ବୋଲିଂ ଓ ବ୍ୟାଟିଂକୁ ସୁହାଇବ। ସେମାନେ ତାହା ହିଁ ଚାହୁଁଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇବ। ପରେ ଅତ୍ୟଧିକ ଖରା କାରଣରୁ ପିଚ୍ ଫ୍ଲାଟ୍ ହେବ ଏବଂ ବ୍ୟାଟିଂ କରିବା ସହଜ ହେବ ବୋଲି ରବିନସନ କହିଛନ୍ତି। ରୋହିତ୍ ଶର୍ମା ଓ ବିରାଟ କୋହଲି ଅବସର ନେଇସାରିଥିବାରୁ ଲୋକେଶ ରାହୁଲ ଭାରତୀୟ ଦଳର ସବୁଠୁ ସିନିୟର ଖେଳାଳି ପାଲଟିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳରେ ପ୍ରାୟତଃ ଯୁବଖେଳାଳି ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ କ୍ୟାରିୟରରେ ପ୍ରଥମଥର ପାଇଁ ଇଂଲଣ୍ଡ ଟୁର୍ କରିଥିବା ବେଳେ କରୁନ ନାୟାର ଅନ୍ତିମଥର ୨୦୧୭ରେ ଟେଷ୍ଟ ଖେଳିଥିଲେ। ଭାରତୀୟ ଦଳ ସୋମବାର ହେଡିଂଲେରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଟିମ୍ ଇଣ୍ଡିଆ ଏଠାରେ ଅଧିକ ମ୍ୟାଚ୍ ଖେଳିନାହିଁ। ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଇନିଂସ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୨୦୦୨ରେ ଏଠାରେ ଭାରତ ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

**ହେଡିଂଲେ,୧୮।୬**

**ଭାରତ ବିପକ୍ଷ ପ୍ରଥମ ଟେଷ୍ଟ**

ଆସନ୍ତା ଶୁକ୍ରବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ପକ୍ଷରୁ ବୁଧବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ସହିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିର ଅଭିଯାନ ଓ ଉଭୟ ଦଳର ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ଆରମ୍ଭ ହେବ।

ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଜେମି ସ୍ମିଥଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆଯାଇଥିବା ବେଳେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଦଳରେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସେଙ୍କ ଭଳି ପେସ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ଓଲି ପୋପ ନଂ-୩ ପୋଜିଶନ ବଜାୟ ରଖିଛନ୍ତି ଏବଂ ଦଳରେ ଏକମାତ୍ର ସ୍ପିନର ଭାବେ ଶୋଏବ ବଶୀରଙ୍କୁ ସ୍ଥାନ ମିଳିଛି।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଏକାଦଶ:** ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟକିପର), କ୍ରିସ ୱୋକ୍ସ, ବ୍ରାଇଡନ କାର୍ସେ, ଜୋଶ ଟଙ୍ଗ ଓ ଶୋଏବ ବଶୀର।

# ବିଶ୍ୱକପ ପୂର୍ବରୁ ପ୍ରକୃଷ୍ଟ ଟୁର୍ନାମେଣ୍ଟ: ହୁଣ୍ଡାଲ

**ବେଙ୍ଗାଲୁରୁ, ୧୮।୬**

**ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି**

ଜର୍ମାନୀର ବର୍ଲିନଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ବର୍ଲିନ ଯାତ୍ରା କରିଛି। ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳିବ। ଏହାପରେ ୨୨ରେ ଅଷ୍ଟ୍ରେଲିଆ ଓ ୨୪ରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୫ରେ ଅନୁଷ୍ଠିତ ହେବ। ସେହିଦିନ ଅନ୍ୟ ୨ ଦଳକୁ ନେଇ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ ୨୦୨୫ ପୂର୍ବରୁ ଏହି ଟୁର୍ନାମେଣ୍ଟ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଆଉ ଅଳ୍ପ କିଛିମାସ ବାକିଥିବାରୁ ଆମେ ନିଜର ଦୋଷ ଦୁର୍ବଳତା ଜାଣିବା ପାଇଁ ଏହା ହିଁ ପ୍ରକୃଷ୍ଟ ଟୁର୍ନାମେଣ୍ଟ। ଏଥିରୁ ଆମେ ଟିମ୍ କମ୍ବିନେଶନ ପ୍ରସ୍ତୁତ କରିବୁ ଏବଂ ଦୁର୍ବଳ ଦିଗ ଉପରେ କାମ କରିବୁ। ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ଏଥିରୁ ଆମର କେତେ ଶକ୍ତି ତାହା ଜଣାପଡ଼ିବ ଏବଂ ମ୍ୟାଚ ଗୁଡ଼ିକରେ ଭିନ୍ନ ରଣନୀତିରେ ଖେଳିବାକୁ ଚେଷ୍ଟା କରିବୁ'' ବୋଲି ଭାରତୀୟ ଦଳର ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲ ପ୍ରକାଶ କରିଛନ୍ତି। ୨୦୨୫ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଆଉ ୬ ମାସରୁ କମ୍ ସମୟ ଥିବାରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ୪ଟି ଯାକ ଦଳ ଭଲ ଅଭ୍ୟାସ ପାଇପାରିବେ।




ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ଜର୍ମାନୀ ଗସ୍ତ କରିଥିବା ଭାରତୀୟ ହକି ଦଳ।

## ସର୍ଜରିର ସମ୍ମୁଖୀନ ହୋଇପାରନ୍ତି ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୧୮।୬(ପି.ଟି.):** ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ନିଆ ସମ୍ପର୍କିତ ଇଞ୍ଜୁରିର ଚିକିତ୍ସା ଲାଗି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ୩୩ ବର୍ଷୀୟ ସୂର୍ଯ୍ୟ ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଆଇପିଏଲ୍ ପରେ ସେ ମୁମ୍ବାଇ ପ୍ରିମିୟର ଲିଗ୍ ଟି୨୦ରେ ମଧ୍ୟ ଭାଗ ନେଇଥିଲେ। ସୂର୍ଯ୍ୟ ଏବେ ସ୍ପୋର୍ଟ୍ସ ହାର୍ନିଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେ ବିଶେଷଜ୍ଞଙ୍କ ସହ ପରାମର୍ଶ ଲାଗି ୟୁକେ ଯାଇଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ନ ଥିବାରୁ ସୂର୍ଯ୍ୟ ତାଙ୍କ ଇଞ୍ଜୁରିର ଉପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପଚାର ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରହିବା ଲାଗି ତାଙ୍କୁ ଯଥେଷ୍ଟ ସମୟ ମିଳିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ